୬ ▶ ପାରାଅଲିମ୍ପିକ୍ସ : ପୁରୁଷ ଏକକ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ଜିତିଲେ ନୀତେଶ କୁମାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୨୧୭ ● ୩ ସେପ୍ଟେମ୍ବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-217 ● 3rd September 2024, Tuesday ● Bhubaneswar | Licensed to post without pre-payment of postage No- BN-60/22-24

## ବିରୋଧୀ ଦଳଙ୍କ ଅନୁପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ପାରିତ

# ଆୟୁଷ୍ମାନ ଯୋଜନା : ଦେଶର ୨୭ ହଜାର ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମିଳିବ ଚିକିତ୍ସା ସେବା

ଭୁବନେଶ୍ୱର, ୨।୯
ନ୍ୟୁଜ୍ ବ୍ୟୁରୋ



ସୋମବାର ବିଧାନସଭାରେ ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସ ବିଧାୟକଙ୍କ ଅନୁପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବାର୍ଷିକ ବଜେଟ୍ ପାରିତ ହୋଇଛି। ସୁଭଦ୍ରା ଯୋଜନାରେ ରାଜ୍ୟର ମହିଳାଙ୍କ ପ୍ରତି ପ୍ରତାରଣା କରାଯାଇଥିବା ପ୍ରତିବାଦ ଜଣାଇ ବିରୋଧୀ ଦଳ ପକ୍ଷରୁ ପ୍ରଥମାର୍ଦ୍ଧ ବୈଠକରେ ଗୃହ ମଝିରେ ହୋ-ହଲ୍ଲା ପାଟିତୁଣ୍ଡ ଓ ନାରାବାଜି ଜାରୀ ରହିବାରୁ ବସ୍ତୁତଃ ଗୃହ କାର୍ଯ୍ୟ ଅଚଳ ହୋଇପଡିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ ବିରୋଧୀ ଦଳ ଏହି ପ୍ରସଙ୍ଗରେ ପ୍ରତିବାଦ ଓ ନାରାବାଜି କରିବା ସହ କକ୍ଷତ୍ୟାଗ କରିଥିଲେ।

ଦ୍ୱିତୀୟାର୍ଦ୍ଧ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ୍ ୨୦୮୩୪ କୋଟି ୩୮ ଲକ୍ଷ ୮୨ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଗତ କରିଥିଲେ। ଏହି ସମୟରେ ବିରୋଧୀ ଦଳ ବିଧାୟକମାନେ ପ୍ରତିବାଦ ଜଣାଇ କକ୍ଷତ୍ୟାଗ କରି ଚାଲି ଯିବାରୁ ଆଲୋଚନାରେ ଭାଗ ନେଇ ପାରିନଥିଲେ। କେବଳ ଶାସକ ଦଳରୁ ୧୨ଜଣ ବିଧାୟକ ଖର୍ଚ୍ଚ ଦାବିକୁ ସମର୍ଥନ କରି ଆଲୋଚନାରେ ଭାଗ ନେଇଥିଲେ।

ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଥିଲେ ଯେ, ମୋହନ ମାଝୀ ସରକାରଙ୍କ ପ୍ରଥମ ବଜେଟ୍‌ରେ ସ୍ୱାସ୍ଥ୍ୟ ବିଭାଗ ପ୍ରତି ପ୍ରାଥମିକତା ଦିଆଯାଇ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ବିଭାଗର ବଜେଟ୍ ପରିମାଣ ୩୨ ପ୍ରତିଶତ ବୃଦ୍ଧି କରାଯାଇଛି। ଆମ୍ବୁଲାନ୍ସ ସର୍ଭିସ୍ ଭଳି ଫ୍ଲାଗସିପ୍ ଯୋଜନାରେ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପୂର୍ବ ବର୍ଷ ଏହି ଯୋଜନା ପାଇଁ ୨୩୮୦ କୋଟି ଟଙ୍କା ବ୍ୟବସ୍ଥା ଥିବା ବେଳେ ଆମ ସରକାର ୩୦୫୬ କୋଟି ଟଙ୍କାକୁ ବଢାଇଛନ୍ତି। ହସ୍‌ପିଟାଲଗୁଡିକର ଭିତ୍ତିଭୂମି ବିକାଶ ପାଇଁ ୭୨୫ କୋଟି ଟଙ୍କା ବିଗତ ସରକାରଙ୍କ ସମୟରେ ଥିବା ବେଳେ ଆମ ସରକାର ଏହାକୁ ୧୩୧୪ କୋଟି ଟଙ୍କାକୁ ବଢାଇଛନ୍ତି। ସେହିପରି ହସ୍‌ପିଟାଲର ଅତ୍ୟାଧୁନିକ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଉପକରଣ ପାଇଁ ୫୯୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି।

ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାରେ ପ୍ରଥମଥର ପାଇଁ ୨୦୨୪-୨୫ରେ ଆୟୁଷ୍ମାନ ଯୋଜନା ଆମେ ଲାଗୁ କରିବାକୁ ଯାଉଛୁ। ଏଥିପାଇଁ ବଜେଟ୍‌ରେ ୫୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ବିଜୁ ସ୍ୱାସ୍ଥ୍ୟ ଯୋଜନାର ନାମ ପରିବର୍ତ୍ତନ କରି ମୋହନ ସରକାର ନେମ୍ ଚେଞ୍ଜର ବୋଲି ବିରୋଧୀ ଦଳର ଆକ୍ଷେପକୁ ଖଣ୍ଡନ କରି ସ୍ୱାସ୍ଥ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

# କୃଷକଙ୍କ ପାଇଁ ମୋଦି ସରକାରଙ୍କ ବଡ଼ ନିଷ୍ପତ୍ତି



ନୂଆଦିଲ୍ଲୀ, ୨।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୭ଟି ବଡ଼ ନିଷ୍ପତ୍ତି ନିଆଯାଇଛି। ଏଥିରେ କୃଷି କ୍ଷେତ୍ର ସହ ଜଡିତ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନ୍ତର୍ଭୁକ୍ତ।

ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ସେ କହିଛନ୍ତି, କ୍ୟାବିନେଟ ବୈଠକରେ କୃଷକଙ୍କ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କ ଆୟ ବୃଦ୍ଧି ପାଇଁ କେତେକ ବଡ଼ ନିଷ୍ପତ୍ତି ନିଆଯାଇଛି। ପ୍ରଥମଟି ହେଉଛି ଡିଜିଟାଲ କୃଷି ମିଶନ। କୃଷି ପାଇଁ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଭଳି ଏହାର ବିକାଶ କରାଯାଉଛି । କିଛି ଭଲ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହୋଇଛି ଏବଂ ଆମେ ସଫଳତା ପାଇଛୁ। ଏହାକୁ ଆଧାର କରି ମୋଟ ୨,୮୧୭ କୋଟି ଟଙ୍କା ବିନିଯୋଗରେ ଡିଜିଟାଲ କୃଷି ମିଶନ ପ୍ରତିଷ୍ଠା କରାଯିବ। କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି, ଦ୍ୱିତୀୟ ନିଷ୍ପତ୍ତି *(ପୃଷ୍ଠା ୭ରେ)*

# ସବୁ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବା ଦାବିରେ ବିରୋଧୀଙ୍କ ହଙ୍ଗାମା

ଭୁବନେଶ୍ୱର, ୨।୯
ନ୍ୟୁଜ୍ ବ୍ୟୁରୋ

ସୁଭଦ୍ରା ଯୋଜନାରେ ବ୍ୟାପକ ଅନିୟମିତତା ଏବଂ ପାତର ଅନ୍ତର କରାଯାଇଥିବା ପ୍ରତିବାଦ ଉଠାଇ ସୋମବାର ବିଧାନସଭାରେ ବିରୋଧୀ ଦଳ ପକ୍ଷରୁ ଗୃହ ମଝିରେ ପାଟିତୁଣ୍ଡ, ହଙ୍ଗାମା, ନାରାବାଜି କରାଯିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଗୃହରେ ଶୋକ ପ୍ରସ୍ତାବ ଆଲୋଚନା ଓ ଗ୍ରହଣ ପରେ ବିରୋଧୀ ଦଳ ଏହି ଦାବି ଉଠାଇ ଥିଲେ। ପ୍ରଥମେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନିଜ ଆସନରେ ଠିଆ ହୋଇ ସୁଭଦ୍ରା ଯୋଜନା ପ୍ରସଙ୍ଗ ଉଠାଇଥିଲେ। ସୁଭଦ୍ରା ଯୋଜନାରେ ମହିଳାମାନଙ୍କ ପ୍ରତି ପ୍ରତାରଣା କରାଯାଇଥିବା ଅଭିଯୋଗ କରିବା ସହ ରାଜ୍ୟର ସବୁ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯାଉ ବୋଲି ଦାବି କରିଥିଲେ। ସେ ଦର୍ଶାଇଥିଲେ ନିର୍ବାଚନ ପୂର୍ବରୁ ବିଜେପି ରାଜ୍ୟର ସବୁ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା ହେଲେ ଏବେ ସରକାର ଯେଉଁ ଘୋଷଣା କରିଛନ୍ତି ସେଥିରେ ନିର୍ଦ୍ଦିଷ୍ଟ ସଂଖ୍ୟକ ମହିଳାଙ୍କ କଥା କୁହାଯାଇଛି। ତେଣୁ ଆମେ ଏହାର ପ୍ରତିବାଦ କରୁଛୁ। ଶ୍ରୀମତୀ ମଲ୍ଲିକ ଏହି କଥା କହିବା ପରେ ବିଜେଡ଼ି ଦଳର ବିଧାୟକମାନେ ଗୃହର ମଧ ଭାଗକୁ ଚାଲିଆସିଥିଲେ। ଅନୁରୂପ ଭାବେ କଂଗ୍ରେସ ବିଧାୟକମାନେ ମଧ ସେମାନଙ୍କ ସହ ସାମିଲ ହୋଇଥିଲେ। ସେମାନେ ଏହି ପ୍ରସଙ୍ଗରେ ପ୍ରତିବାଦ ସ୍ୱରୂପ ଗୃହର ମଧଭାଗରେ ଏକାଠି ହୋଇ ପ୍ରବଳ ପାଟିତୁଣ୍ଡ, ହଙ୍ଗାମା, ନାରାବାଜି ଚଳାଇଥିଲେ। ଏପରିକି ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମକୁ ବାଢ଼େଇବା ସହ ଉଚ୍ଚସ୍ୱରରେ ପ୍ରତିବାଦ ମଧ କରିଥିଲେ। ଯାହାଫଳରେ ବାଚସ୍ପତି ଗୃହରେ ସ୍ୱାଭାବିକ ବାତାବରଣ ଫେରାଇ ଆଣିବା ପାଇଁ ବିରୋଧୀ ଦଳଙ୍କ ଉଦ୍ଦେଶ୍ୟରେ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ସୁଭଦ୍ରା ପୋର୍ଟାଲ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୯
ନ୍ୟୁଜ୍ ବ୍ୟୁରୋ



ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି । ବହୁ କଳ୍ପନା ଜଳ୍ପନା ପରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନଲାଇନ ଆବେଦନ ପାଇଁ ସୋମବାର ସୁଭଦ୍ରା *(ପୃଷ୍ଠା ୭ରେ)*




ଏହା ରାଜ୍ୟ ସରକାରଙ୍କର "ସୁଭଦ୍ରା" ପାଇଁ ଏକମାତ୍ର ସରକାରୀ ୱେବସାଇଟ୍ ।
ଏହି ପୋର୍ଟାଲ ବ୍ୟତୀତ ଅନ୍ୟ କୌଣସି ୱେବସାଇଟ୍ ବା ପୋର୍ଟାଲ ସରକାରୀ ନୁହେଁ ଏବଂ ତାହା ନକଲି ଓ ଭ୍ରମାତ୍ମକ ଅଟେ ।



ସବୁ ଯୋଗ୍ୟ ମହିଳାଙ୍କୁ ୫୦ ହଜାର ଟଙ୍କା
(ପ୍ରତି ବର୍ଷ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା)

ଟିପ୍ପଣୀ
- ଆବେଦନ ଫର୍ମ ସମ୍ପୂର୍ଣ୍ଣ ନିଃଶୁଳ୍କ ଅଟେ
- ମୋ ସେବା / ଜନସେବା କେନ୍ଦ୍ରରେ ଅନଲାଇନ ଫର୍ମ ଆବେଦନ ଏବଂ ତାହା ସହିତ ଆବଶ୍ୟକୀୟ ସମସ୍ତ କାର୍ଯ୍ୟାବଳୀ ସମ୍ପୂର୍ଣ୍ଣ ଦେୟମୁକ୍ତ
- ଆବେଦନକାରୀ କେବଳ ନିଜର ଆଧାର କାର୍ଡକୁ ସାଙ୍ଗରେ ନେବା ଆବଶ୍ୟକ । ଏହାଛଡ଼ା ଅନ୍ୟ କୌଣସି କାଗଜପତ୍ର ଆବଶ୍ୟକ ନୁହେଁ
- ଅଧିକ ସୂଚନା ପାଇଁ ଦୟାକରି ଦେୟମୁକ୍ତ ହେଲ୍ପଲାଇନ ନମ୍ବର **୧୪୬୭୮** ରେ ଯୋଗାଯୋଗ କରନ୍ତୁ

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ଦେୟମୁକ୍ତ ସହାୟତା ନମ୍ବର ୧୪୬୭୮

OIPR : 33001/13/0003/2425

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ସେପ୍ଟେମ୍ବର, ମଙ୍ଗଳବାର, ୨୦୨୪





# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଏସୟୁଜେର ଦାବି

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତାଙ୍କୁ ସାମିଲ ଓ ୫ଲକ୍ଷ ବଦଳରେ ୨୦ଲକ୍ଷ ଟଙ୍କା ପ୍ରଦାନ ଦାବି କରିଛି, ଷ୍ଟେଟ ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଏସୟୁଜେ)ଓଡିଶା ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ଶାଖାଗୁଡିକ ପକ୍ଷରୁ ୭ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ଶାଖା ଏସୟୁଜେ ସଭାପତି ଶିବ ନାରାୟଣ ଗଉଡ଼ଙ୍କ ନେତୃତ୍ୱରେ ଦାବିପତ୍ର ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀ ଏବଂ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କୁ ପ୍ରଦାନ କରାଯାଇଥିଲା । ଉକ୍ତ ଦାବିପତ୍ରରେ ଦେଶର ଅନ୍ୟ କେତେକ ରାଜ୍ୟଭଳି ଆମ ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକ ଏବଂ ଅବସର ଗ୍ରହଣ କରିଥିବା ବା ୬୦ବର୍ଷ ବୟସରୁ ଉର୍ଦ୍ଧ୍ୱ ସାମ୍ବାଦିକମାନଙ୍କୁ ଯଥାକ୍ରମେ ୨୫ ହଜାର ଟଙ୍କା ଭତ୍ତା ଓ ପେନସନ୍ ପ୍ରଦାନ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ବ୍ୟବସ୍ଥାରେ ରହିଥିବା ନିୟମ ଅନୁଯାୟୀ ପ୍ରତିବର୍ଷ କାର୍ଯ୍ୟରତ ସାମ୍ବାଦିକମାନଙ୍କ ନିଯୁକ୍ତି ନେଇ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ ଯେଉଁ ସୁପାରିସ ପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଉଅଛି, ସେଥିରେ ୬୦ବର୍ଷ ବା ତା'ଠାରୁ ଉର୍ଦ୍ଧ୍ୱ ସାମ୍ବାଦିକମାନଙ୍କ ପାଇଁ ସେ ବ୍ୟବସ୍ଥାକୁ ଉଚ୍ଛେଦ କରି ବରଂ ଏହାକୁ ସ୍ୱଂୟ ନବୀକରଣ ବ୍ୟବସ୍ଥା କରିବା, ଅଧିକାଂଶ ଗଣମାଧ୍ୟମର ମୁଖ୍ୟାଳୟ ପ୍ରମୁଖ ସରକାରୀ କାର୍ଯ୍ୟାଳୟ, ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଏବଂ ପ୍ରତିଷ୍ଠିତ ଚିକିତ୍ସାଳୟ ଗୁଡ଼ିକ ରାଜଧାନୀ ଭୁବନେଶ୍ୱରରେ ରହିଥିବାରୁ ସାମ୍ବାଦିକମାନଙ୍କ ସାମୟିକ ଅବସ୍ଥାନ ନିମନ୍ତେ ୧୦୦ଶଯ୍ୟା ବିଶିଷ୍ଟ ଏକ ଅତିଥି ଭବନ (ଗେଷ୍ଟ ହାଉସ)ନିର୍ମାଣ କରାଯାଇ ସ୍ୱଳ୍ପ ମୂଲ୍ୟରେ ସାମ୍ବାଦିକ ଏବଂ ସେମାନଙ୍କ ପରିବାରକୁ ଅବସ୍ଥାର ବ୍ୟବସ୍ଥା କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତାଙ୍କୁ ସାମିଲ ସହିତ ଏହାର ଆକାରକୁ ୫ଲକ୍ଷ ପରିବର୍ତ୍ତେ ୨୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, କୌଣସି ସାମ୍ବାଦିକ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୨୫ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବା ଏବଂ ସାମ୍ବାଦିକମାନଙ୍କ ପାଇଁ ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବା ସରକାରୀ ଡାକ ବଙ୍ଗଳା, ଅତିଥି ଭବନ ଓ ସର୍କିଟ ହାଉସମାନଙ୍କରେ ସାମ୍ବାଦିକମାନଙ୍କୁ ସ୍ୱଚ୍ଛ ମୂଲ୍ୟରେ ଅବସ୍ଥାନ ବ୍ୟବସ୍ଥା କରାଯିବା ଆଦି ଦାବି ଉଲ୍ଲେଖ ରହିଛି । ଏହି ଦାବିପତ୍ର ପ୍ରଦାନ ବେଳେ ସାଧାରଣ ସଂପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାରଣା, ସାଂଗଠନିକ ସଂପାଦକ ମୃତ୍ୟୁଞ୍ଜୟ ନନ୍ଦଙ୍କ ସମେତ ସଭ୍ୟ ତେଲି ନାୟକ, ଉଦୟ କିରଣ କୁମାର, ତୁଷାର ରଂଜନ ସାହୁ,ରାଜ କୁମାର ଲିମା, ସଦାନନ୍ଦ ପେଦେଣ୍ଟି, ବି.ମୁରଲୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ବର୍ଷା ଯୋଗୁଁ ସାଇମନ୍ଦିର ରାସ୍ତାରେ ଜମୁଛି ଆଣ୍ଠୁଏ ଉଚ୍ଚର ପାଣି : ଲୋକେ ହନ୍ତସନ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବର୍ଷା ଯୋଗୁଁ ସାଇମନ୍ଦିର ରାସ୍ତାରେ ଜମୁଛି ଆଣ୍ଠୁଏ ଉଚ୍ଚର ପାଣି । ଦୀର୍ଘ ଦିନ ହେଲାଣି ଏଭଳି ସମସ୍ୟା ଦେଖାଦେଇଥିବା ବେଳେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ କଟକ-ପୁରୀ ବାଇପାସ୍ ରାସ୍ତାଠାରୁ ଟଙ୍କପାଣି ସେତୁକୁ ସଂଯୋଗ ରାସ୍ତାରେ ବାଉଁଶ ପକାଇ ଅବରୋଧ କରିଥିଲେ। ଏହାଦ୍ୱାର ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପ୍ରାୟ ୧ଘଣ୍ଟା ଧରି ଉଭୟ ପାର୍ଶ୍ୱରେ ଶତାଧିକ ଲୋକେ ହଇରାଣ ହୋଇଥିଲେ। ସ୍ଥାନୀୟ ବିଧାୟକ ସାଂସଦ ଆସିବା ପରେ ରାସ୍ତା ଅବରୋଧ ହଟିବ ବୋଲି ଆନ୍ଦୋଳନକାରୀ ଦାବି କରିଥିଲେ। ବଡ଼ଗଡ଼ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରିବା ପରେ ଅବରୋଧ ହଟିବା ସହ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପଞ୍ଚାୟତରୁ ବିଏମ୍‌ସି ଅଧୀନକୁ ଉକ୍ତ ଅଞ୍ଚଳ ଆସିବା ପରେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ବୁଧବାର ପାଣି ଜମିବା ରାସ୍ତାରେ ୨୦ରୁ ଅଧିକ ଗାଡ଼ିଚାଳକ ଖାଲରେ ପଡ଼ି ଆହତ ହୋଇଥିଲେ। ସୂଚନାଯୋଗ୍ୟ, ସାଇ ମନ୍ଦିର ସାମ୍ନାରେ ପ୍ରତିବର୍ଷ ବର୍ଷା ପାଣି ଜମୁଛି। ପିଚୁ ଓ କଂକ୍ରିଟ ରାସ୍ତାରେ ଆବର୍ଜନା ମିଶା ପାଣି ଲହଡ଼ି ମାରୁଛି। ପ୍ରତିଦିନ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରିବାକୁ ଆସୁଛନ୍ତି। ସାଇମନ୍ଦିର ନିକଟରେ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ଶିକ୍ଷାନୁଷ୍ଠାନ ଚାରିପଟେ ପାଣି ଜମି ରହିବା ଯୋଗୁଁ ଅଭିଭାବକ ସେମାନଙ୍କ ପିଲାଙ୍କୁ ଶିକ୍ଷାନୁଷ୍ଠାନରେ ଛାଡ଼ିବାକୁ ଭୟ କରୁଛନ୍ତି। ବ୍ୟବସାୟୀଙ୍କ ଦୋକାନ ସାମ୍ନାରେ ପାଣି ଜମିବା ଯୋଗୁଁ ବେପାର ମାନ୍ଦା ହୋଇଯାଇଛି। ବାଙ୍କୁଆଳ ପଞ୍ଚାୟତରୁ ଉକ୍ତ ଅଞ୍ଚଳ କଟି ବିଏମ୍‌ସିର ୪୪ନଂ ୱାର୍ଡ ଅଧୀନରେ ରହିଛି। ବିଏମ୍‌ସି ପକ୍ଷରୁ ସେଠାରେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଟଙ୍କପାଣି କୁଆଖାଇ ନଦୀବନ୍ଧ ସେତୁଠାରୁ ଟଙ୍କପାଣି ଛକ ପର୍ଯ୍ୟନ୍ତ ରାସ୍ତାଟି ପୂର୍ତ୍ତ ବିଭାଗ ଡିଭିଜନ-୧ ଅଧୀନରେ ରହିଛି। ରାସ୍ତାର ଉଭୟ ପାର୍ଶ୍ୱର ସରକାରୀ ଜମି ଜବରଦଖଲ ହେବା ସହ ପାଣି ନିଷ୍କାସନ ପଥ ବନ୍ଦ ହୋଇଯାଇଛି। ପୂର୍ତ୍ତ ବିଭାଗ ଗତବର୍ଷ ଟଙ୍କପାଣି କୁଆଖାଇ ସେତୁଠାରୁ କଟକ-ପୁରୀ ବାଇପାସ୍ ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍, ଉଭୟ ପାର୍ଶ୍ୱରେ ନାଳ ନିର୍ମାଣ ଓ ପାଦଚଲା ରାସ୍ତା କରିବା ଲାଗି ବ୍ୟୟ ଅଟକଳ କରିଥିଲା। ୧କି.ମି. ୯୦୦ମିଟର ରାସ୍ତାର ଉନ୍ନତିକରଣ ଓ ନାଳ ନିର୍ମାଣ ପାଇଁ ୧୬କୋଟି ଟଙ୍କା ବ୍ୟୟବରାଦ ହୋଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା। ଟେଣ୍ଡରକୁ ବର୍ଷେ ପୂରିଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଏହାକୁ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

# ବେକରେ ଗାମୁଛା ଲଗାଇ ଝୁଲିପଡ଼ିଲେ ହାବିଲଦାର

**କଟକ, ନ୍ୟୁଜ୍ ବ୍ୟୁରୋ**

ବେକରେ ଗାମୁଛା ଲଗାଇ ଝୁଲିପଡିଲେ ହାବିଲଦାର। କଟକ ଓଏମପି ସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ଥିବା କୋଠରିରୁ ମିଳିଲା ମୃତଦେହ। ମୃତ ହାବିଲଦାର ଜଣଙ୍କ ହେଲେ ତ୍ରିଲୋଚନ ସେଠୀ। ଯାଜପୁର ବରୀ ଅଞ୍ଚଳର ତ୍ରିଲୋଚନ। ଦୀର୍ଘ ଦିନ ହେବ ତ୍ରିଲୋଚନଙ୍କର ପାରିବାରିକ ଅଶାନ୍ତି ଲାଗିରହିଥିଲା। ଅଧିକାଂଶ ସମୟ ସେ ମାନସିକ ଚାପରେ ରହୁଥିଲେ। ତ୍ରିଲୋଚନ ଦୀର୍ଘ ଦିନ ଧରି କଟକରେ କାମ କରୁଥିଲେ। ସେ ବିବାହ କରି ପରିବାର ସହିତ ରହୁଥିଲେ ହେଁ ଅନ୍ୟ ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିବା ଅଭିଯୋଗ ହୋଇଥିଲା। ପରିବାର ନୂଆବଜାର ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଅଧିକାଂଶ ସମୟ ଘରକୁ ନଯାଇ ସେ ବାରାକରେ ରହୁଥିଲେ। ସେ ଏସ୍‌ସିବି ମେଡିକାଲରୁ ଡ୍ୟୁଟି ସାରି ବାଟାଲିୟନ ଆସିଥିଲେ। ରାତି ଖାଇବା ଖାଇ ଶୋଇବାକୁ ଯାଇଥିଲେ। ତାଙ୍କର ମୃତ ଶରୀର ରୁମ୍‌ରୁ ମିଳିଛି। ଚାଉଳିଆ ଗଞ୍ଜ ପୋଲିସ ବାଟାଲିୟନରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରାସ୍ତା ଦୁରବସ୍ଥା : ମୃତ ଶିଶୁ ଜନ୍ମ ଦେଲେ ଗର୍ଭବତୀ



**ସମ୍ବଲପୁର**

କାଦୁଅ ପଚପଚ ରାସ୍ତାରେ ଆସିପାରିଲାନି ଆମ୍ବୁଲାନ୍ସ। ଭରା ଭରା ନାଳରେ ବୁହାଗଲେ ରୋଗୀ। ସମ୍ବଲପୁରରୁ ସାମ୍ନାକୁ ଆସିଛି ଏହି ଦୁଇ ଦୁଇଟି ଅଭାବନୀୟ ଦୃଶ୍ୟ। ଏଠାକାର ରାସ୍ତା ସମସ୍ୟା ବଖାଣୁଛି ବିକାଶର ନଗ୍ନ ଚିତ୍ର। ଗୋଟିଏ ପଟେ ରେଢ଼ାଖୋଲ ବ୍ଲକ ଲୁହାପଙ୍କ ଅଞ୍ଚଳରେ ଗର୍ଭବତୀଙ୍କୁ ଖଟିଆରେ ବୁହା ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କୁଚିଣ୍ଡା ନିକଟରେ ରାସ୍ତା ସମସ୍ୟା ଯୋଗୁ ଜଣେ ରୋଗୀ ଡାକ୍ତରଖାନା ଯିବାବେଳେ ବାଧା ଉପୁଜିଥିବା ଦେଖିବାକୁ ମିଳିଛି। ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ଖର୍ସାଲି ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା। ସୂଚନା ଅନୁସାରେ, ଖର୍ସାଲି ଗ୍ରାମର ରଥି କିଶାନଙ୍କ ପତ୍ନୀ ପ୍ରମିଳା କିଶାନଙ୍କ ପ୍ରସବ ବେଦନା ହୋଇଥିଲା। ତାଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ କରିଥିଲେ ପରିବାରଲୋକେ। କିନ୍ତୁ ଗାଁ ରାସ୍ତା ଭଲ ନଥିବାରୁ ତାଙ୍କ ଘରଠାରୁ ପ୍ରାୟ ଅଢେଇ କିଲୋମିଟର ଦୂର ବେତଗଡ଼ଠାରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ଏଭଳି ପରିସ୍ଥିତିରେ ଆମ୍ବୁଲାନ୍ସ କର୍ମଚାରୀ ସେଠାରେ ପହଞ୍ଚିବା ପୂର୍ବରୁ ମହିଳା ଜଣଙ୍କ ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପରେ ତାଙ୍କୁ ଆମ୍ବୁଲାନ୍ସ କର୍ମଚାରୀ ସୁଜିତ ସାହୁ, ଦୀପକ ପ୍ରଧାନ ଓ କପିଳ ପ୍ରଧାନ ଏବଂ ଆଶାକର୍ମୀଙ୍କ ସହାୟତାରେ ଷ୍ଟେଚର ଯୋଗେ ତାଙ୍କୁ ଆମ୍ବୁଲାନ୍ସ ନିକଟକୁ ବୋହି ଅଣାଯାଇଥିଲା। ତାଙ୍କୁ ନିକଟସ୍ଥ ରେଢ଼ାଖୋଲ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ସେବା ମନୋଭାବକୁ ଅଞ୍ଚଳବାସୀ ପ୍ରଶଂସା କରିବା ସହିତ ଏହି ଗାଁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବିଲୁଙ୍ଗ ଗାଁ ନେଟିଡିହି ପଡାର ସୁରଜ କିଶାନ ସପ୍ତାହେ ହେବ ଅସୁସ୍ଥ ରହିଥିଲେ। ଲଗାଣ ବର୍ଷା ଯୋଗୁଁ ଡାକ୍ତରଖାନା ଯାଇ ନପାରି ଘରେ ପଡି ରହିଥିଲେ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡିବାରୁ ୧୦୮ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ଗାଁକୁ ଯେଉଁ ରାସ୍ତା ଅଛି ତାହା କାଦୁଅ ପଚ୍ ପଚ୍। ପୁଣି ବାଟରେ ପଡୁଛି ନାଳ। ଏଭଳି ସ୍ଥିତିରେ ଆମ୍ବୁଲାନ୍ସ ଗାଁକୁ ଆସିପାରିଲା ନାହିଁ। କେଶାଇବାହାଲଠାରୁ ଆମ୍ବୁଲାନ୍ସ ଆସିଥିଲେ ବି ପାର୍ ନହୋଇପାରି ମନ୍ଦଳିଆ ନାଳ ନିକଟରେ ଅଟକି ରହିଥିଲା। ଆଉ କୌଣସି ଉପାୟ ନପାଇ ଗାଁ ଲୋକେ ରୋଗୀଙ୍କୁ ବୋହି ନାଳ ପାର ହୋଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ। ପରେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

# ଗାଡ଼କଣ ଟିଟିଏସ୍ ଅଳିଆଗଦାରୁ ନିର୍ଗତ ଆବର୍ଜନା ପାଣି ଭୂତଳ ଜଳସ୍ତରକୁ ନଷ୍ଟ କରୁଛି

**ଚନ୍ଦ୍ରଶେଖରପୁର, ନ୍ୟୁଜ୍ ବ୍ୟୁରୋ**



୨୦୨୪ ମାର୍ଚ୍ଚ ମାସ କଣ୍ଟ ପୂରିଲା ଜୁନ୍ ବି ସରିଲା। ଏବେ ଅଗଷ୍ଟ ସରିବାକୁ ବସିଲାଣି, ମାତ୍ର ଗାଡ଼କଣ ଟିଟିଏସ୍‌ରୁ ଅଳିଆ ସରିବାର ନାଁ ଧରୁନାହିଁ ବରଂ ଦିନକୁ ଦିନ ଅଳିଆ ଉଛୁଳିବାରେ ଲାଗିଛି। ଏତେ ପରିମାଣ ଅଳିଆ ଜମା ହେଲାଣି ଯେ କେଉଁଠି ଦସ୍ତା ପାଚେରି ଭାଙ୍ଗିଲାଣି ତ ଆଉ କେଉଁଠି ରାସ୍ତାରେ ଆବର୍ଜନା ପାଣି ଢେଉ ଖେଳିଲାଣି। ସମସ୍ୟାର ସ୍ଥାୟୀ ସମାଧାନ ପରିବର୍ତ୍ତେ ମେସିନ୍ ସାହାଯ୍ୟରେ ଅଳିଆ ଗଦାର ଉଚ୍ଚତା ହ୍ରାସ କରାଯାଉଛି। ମେସିନ୍ ଲଗାଯାଇ ଅଳିଆକୁ ଖେଳାଇବା କାମ ଚାଲିଛି। ଏହାଦ୍ୱାରା ଅଳିଆ ଗଦାର ଉଚ୍ଚତା ସିନା କମିଯାଉଛି, ହେଲେ ଓସାର ପୂର୍ବ ଭଳି ରହିଛି। ଏବେ ବର୍ଷାଦିନ ହୋଇଥିବାରୁ ଏଠାକାର ଅବସ୍ଥା ନକହିବା ଭଲ। ପ୍ରତିଦିନ ଅଳିଆ ଗଦାରୁ ବାହାରୁଥିବା ଆବର୍ଜନା ପାଣି ଏବେ ସ୍ଥାନୀୟ ଅଞ୍ଚଳର ଭୂତଳ ଜଳସ୍ତରକୁ ନଷ୍ଟ କରିବାରେ ଲାଗିଛି। ଆଖାପାଖ ୩ କି.ମି ପର୍ଯ୍ୟନ୍ତ ଗାଁର କୂଅ, ପୋଖରୀ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ଏତିକିରେ ସରିନି ନିର୍ଯାତନା, ଅଳିଆ ଗଦାର କଳା ପାଣି ଡ୍ରେନ୍‌ରେ ମିଶିବା ଦ୍ୱାରା ଲୋକେ ତ୍ରାହି ତ୍ରାହି ଡାକିଲେଣି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଯେଉଁ ଅଳିଆ ଗଦାକୁ ବିରୋଧ କରି ଦିନେ ବିଜେପି ରାସ୍ତାକୁ ଓହ୍ଲାଇଥିଲା। ସେହି ଦଳ ଏବେ ସରକାରରେ ନୂଆ ମନ୍ତ୍ରିମଣ୍ଡଳ ଦାୟିତ୍ୱ ଗ୍ରହଣ କରିବାକୁ ଦୁଇମାସ ବିତିଯାଇଥିଲେ ମଧ୍ୟ ଅଳିଆ ଗଦାର ସ୍ଥାୟୀ ସମାଧାନ କରିବା ଦିଗରେ କୌଣସି ପଦକ୍ଷେପ ନିଆ ଯାଇନାହିଁ। ସମୀକ୍ଷା ତ ଦୂରର କଥା, ବିଏମ୍‌ସିକୁ ତାଗିଦ୍ କରି ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା କଥା ହେଉଛି ଯେ ଅଳିଆ ଗଦା ବିରୋଧରେ ଡିସେମ୍ବର ମାସରେ ବିଜେପି ସତ୍ୟାଗ୍ରହ କରିଥିଲା। ସତ୍ୟାଗ୍ରହର ୧୨ତମ ଦିନରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ତଥା ତତ୍‌କାଳୀନ ବିଜେପି ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପିର ବିଧାୟକମାନେ ଅଳିଆ ଗଦା ପରିଦର୍ଶନ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇଥିଲେ। ଶ୍ରୀ ମାଝୀ କହିଥିଲେ ଯେ ସାରା ସହର ଏବେ ଦୁର୍ଗନ୍ଧରେ ଫାଟି ପଡୁଛି। ବହୁ ସଂଖ୍ୟକ ଲୋକ ଡେଙ୍ଗୁରେ ମୃତ୍ୟୁବରଣ କରୁଛନ୍ତି। ଯେଉଁମାନଙ୍କ ଅବହେଳାରୁ ଲୋକଙ୍କ ଜୀବନ ଯାଇଛି, ଆଇନ ଅନୁଯାୟୀ ସେମାନେ ଦଣ୍ଡିତ ହେବା ଉଚିତ୍। ସରକାର ତୁରନ୍ତ ଗାଡ଼କଣସ୍ଥିତ କୃତ୍ରିମ ଅଳିଆ ପାହାଡ଼ର ସ୍ଥାୟୀ ସମାଧାନ କରନ୍ତୁ ସମୟକ୍ରମେ ସେତେବେଳର ବିଜେପି ବିଧାୟକ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଏବେ ମୁଖ୍ୟମନ୍ତ୍ରୀ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ତେଣୁ ଘଟଣାରେ ହସ୍ତକ୍ଷେପ କରି ତୁରନ୍ତ ପଦକ୍ଷେପ ନେବାକୁ ଆଞ୍ଚଳିକ ସୁରକ୍ଷା ମଞ୍ଚ ଦାବି କରିଛି। ସେପଟେ ଅସ୍ଥାୟୀ ଭାବେ ପ୍ରତିଷ୍ଠା ହୋଇଥିବା ଏହି ଅଳିଆ ଗଦା ଏବେ ସ୍ଥାୟୀ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ଅଳିଆ ପ୍ରକ୍ରିୟାକରଣ କରିବାକୁ ପ୍ରଥମେ ଯନ୍ତ୍ରାଂଶ ବସାଗଲା ତା ପରେ ଜମି ଅଧିଗ୍ରହଣ କରାଯାଇ ଅଳିଆ ଗଦାକୁ ବିଏମ୍‌ସି ପ୍ରଶସ୍ତ କରିଥିଲା। ଏବେ ଅଳିଆ ଗାଡ଼ି ଯିବା ଆସିବାର ସୁବିଧା କରିବାକୁ ପ୍ରଶସ୍ତ ରାସ୍ତା ସହ ଫାଟକ ନିର୍ମାଣ ଚାଲିଛି। ଏହାରି ଭିତରେ ଆଗକୁ ଶୀତଦିନ ଆସିବାକୁ ଥିବାରୁ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଏବେ ଯେଉଁଭଳି ଭାବେ ଅଳିଆ ଜମା ହୋଇ ରହିଛି ଶୀତ ଦିନରେ ପବନର ବେଗ ବଦଳିବା କ୍ଷଣି ପୁଣିଥରେ ସହରବାସୀ ହନ୍ତସନ୍ତ ହେବେ। ବିଶେଷକରି ଗାଡ଼କଣ, ରଙ୍ଗମାଟିଆ, ଭୋଟପଡ଼ା, ରେଲୱେ କଲୋନୀ, ଆଦିମାତା କଲୋନି, ଭିଏସ୍‌ଏସ୍‌ନଗର, ଗଜପତିନଗର, ସୁବାସ ଏନ୍‌କ୍ଲେଭ, ଶକ୍ତିବିହାର, ଗଜପତିନଗର, ଲକ୍ଷ୍ମୀବିହାର, ପ୍ରଗତିବିହାର ପରି ଅଞ୍ଚଳାବାସୀ ପୁଣିଥରେ ଅଳିଆ ଦୁର୍ଗନ୍ଧରେ ଘାଣ୍ଟି ହେବା ଏକପ୍ରକାର ଥୟ ସେପଟେ ଏନ୍‌ଜିଟି ଜଞ୍ଜାଳରୁ ଟିଟିଏସ୍ ମୁକ୍ତହେବା ଘଟଣାକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏବେ ମଧ୍ୟ ଏଠାରେ ହଜାର ହଜାର ଟନ୍ ଅଳିଆ ଜମା ହୋଇରହିଛି। ୧୦ ଖଣ୍ଡ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏନ୍‌ଜିଟିର ତଦନ୍ତ କାହା ସ୍ୱାର୍ଥରେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି।

# କନଷ୍ଟେବଲ ନିଯୁକ୍ତି ପରୀକ୍ଷା ବେଳେ ୨୫ ବେହୋସ, ୩ ମୃତ

**ଝାଡଖଣ୍ଡ**

ଝାଡ଼ଖଣ୍ଡର ପଲାମୁରେ କନଷ୍ଟେବଲ ନିଯୁକ୍ତି ପାଇଁ ଫିଜିକାଲ ଟେଷ୍ଟ ବେଳେ ଘଟିଛି ଅଘଟଣ। ପରୀକ୍ଷା ବେଳେ ଅତ୍ୟଧିକ ଶାରୀରିକ ପରିଶ୍ରମ ଯୋଗୁ ପ୍ରାୟ ୨୫ ପରିକ୍ଷାର୍ଥୀ ବେହୋସ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ମୃତ୍ୟୁ ଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ୨୫ ବର୍ଷୀୟ ଯୁବକ ଓ ଜଣେ ୨୦ ବର୍ଷୀୟ ଯୁବକ ବୋଲି ଜଣାପଡ଼ିଛି। ବେହୋସ ହୋଇ ପଡ଼ିଥିବା ପରିକ୍ଷାର୍ଥୀଙ୍କୁ ପ୍ରଥମେ ମେଦିନିରାୟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଞ୍ଚିର ରିମ୍ସ ହସ୍ପିଟାଲରେ ଜଣଙ୍କ ମୃତ୍ୟୁ ଘଟିଥିଲା। ହସ୍ପିଟାଲ ଅଧିକ୍ଷକ ଡା. ଆରକେ ରଞ୍ଜନଙ୍କ ସୂଚନା ଅନୁଯାୟୀ, ସମସ୍ତଙ୍କ ମୃତ୍ୟୁ ଅଣନିଶ୍ୱାସୀ ହୋଇ ହୋଇଥିଲା।

# ସେପ୍ଟେମ୍ବର ୨୯ରେ ନୂଆଁଖାଇ ଭେଟ୍‌ଘାଟ୍

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଜିଲ୍ଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଗୋବିନ୍ଦ ଦାଶଙ୍କ ସଭାପତିତ୍ୱ ତଥା ସତ୍ୟନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ବରଗଡ଼ର ସର୍ବ ପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲ ର ୭୫ ମେଟ୍ରିକ୍ ବ୍ୟାଚ୍‌ର ସହପାଠୀ ମାନଙ୍କୁ ନେଇ ନୂଆଁଖାଇ ଭେଟଘାଟ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବରଗଡ଼ ବ୍ଲକ ମଧ୍ୟରେ ଥିବା ମିଶନ ଶକ୍ତି କାଫେରେ ନୂଆଁଖାଇ ଭେଟ୍‌ଘାଟ୍‌ର ଆୟୋଜନ କରାଯିବ ବୋଲି ସମସ୍ତେ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ତୁଳସୀ ଚରଣ ଦାଶଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ନିର୍ମଳ କିଶୋର କର, ଅଭୟ ଭୋଇ, କୃଷ୍ଣ ଚନ୍ଦ୍ର ପଣ୍ଡା, ଗୋପାଳ ଦାଶ, ରାଜେନ୍ଦ୍ର ଲାଠ, ଲଳିତ ବିଶୀ, ସୁରେଶ ଦାଶ, ସ୍ୱାଧୀନ ମହାରଣା, କୁଞ୍ଜ ବିହାରି ଗୁପ୍ତା, କୈଳାସ ଛାପଡ଼ିଆ, ରବିନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶତପଥୀ, ଦେବୀ ପଟ୍ଟନାୟକ, ତାନସେନ ସରାଫ, ବନୱାରୀ ଲାଲ କଟାରୁକା,ବାଲମୁକୁନ୍ଦ ଦାଶ, ଗଣେଶ ରେଖାନୀ, ବାସୁଦେବ ପ୍ରଧାନ, ଅଶୋକ ପସାଏତ, ଶତୃଘ୍ନ ଦାଶ, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ନିଜ ମତାମତ ପ୍ରଦାନ କରିଥିଲେ। ଶେଷରେ ସୁନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ରକ୍ତଶିକୁଳି ଆକ୍ରାନ୍ତରେ ଭାରତ ବିଶ୍ୱରେ ତୃତୀୟ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାରେ ବଢୁଛି ରକ୍ତଶିକୁଳି (ସିକିଲ୍‌ସେଲ୍) ଆକ୍ରାନ୍ତଙ୍କ ସଂଖ୍ୟା। ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ର ରକ୍ତଶିକୁଳି ଅନୁଷ୍ଠାନରେ ଚିକିତ୍ସା ପାଇଁ ଓଡ଼ିଶାର ୩୦ ଜିଲ୍ଲା ସମେତ ଝାଡ଼ଖଣ୍ଡ, ଛତିଶଗଡ଼ର ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ରୋଗୀ ପଞ୍ଜିକୃତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୨୦% ହେଉଛନ୍ତି ଶିଶୁ। ଏହି ରୋଗର ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗର୍ଭବତୀ ଏବଂ ତାଙ୍କ ସ୍ୱାମୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସ୍କ୍ରିନିଂ କରାଯାଉଛି। ବର୍ତ୍ତମାନ ଭିମ୍‌ସାର ଆଉ ଗୋଟିଏ ପାଦ ଆଗକୁ ଯାଇ ମା' ଗର୍ଭରେ ଥିବା ଭ୍ରୁଣଙ୍କ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭେଲୋରକୁ ପଠାଉଛି। ଗୋଟିଏ ବର୍ଷ ମଧ୍ୟରେ ଏଠାରେ ପ୍ରାୟ ୫୦ ଭ୍ରୁଣର ରକ୍ତ ନମୁନା ସଂଗ୍ରହ କରାଯାଇଛି। ଶିଶୁ ଜନ୍ମ ପୂର୍ବରୁ ଭ୍ରୁଣ ଅବସ୍ଥାରେ ଏହି ରୋଗ ସମ୍ପର୍କରେ ଜଣାପଡ଼ିଲେ ଅଭିଭାବକ ଉପଯୁକ୍ତ ପ୍ରକ୍ରିୟାରେ ଗର୍ଭପାତ କରାଇପାରିବେ କିମ୍ବା ଏଥିପାଇଁ ପୂର୍ବରୁ ପ୍ରସ୍ତୁତ ରହିପାରିବେ। ଏହାଦ୍ୱାରା ରକ୍ତଶିକୁଳିକୁ ନିୟନ୍ତ୍ରଣ କରିବାରେ ବଡ଼ ପଦକ୍ଷେପ ହେବ ବୋଲି ଅନୁଷ୍ଠାନର ପ୍ରମୁଖ ତଥା ଡିନ୍ ଡାକ୍ତର ପ୍ରଦୀପ ମହାନ୍ତି ଆଶା ପ୍ରକାଶ କରିଛନ୍ତି। ୧୯୫୨ ମସିହାରେ ଦେଶରେ ପ୍ରଥମେ ରକ୍ତଶିକୁଳି ରୋଗ ଚିହ୍ନଟ ହୋଇଥିଲା। ଓଡ଼ିଶାରେ ୧୯୬୭ ମସିହାରେ ବୁର୍ଲା ଡାକ୍ତରଖାନାରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ରୋଗୀଙ୍କ ନିକଟରେ ଏହା ଚିହ୍ନଟ ହୋଇଥିଲା। ସେତେବେଳକୁ ପଶ୍ଚିମ ଓଡ଼ିଶା ସମେତ ଓଡ଼ିଶାରେ ଏହି ହିମୋଗ୍ଲୋବିନୋପ୍ୟାଥି ରୋଗ ବ୍ୟାପୀ ସାରିଥିଲେ ମଧ୍ୟ ରୋଗୀ ଚିହ୍ନଟ ହୋଇ ପାରିନଥିଲେ। ବୁର୍ଲା ଡାକ୍ତରଖାନା ଏହାର ଚିହ୍ନଟ ସହିତ ଚିକିତ୍ସାରେ ଅଗ୍ରଣୀ ଭୂମିକା ନେଇଥିଲା, ଯେଉଁଥିରେ ସ୍ୱର୍ଗତ ଡାକ୍ତର ବିମଳ କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ତାଙ୍କରି ଆମନ୍ତ୍ରଣରେ ବିଶ୍ୱରେ ରକ୍ତଶିକୁଳି ରୋଗର ଅଗ୍ରଯୋଦ୍ଧା ପ୍ରଫେସର ଗ୍ରାହାମ ଆର୍ ସର୍ଜେଣ୍ଟ ଏବଂ ବେରିଲ ସର୍ଜଣ୍ଡ ୧୯୮୫ ମସିହାରେ ବୁର୍ଲା ଆସି ଏହାର ଚିକିତ୍ସା ବ୍ୟବସ୍ଥା ଦେଖିଥିଲେ। ବୁର୍ଲା ଡାକ୍ତରଖାନାରେ ପର୍ଯ୍ୟାୟକ୍ରମର ଚିକିତ୍ସା ଜାରି ରହିଥିଲା। ରକ୍ତଶିକୁଳି ରୋଗର ଭୟାବହତା ନେଇ ଡାକ୍ତର ଦିଲୀପ ପଟେଲଙ୍କ ରିପୋର୍ଟ ପରେ ରାଜ୍ୟରେ ପ୍ରଥମ କରି ଭିମ୍‌ସାରରେ ସ୍ୱତନ୍ତ୍ର ଭାବରେ ରକ୍ତଶିକୁଳି ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି। ଏଠାରେ ରକ୍ତଶିକୁଳିର ଚିହ୍ନଟ, ଚିକିତ୍ସା, କାଉନ୍‌ସେଲିଂ, ସଚେତନତା, ଗବେଷଣାଠାରୁ ଆରମ୍ଭ କରି ସବୁପ୍ରକାର ପଦକ୍ଷେପ ନିଆ ଯାଉଛି। ବର୍ତ୍ତମାନ ସ୍ଥିତିରେ ଏଠାରେ ରୋଗୀ ଭିଡ଼ ଏଭଳି ଯେ ଦୈନିକ ନୂଆ ଓ ପୁରୁଣାଙ୍କୁ ମିଶାଇ ୨୦୦ରୁ ୨୫୦ ରୋଗୀ ଚିହ୍ନଟ ତଥା ଚିକିତ୍ସିତ ହେଉଛନ୍ତି। ତେବେ ଡାକ୍ତର ଅଭାବ ଏହି ଅନୁଷ୍ଠାନ ପାଇଁ ବଡ଼ ସମସ୍ୟା ହୋଇଛି। ଏଠାରେ ବର୍ତ୍ତମାନ ୨ ଜଣ ଡାକ୍ତର ଥିବାବେଳେ ୨ଟି ପଦ ଖାଲି ରହିଛି। ଏଣେ କିନ୍ତୁ ରୋଗୀଙ୍କ ଅବସ୍ଥା ଦୃଷ୍ଟିରୁ ଆହୁରି ବିଭିନ୍ନ ବିଭାଗର ଡାକ୍ତରଙ୍କ ଆବଶ୍ୟକତା ଥିବା ରୋଗୀମାନେ ମତ ଦିଅନ୍ତି। ଭ୍ରୁଣରୁ ରକ୍ତଶିକୁଳି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଭେଲୋରରୁ ରିପୋର୍ଟ ଆସିବା ବେଳକୁ ଅନେକ ସମୟ ଲାଗିଯାଉଛି। ଭିମ୍‌ସାର ରକ୍ତଶିକୁଳି ପ୍ରତିଷ୍ଠାନରେ ପରୀକ୍ଷାଗାର ଆରମ୍ଭ ହେଲେ ସମଗ୍ର ରାଜ୍ୟର ରୋଗୀ ଉପକୃତ ହୁଅନ୍ତେ। ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁ ସ୍କ୍ରିନିଂ ବ୍ୟବସ୍ଥା ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା। ବିଶ୍ୱରେ ତୃତୀୟ ସର୍ବାଧିକ ରକ୍ତଶିକୁଳି ଆକ୍ରାନ୍ତଙ୍କ ମଧ୍ୟରେ ରହିଛି ଭାରତ। ରକ୍ତଶିକୁଳି ବିରୋଧରେ ଲଢ଼େଇ ପାଇଁ ୨୦୨୩ ମସିହାରେ କେନ୍ଦ୍ର ସରକାର ଜାତୀୟ ସିକିଲ୍‌ସେଲ୍ ନିରାକରଣ ମିଶନ୍ ଆରମ୍ଭ କରିଥିବାବେଳେ ଏହାର ଯଥେଷ୍ଟ ପୂର୍ବରୁ ଭିମ୍‌ସାରରେ ଏ ସଂକ୍ରାନ୍ତୀୟ ଗବେଷଣା କରିଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହି ପ୍ରତିଷ୍ଠାନକୁ ଦୃଷ୍ଟି ଦେବା ସହିତ ଉପଯୁକ୍ତ ସୁବିଧା ପ୍ରଦାନ କରାଗଲେ ଏହି ପ୍ରାଣଘାତୀ ରୋଗ ବିରୋଧୀ ଲଢ଼େଇରେ ଦେଶ ସଫଳ ହେବ ବୋଲି ଆଶା କରାଯାଉଛି। ଡାକ୍ତର କିଶଳୟ ଦାସଙ୍କ ସୂଚନା ଅନୁଯାୟୀ, ରାଜ୍ୟର ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ନୂଆପଡ଼ା ଏବଂ ଅନୁଗୁଳର ଆକ୍ରାନ୍ତମାନେ ଏଠାରେ ଚିକିତ୍ସିତ ହେଉଛନ୍ତି।

# ପତଞ୍ଜଳି ଟୁଥ୍‌ପେଷ୍ଟରେ ଆମିଷ : ଆକ୍ସନ୍ ମୁଡ୍‌ରେ ହାଇକୋର୍ଟ

**ନୂଆଦିଲ୍ଲୀ**

ପୁଣି ଅଡୁଆରେ ଯୋଗ ଗୁରୁ ବାବା ରାମଦେବଙ୍କ ପତଞ୍ଜଳି। ନିରାମିଶ ପ୍ରଡକ୍ଟରେ ବିକ୍ରି ହେଉଛି ଆମିଷ। ପତଞ୍ଜଳିର ଟୁଥ୍‌ପେଷ୍ଟ ତଥା ଦିବ୍ୟ ଦନ୍ତ ମଞ୍ଜନରେ ଆମିଷ ମିଶି ମିଶିଥିବା ଅଭିଯୋଗ ହୋଇଛି। ନିରାମିଷ ନାଁରେ ଆମିଷକୁ ବିକ୍ରି କରୁଛି ପତଞ୍ଜଳି। ଏନେଇ ଆବେଦନ ପରେ ଆକ୍ସନ ମୁଡ୍‌କୁ ଆସିଛନ୍ତି ଦିଲ୍ଲୀ ହାଇକୋର୍ଟ। ବାବା ରାମଦେବ ଓ ପତଞ୍ଜଳିକୁ ନୋଟିସ୍ ଜାରି ହୋଇଛି। ଅଭିଯୋଗ ମୁତାବକ, ଶାକାହାରୀ ବ୍ରାଣ୍ଡ ଭାବରେ ବଜାରରେ ବିକ୍ରି ହେଉଥିବା ପତଞ୍ଜଳିର ଦିବ୍ୟା ଟୁଥପେଷ୍ଟ ତଥା ଦନ୍ତ ମଞ୍ଜନରେ ରହିଛି ମାଛର ଅଂଶ ବା ଉପାଦାନ। ଯାହା ଏକ ଶାକାହାରୀ ତଥା ନିରାମିଷ ନୁହେଁ। ବଜାରରେ ଏହି ଦିବ୍ୟ ଟୁଥ୍‌ପେଷ୍ଟକୁ ସବୁଜ ବିନ୍ଦୁ (ଗ୍ରୀନ୍ ଡଟ୍) ସହ ବିକ୍ରି କରାଯାଉଛି। ଯାହା ନିରାମିଷ ବୋଲି ଦର୍ଶାଉଛି। କିନ୍ତୁ ପତଞ୍ଜଳିର ଏହି ପ୍ରଡକ୍ଟରେ ମାଛର ଅଂଶ ମିଶିଥିବା ଆବେଦନକାରୀ ହାଇକୋର୍ଟରେ ଦାବି କରିଛନ୍ତି। ଏହାକୁ ନେଇ ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର, ଖାଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ, ପତଞ୍ଜଳି, ଦିବ୍ୟା ଫାର୍ମାସି, ଯୋଗଗୁରୁ ରାମଦେବ ଏବଂ ଅନ୍ୟ ସଂପୃକ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଆବେଦନକାରୀଙ୍କ ଓକିଲ ଯୁକ୍ତି କରିଛନ୍ତି ଯେ କୌଣସି ଔଷଧକୁ ନିରାମିଷ କିମ୍ବା ଆମିଷ ବୋଲି ଘୋଷଣା କରିବାର କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ଦିବ୍ୟ ମଞ୍ଜନର ପ୍ୟାକେଜିଂରେ ଭୁଲ ଭାବରେ ଗ୍ରୀନ୍ ଡଟ୍‌କୁ ଦର୍ଶାଯାଇଛି, ଯାହା ଡ୍ରଗ୍ସ ଏବଂ କସମେଟିକ୍ସ ଆକ୍ଟ ଅନୁଯାୟୀ ଭୁଲ ଅଟେ। ଆବେଦନକାରୀଙ୍କ କହିବା ମୁତାବକ, ଦିବ୍ୟ ଦନ୍ତ ମଞ୍ଜନରେ ସମୁଦ୍ର ଫୋନ୍ (ସେପିଆ ଅଫିସିନାଲିସ୍) ଥିବା ଜଣାପଡିଛି। ଯାହା ମାଛର ଅଂଶ ବା ଉପାଦାନରୁ ଉତ୍ପନ୍ନ। ଏହା ତାଙ୍କ ଏବଂ ତାଙ୍କ ପରିବାର ପାଇଁ ଦୁଃଖର ବିଷୟ, ଯେଉଁମାନେ ଧାର୍ମିକ ବିଶ୍ୱାସ ଏବଂ ଆସ୍ଥା ପାଇଁ କେବଳ ନିରାମିଷ ଉପାଦାନ / ଉତ୍ପାଦ ଖାଉଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୮ରେ ହେବ।

# ଡାକ୍ତରୀ ପାଠପଢ଼ିବେ ବଣ୍ଡା ଛାତ୍ର ମଙ୍ଗଳା : ଘାଟିରେ ଖୁସିର ଲହରୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଡାକ୍ତରୀ ପଢ଼ିବେ ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର ଛାତ୍ର ମଙ୍ଗଳା ମୁଦୁଲି। ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ବ୍ରହ୍ମପୁର ଏମସିଜି ମେଡିକାଲ କଲେଜରେ ନାମ ଲେଖାଇବେ ବୋଲି ସୂଚନା ମିଳିଛି। ବଣ୍ଡା ସମ୍ପ୍ରଦାୟରୁ ପ୍ରଥମ ଛାତ୍ର ଭାବେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି ମାଇଲ୍‌ଖୁଣ୍ଟ ହାସଲ କରିଛନ୍ତି ମଙ୍ଗଳା, ଯାହାକୁ ନେଇ ବଣ୍ଡାଘାଟିରେ ଖୁସିର ଲହରୀ ଖେଳିଯାଇଛି। ମଙ୍ଗଳାଙ୍କ ସଫଳତା ପଛରେ ମୁଦୁଲିପଡ଼ା ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାଶଙ୍କ ରହିଛି ପ୍ରମୁଖ ଭୂମିକା। ଖଇରପୁଟ ବ୍ଲକ ମୁଦୁଲିପଡା ପଞ୍ଚାୟତ ବଡ଼ବେଲ ଗ୍ରାମରେ ମଙ୍ଗଳାଙ୍କ ଘର ବଣ୍ଡାଘାଟିରୁ ନିଜ ଗାଁକୁ ଯିବା ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ ଝୁମ୍ପୁଡ଼ି ଘରେ ରହୁଛନ୍ତି ପରିବାର। ବାପା ହାଡୁ ମୁଦୁଲି ଜଙ୍ଗଲ ଜମିରେ ଚାଷ କରିବା ସହ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରୁଛନ୍ତି। ପରିବାରରୁ କେହି ପାଠ ପଢ଼ି ନଥିଲା ବେଳେ ପିଲାଟି ଦିନରୁ ପାଠ ପ୍ରତି ଆକର୍ଷିତ ହୋଇଥିଲେ ମଙ୍ଗଳା। ବଣ୍ଡାଘାଟି ସରକାରୀ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ମୁଦୁଲିପଡ଼ା ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ନାମ ଲେଖାଇ ଥିଲେ। ହାଇସ୍କୁଲରେ ପଢ଼ିବା ସମୟରେ ମଙ୍ଗଳାଙ୍କ ପ୍ରତିଭାକୁ ଚିହ୍ନଟ କରିଥିଲେ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାଶ। ମାଟ୍ରିକ୍ ପାସ୍ ପରେ ମାଥିଲି ବଳଦିଆଗୁଡା ଏସ୍‌ଏସ ହାଇସ୍କୁଲରେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ଯୁକ୍ତ୨ ପଢ଼ା ପରେ ମଙ୍ଗଳାଙ୍କୁ ଡାକ୍ତରୀ ପଢ଼ାଇବା ପାଇଁ ଇଚ୍ଛା କରି ସହଯୋଗରେ ହାତ ବଢ଼ାଇଥିଲେ ଶିକ୍ଷକ ଶ୍ରୀ ଦାଶ। ବାଲେଶ୍ୱରର ଇରୋଡାଇ କୋଚିଂ ସେଣ୍ଟରରେ ନାମ ଲେଖାଇଥିଲେ ବଣ୍ଡା ସମ୍ପ୍ରଦାୟର ଛାତ୍ର। ମଙ୍ଗଳାଙ୍କ ପ୍ରତିଭାକୁ ଦେଖି ମାସିକ କୋଚିଂ ଫି'କୁ ଛାଡ଼ କରିଥିଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ। ଚଳିତ ବର୍ଷ ମଙ୍ଗଳା ନିଟ୍ ପରୀକ୍ଷା ଦେଇଥିବା ବେଳେ ଫଳ ପ୍ରକାଶ ପରେ ଏସ୍‌ଟି ର୍ୟାଙ୍କରେ ୨୬୧ ଏବଂ ଏସ୍‌ଏସ ର୍ୟାଙ୍କରେ ୬ନମ୍ବର ସ୍ଥାନରେ ରହିଛନ୍ତି। ମଙ୍ଗଳାଙ୍କ ଏପରି କୃତିତ୍ୱ ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟକୁ ଗର୍ବିତ କରିବା ସହ ଶିକ୍ଷକ ଶ୍ରୀ ଦାସଙ୍କ ସ୍ୱପ୍ନକୁ ସାକାର କରିଛି। ତେବେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ବଦଳରେ କଟକ ଏସ୍‌ସିବିରେ ପଢ଼ାଇବା ଦିଗରେ ସରକାର ସହାୟତା କଲେ ଭଲ ହୁଅନ୍ତା ବୋଲି କହିଛନ୍ତି ବିଜ୍ଞାନ ଶିକ୍ଷକ ଶ୍ରୀ ଦାଶ। ମଙ୍ଗଳାଙ୍କ ଏହି କୃତିତ୍ୱ ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟ ପାଇଁ ଆଶାର ଆଲୋକ ସଦୃଶ୍ୟ। ଜଙ୍ଗଲରେ ରହି ଜଙ୍ଗଲଜାତ ଦ୍ରବ୍ୟ ଖାଇ, ଅଧା ପୋଷାକ ପିନ୍ଧି ଜୀବନ ବିତାଉଛନ୍ତି ବଣ୍ଡା ସମ୍ପ୍ରଦାୟ। ସହରୀ ସଭ୍ୟତାଠାରୁ ବହୁ ଦୂରରେ ଏମାନେ ଥିବା ବେଳେ ମଙ୍ଗଳାଙ୍କ ସଫଳତା ଏହି ସମ୍ପ୍ରଦାୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ।

# ନାରୀ ସମାଜ ପାଇଁ କୁନ୍ତଳା କୁମାରୀ ଥିଲେ ଆଲୋକ ବର୍ତ୍ତିକା

**ବାଲେଶ୍ୱର, ନ୍ୟୁଜ୍**



ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ତ୍ରୟୋଦଶ ଆଭାସୀ ରାଜ୍ୟ ସ୍ତରୀୟ ପାଠଚକ୍ରରେ ଗୋଟିଏ ନାରୀ ମନସ୍ତତ୍ତ୍ୱ ନେଇ ସାମାଜିକ ଉପନ୍ୟାସ ରଚନା କରିବାରେ ପ୍ରଥମ ଔପନ୍ୟାସିକା କୁନ୍ତଳାକୁମାରୀ ସାବତଙ୍କ ଭ୍ରାନ୍ତି, କାଳିବୋହୂ, ରଘୁ ଅରକ୍ଷିତ, ନଅତୁଣ୍ଡି, ପରଶମଣି ଉପନ୍ୟାସ ଉପରେ ଓ ଅସମ୍ପୂର୍ଣ୍ଣ ଉପନ୍ୟାସ ଚିତ୍ରପଟ ଉପରେ ଏକ ତତ୍ତ୍ୱନିଷ୍ଠ ବୌଦ୍ଧିକ ଆଲୋଚନା ହୋଇଯାଇଛି। ଅତିଥି ଭାବରେ ମହାରାଜ ପୂର୍ଣ୍ଣଚନ୍ଦ୍ର ସ୍ୱଂୟଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଗାଳ୍ପିକା କବିତା ବାରିକ ଯୋଗଦେଇ କହିଲେ ନାରୀ ସମାଜ ପାଇଁ କୁନ୍ତଳାକୁମାରୀ ଜଣେ ଆଲୋକବର୍ତ୍ତିକା। ଆଉ କୁନ୍ତଳାକୁମାରୀ ବୁଝିଥିଲେ ସମାଜର କେନ୍ଦ୍ର ହେଉଛି ନାରୀ। ଆଲୋଚିକା ଭାବରେ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ସୁଲେଖିକା ଡ. ଅର୍ଚ୍ଚନା ନାୟକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ବିଜୟଲକ୍ଷ୍ମୀ ଦାଶ ଯୋଗଦେଇ ନିଜ ନିଜର ଚିନ୍ତନଶୀଳ ଦୃଷ୍ଟିଭଙ୍ଗୀରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ନାୟକ ତାଙ୍କ ବକ୍ତବ୍ୟରେ କହିଲେ ସ୍ୱାଧୀନଚେତା ମାନସିକତାର ନାରୀ କୁନ୍ତଳାକୁମାରୀ। ମାତୃତ୍ୱ ଓ ମୃତ୍ୟୁ ଉପରେ ଦେଶପ୍ରେମର ଆଧାର ଭାବରେ ଛିଡ଼ା ହୋଇଥିଲେ କୁନ୍ତଳା। କୁନ୍ତଳା କୁମାରୀ ଚନ୍ଦ୍ରମା ଥିଲେ, ବାମନ ମାନଙ୍କ ନିନ୍ଦା ପ୍ରଶଂସା ତାଙ୍କୁ ତାଙ୍କ ଜୀବନରେ ସ୍ପର୍ଶ କରିନଥିଲା। କୁନ୍ତଳା ବୈଧବ୍ୟର ବିକଳ ଚିତ୍ରର ଚିତ୍ରକର ହେଉଛନ୍ତି। ଏହାଛଡ଼ା ଆହୁରି କହିଲେ ଝିଅର ଲୁହ ସପ୍ତସାଗରର ଲୁହଠାରୁ ଆହୁରି ଭୟାବହ। କଳା ପାଇଁ କଳା ନୁହେଁ, କଳା ଜୀବନ ଓ ସମାଜ ପାଇଁ ସୃଷ୍ଟି ହୋଇଛି। ନାରୀ ଭାବରେ ସମାଜ ପାଇଁ ସାହସିକତା ପ୍ରଦର୍ଶନ କରିବାରେ କୁନ୍ତଳା ଏକ ନାରୀ ପାଇଁ ଆଦର୍ଶ। ଭାରତୀୟ ନାରୀ ଚରିତ୍ରରେ ସମର୍ପଣ ଭାବ ସ୍ୱର୍ଗୀୟ ଅନୁଭବ। କୁନ୍ତଳା ଥିଲେ ବାଗ୍‌ଦେବୀଙ୍କ କୃପା ପାତ୍ରୀ। ନାରୀ ଜୀବନରେ ମୁକ୍ତି ମଶାଲ ଜାଳିବାରେ କୁନ୍ତଳା ସମାଜପାଇଁ ଉଦାହରଣ। କୁନ୍ତଳା ପ୍ରଭାତ ଅରୁଣର ଦୀପ୍ତ କିରଣ। ଆଉ ଶେଷରେ କହିଲେ ନାରୀ ହିଁ ନାରୀର ସର୍ବନାଶ କରେ। ଅନ୍ୟତମ ଆଲୋଚିକା ପ୍ରଫେସର ଦାଶ ତାଙ୍କ ବକ୍ତବ୍ୟରେ ପ୍ରକାଶ କଲେ କୁନ୍ତଳା ଜଣାଇଛନ୍ତି ଦୁଃଖ ଆକାଂକ୍ଷିତ ନୁହେଁ, ଦୁଃଖ ବିରୁଦ୍ଧରେ ସଙ୍ଘର୍ଷ ହିଁ ଜୀବନ। ମୁକ୍ତିର ସ୍ୱାଦ ଚଖାଇବାରେ କୁନ୍ତଳା ସ୍ୱତନ୍ତ୍ର। ଅସନ୍ତୋଷ ଓ ଅନ୍ତର୍ଦହନ ଭିତରୁ ମୁକ୍ତିର ବାଟ ଖୋଜିବା ହିଁ ଜୀବନ। ପଳାୟନପନ୍ଥୀ ଭାବନା ଜୀବନର ଉଦ୍ଦେଶ୍ୟ ନୁହେଁ, ବରଂ ଏହା ମୃତ୍ୟୁର ସୂଚନା ପ୍ରକାଶ କରେ। ମୁକ୍ତି ପାଇଁ ଅସୀମ ଆକାଂକ୍ଷା କୁନ୍ତଳାଙ୍କ ସୃଷ୍ଟିରେ କଥା କହେ। କୁନ୍ତଳାଙ୍କ ଉପନ୍ୟାସରେ ପଶୁତ୍ୱକୁ ଛାଡ଼ି ଦେବତ୍ୱକୁ ଯିବାର ରାସ୍ତା ପ୍ରସ୍ଫୁଟିତ। ଲେଖକ ଜଣେ ମାନବବାଦୀ ଶିଳ୍ପୀ। ଶେଷରେ କହିଲେ ମଣିଷ ବଞ୍ଚିଲେ ପୃଥିବୀ ରସସିକ୍ତ ହୁଏ। ଜମାଟ ବନ୍ଧା ଯନ୍ତ୍ରଣାକୁ ହୃଦୟରେ ଧରି ରଖିବାରେ ସମର୍ଥ ହୁଏ ନାରୀ। ବଞ୍ଚିବା ପାଇଁ ନୀତିକୁ ହତ୍ୟାକରେ ମଣିଷ। ଭବିଷ୍ୟତରେ ମଣିଷ ମୁକ୍ତିର ଅଧିକାରୀ ହେଉ। ଦୁଃଖ କାହାରି କାମ୍ୟ ନୁହେଁ, ଦୁଃଖ କର୍ମ ମାଧ୍ୟମରେ ଆମନ୍ତ୍ରିତ ହୁଏ। ଏହି ଆଭାସୀ ପାଠଚକ୍ରରେ ଉପସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ପ୍ରକାଶ କଲେ ଦୁଃଖ ସମାଜର ଅପସଂସ୍କୃତିରୁ ସୃଷ୍ଟି ହୁଏ। ଆଉ ପାଠକ ଉପନ୍ୟାସର ଗୋଟିଗୋଟି ଧାଡ଼ି ପଢ଼ିଲେ ଭବିଷ୍ୟମୁଖୀ ହୋଇଯାଏ। ସେଥିରେ ଉପସ୍ଥିତ ହୋଇଥିବା ବର୍ଷୀୟାନ ଶିକ୍ଷାବିତ୍ ତଥା ଗାଳ୍ପିକା ସଂଯୁକ୍ତା ରାଉତ, ସୁବର୍ଣ୍ଣଶ୍ରୀ ପ୍ରକାଶନୀର ପ୍ରକାଶକ କବି ଡ. କାଳୀପଦ ପଣ୍ଡା ଯୋଗଦେଇ ପାଠଚକ୍ରର ଭୂୟସୀ ପ୍ରଶଂସା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାମନ୍ତିଆପଲ୍ଲୀ ମହାବିଦ୍ୟାଳୟ, ଗଞ୍ଜାମର ପ୍ରାକ୍ତନ ପ୍ରଫେସର ଡ. ସୁନନ୍ଦା ତ୍ରିପାଠୀ ଅତି ସୁନ୍ଦର ଭାବର ନିଜର ଛଳଛଳ ଭାବପୂର୍ଣ୍ଣ ଠାଣିରେ ପୌରୋହିତ୍ୟ କରିଥିବାବେଳେ ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ସମ୍ପାଦକ ତଥା ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶାର ବହୁ ଗବେଷକ ଓ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ସେପ୍ଟେମ୍ବର ୨୦୨୪ ମଙ୍ଗଳବାର





# ସ୍କୁଲ୍‌ରେ ନାହିଁ ବଜ୍ରପାତ ନିରୋଧି ବ୍ୟବସ୍ଥା:ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟକୁ ବିପଦ ସାଜିଛି ବଜ୍ରପାତ । ଅଗଷ୍ଟ ମାସରେ ଭୁବନେଶ୍ୱର ଓ ଭଞ୍ଜନଗରର ଗୋଟିଏ ଲେଖାଏ ସରକାରୀ ବିଦ୍ୟାଳୟରେ ବଜ୍ରପାତ ହେବାରୁ ୨୦ରୁ ଅଧିକ ଛାତ୍ରଛାତ୍ରୀ ଆହତ ହେବା ଘଟଣା ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଏଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଛାତ୍ରଛାତ୍ରୀ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ୨୦୨୩ ଅଗଷ୍ଟ ମାସରେ କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକର କୁଦାନଗରୀ ଆଦର୍ଶ ବିଦ୍ୟାଳୟରେ କ୍ଲାସ୍ ଚାଲିଥିବା ବେଳେ ବଜ୍ରପାତ ହେବାରୁ ପ୍ରାୟ ୨୦ ଜଣ ପିଲା ଆହତ ହୋଇଥିଲେ । ଏହାପରେ ରାଜ୍ୟ ସରକାର କିଛିଟା ତତ୍ପରତା ପ୍ରକାଶ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥିତିରେ କୌଣସି ସୁଧାର ଆସିନାହିଁ । ୨୦୨୩ ଅକ୍ଟୋବର ମାସରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ବଜ୍ରପାତ ନିରୋଧକ ବ୍ୟବସ୍ଥା (ଲାଇଟ୍‌ନିଂ ଆରେଷ୍ଟର) ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିସହ ବଜ୍ରପାତ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସଚେତନ କରାଇବେ । ଫାୟାର ଆଲାରାମ୍ ବ୍ୟବସ୍ଥା ସହ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ କରିବାକୁ କୁହାଯାଇଥିଲା । ମାତ୍ର ତାହା ଆଜି ପର୍ଯ୍ୟନ୍ତ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ । ହାତଗଣତି ଉଚ୍ଚ ବିଦ୍ୟାଳୟକୁ ଛାଡ଼ିଦେଲେ ଅନେକ ବିଦ୍ୟାଳୟରେ ଲାଇଟ୍‌ନିଂ ଆରେଷ୍ଟର୍ ଲଗାଯାଇନାହିଁ । କେତେକ ସ୍ଥାନରେ ବଜ୍ରପାତରୁ ରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଉଛି । ମାତ୍ର ବଜ୍ରପାତର ମୁକାବିଲା ପାଇଁ ଭିତ୍ତିଭୂମି ନଥିବାରୁ ବିପଦ ବଢ଼ିବାରେ ଲାଗିଛି । ଗତ ମାସ ୫ ତାରିଖରେ ଭୁବନେଶ୍ୱର ସ୍ଥିତ ସିଆରପି ବରମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ବଜ୍ରପାତ ହେବାରୁ ୧୦ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ । ଅଗଷ୍ଟ ୧୩ ତାରିଖରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରରେ ଥିବା ଏକ ଉଚ୍ଚ ବିଦ୍ୟାଳୟରେ ବ୍ରଜପାତ ହେବାରୁ ୧୦ ଜଣ ଛାତ୍ରଛାତ୍ରୀ ଆହତ ହେବା ସହ କମ୍ପ୍ୟୁଟର ପୋଡି ଯାଇଥିଲା । ସ୍କୁଲ୍‌ର କାନ୍ଥ ଫାଟି ଥିଲା । ଏଠାରେ ବ୍ରଜପାତରୁ ରକ୍ଷା ପାଇବା ପାଇଁ ଅର୍ଥିଙ୍ଗ ନଥିଲା କି ଲାଇଟ୍‌ନିଂ ଆରେଷ୍ଟର ଲଗାଯାଇନଥିଲା । ଆଉ କିଛି ବିଦ୍ୟାଳୟରେ ଜଣେ ଦୁଇଜଣ ମଧ୍ୟ ଆହତ ହୋଇଥିବାର ଖବର ଆସିଛି । ଏତେ ପରେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇ ନଥିବାରୁ ଛାତ୍ରଛାତ୍ରୀଙ୍କୁ ପ୍ରତି ମୁହୂର୍ତ୍ତରେ ବିପଦର ସାମ୍ନା କରିବାକୁ ପଡୁଛି । କାରଣ ସେମାନେ ଦିନକୁ ୬ ଘଣ୍ଟା ସ୍କୁଲ୍‌ରେ ବିତାଉଛନ୍ତି । ଅଘଟନକ୍ ବ୍ରଜପାତରେ ଯଦି ବଡ଼ଧରଣର ଅଘଟଣ ଘଟେ ତେବେ ସେଥିପାଇଁ କିଏ ଉତ୍ତରଦାୟୀ ? ବିଦ୍ୟାଳୟ ଭିତ୍ତିଭୂମି ପାଇଁ ବିଭିନ୍ନ ଯୋଜନାରେ ଟଙ୍କା ଆସୁଥିବା ବେଳେ ବ୍ରଜପାତରୁ ସୁରକ୍ଷା ପାଇଁ କାହିଁକି ଆବଶ୍ୟକୀୟ ପଦକ୍ଷେପ ନିଆଯାଉନାହିଁ । ଏକାଧିକ ଅଘଟଣ ପରେ ଗଣଶିକ୍ଷା ବିଭାଗ ଅଧିକାରୀଙ୍କ ମୌନ ବ୍ରତକୁ ନେଇ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । ଉତ୍କଳ ଅଭିଭାବକ ମହାସଂଘ ସଭାପତି କୃଷ୍ଣଚନ୍ଦ୍ର ପତିଙ୍କ କହିବା କଥା ହେଉଛି ଓଡ଼ିଶା ଏକ ବଜ୍ରପାତପ୍ରବଣ ରାଜ୍ୟ । ଦେଶରେ ସର୍ବାଧିକ ବଜ୍ରପାତ ହେଉଥିବା ରାଜ୍ୟ ଭିତରୁ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି । ଓସ୍‌ଡମା, ଶକ୍ତି ବିଭାଗ ଓ ଗଣଶିକ୍ଷା ବିଭାଗ ଭିତରେ ସମନ୍ୱୟ ଅଭାବରୁ ବିଦ୍ୟାଳୟ ବ୍ରଜପାତ ମାଡ଼ ସହୁଛି । ବଜ୍ରପାତ ଦ୍ୱାରା ୨୦୧୭ ଜୁଲାଇରେ ଆଠଗଡ଼ର ଏକ ସ୍କୁଲ୍‌ରେ ୮ ଜଣ, ୨୦୨୨ ଅଗଷ୍ଟରେ ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକର ଏକ ସ୍କୁଲ୍‌ର ୭ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିଲେ ।

# ଜଙ୍ଗଲରୁ ନିଖୋଜ ଯୁବତୀଙ୍କ ଗଳିତ ଶବ ଉଦ୍ଧାର:ନ୍ୟାୟ ଦାବିରେ ରାଜପଥ ଅବରୋଧ



**ନାକଟିଦେଉଳ, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ସାହେବୀ ଗାଁରେ ଜଣେ ଯୁବତୀ (୨୨) ନିଖୋଜ ହେବାର ତିନି ଦିନ ପରେ ରବିବାର ସକାଳେ ଜଙ୍ଗଲରୁ ତାଙ୍କର ଗଳିତ ମୃତଦେହ ଉଲଗ୍ନ ଅବସ୍ଥାରେ ଉଦ୍ଧାର ହୋଇଛି । ଦୁଷ୍କର୍ମ ପରେ ତାଙ୍କୁ ହତ୍ୟା କରି ଜଙ୍ଗଲ ଭିତରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ପରିବାରକୁ ଉଚିତ୍ ନ୍ୟାୟ ଦାବିରେ ସ୍ଥାନୀୟ ଲୋକେ ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥକୁ ଦୀର୍ଘ ୮ ଘଣ୍ଟା ଅବରୋଧ କରିଥିଲେ । ଏହି ଘଟଣାରେ ଅଭିଯୁକ୍ତ ହରି ବେହେରାକୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଉକ୍ତ ଯୁବତୀ ଗତ ୩୦ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ ଘର ନିକଟସ୍ଥ ସୁଆଗିଝରଣ ନାଳକୁ ଏକା ଗାଧୋଇବାକୁ ଯାଇଥିଲେ । ବହୁ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ସେଠାକୁ ଯାଇଥିଲେ । ନାଳକୂଳରେ ତାଙ୍କ ଚପଲ, ପୋଷାକ ଓ ମୋବାଇଲ୍ ଫୋନ୍ ପଡ଼ିଥିବା ଦେଖି ଆଖପାଖ ସ୍ଥାନରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା । ଫଳରେ ସେହିଦିନ ଅପରାହ୍ନରେ ଝିଅ ନିଖୋଜ ଥିବା ନେଇ ପୀଡ଼ିତାଙ୍କ ବାପା ନାକଟିଦେଉଳ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଘର ପାଖ ହରି ବେହେରା ନାମକ ଯୁବକ ଝିଅକୁ ହତ୍ୟା କରିଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ ପ୍ରକାଶ କରିଥିଲେ । ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ଉକ୍ତ ଯୁବକଙ୍କୁ ପଚରାଉଚରା କରି ଫେରିଆସିଥିଲା । ଏପଟେ ଝିଅକୁ ତିନିଦିନ ହେଲା ଖୋଜାଖୋଜି କରି ପରିବାର ଲୋକେ ନୟାନ୍ତ ହୋଇଯାଇଥିଲେ । ତେବେ ସକାଳେ ନିକଟସ୍ଥ ଝାରବେଡ଼ା ପାଣ୍ଡରିପଶି ସାହିର କିଛି ମହିଳା ନିକଟସ୍ଥ କଉଁଶଗୁଜ ଜଙ୍ଗଲ ପାଖରେ ଥିବା ଧାନବିଲକୁ ଘାସ ବାଛିବାକୁ ଯାଇଥିବା ବେଳେ ସେଠାରେ ଉତ୍କଟ ଦୁର୍ଗନ୍ଧ ବାହାରିଥିଲା । ଘଟଣାସ୍ଥଳକୁ ଯିବା ପରେ ଏକ ଖାଲ ଭିତରେ ଯୁବତୀଙ୍କ ଉଲଗ୍ନ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ନାକଟିଦେଉଳ ଥାନା ଅଧିକାରୀ ଝସକେତନ ଭୋଇ, ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେର, ସ୍ଥାନୀୟ ତହସିଲଦାର ଅମର ଜେ. ଡୁଙ୍ଗଡୁଙ୍ଗ, ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛନ୍ତି । ପୀଡ଼ିତ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୩ ହଜାର ଦେବା ପାଇଁ ତହସିଲଦାର ଘୋଷଣା କରିଛନ୍ତି ।

## ଲାଞ୍ଜିଗଡ଼ରେ ଝାଡ଼ାବାନ୍ତି, ୩ ମୃତ, ୧୧ ଆକ୍ରାନ୍ତ

**ଲାଞ୍ଜିଗଡ଼, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭୁର୍ଜିଗଡ଼ ପଞ୍ଚାୟତର ଦୁର୍ଗମ ଅଡ଼ାଖୁ ଗାଁରେ ଝାଡ଼ାବାନ୍ତି ପ୍ରକୋପ ଦେଖାଦେଇଛି । ଗତ ଚାରିଦିନ ମଧ୍ୟରେ ଗାଁର ଦାନୁରୀ ମାଝୀ ନାମ୍ନୀ ଜଣେ ମହିଳା ଓ ସସ୍ମିତା ମାଝୀ ନାମକ ଜଣେ ୭ ବର୍ଷୀୟା ବାଳିକାର ମୃତ୍ୟୁ ଘଟିଥିବା ବେଳେ ରବିବାର ସକାଳେ ରତନୀ ମାଝୀଙ୍କର ମୃତ୍ୟୁ ଘଟିଛି । ଏବେ ଗାଁର ନନ୍ଦିନୀ ମାଝୀ, ସୁତୁରି ମାଝୀ, ପାଙ୍ଗାତୁ ମାଝୀ, କୋବି ମାଝୀ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଜାଲିଦେଇ ମାଝୀ ଗୁରୁତର ଥିବା ଜଣାଯାଇଛି । ରାମପାରୁଣ୍ଣ ମାଝୀ, ନିବେନ୍ଦ୍ର ମାଝୀ, ଶୁଭଶ୍ରୀ ମାଝୀ, ଯୁଗେଶ୍ୱର ମାଝୀ, ତତଲୀ ମାଝୀ, ସୁକାନ୍ତ ମାଝୀ, ମନୁ ମାଝୀ ମଧ୍ୟ ଡାଇରିଆରେ ଆକ୍ରାନ୍ତ ଅଛନ୍ତି । ମେଡିକାଲ୍ ଅଫିସର ଭବାନୀ ଶଙ୍କର ଲେଙ୍କାଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଏକ ମେଡିକାଲ୍ ଟିମ୍ ଗାଁକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି ମେଡିକାଲ୍ ଅଫିସର ଡା. ଲେଙ୍କା ପ୍ରକାଶ କହିଛନ୍ତି । ସେହିପରି ବିଧାୟକ ପ୍ରତିନିଧି ପ୍ରଦୀପ ଘଡ଼େଇ, ହରିଶଙ୍କର ପାତ୍ର, ବ୍ଲକ ସମିତି ସଭ୍ୟ ସଂଘର ସଭାପତି ଜଗଦୀଶ ବେନିଆ ପ୍ରମୁଖ ପ୍ରଭାବିତ ଗାଁ ପରିଦର୍ଶନ କରି ସ୍ଥିତି ସମ୍ପର୍କରେ ବିଧାୟକଙ୍କୁ ଜଣାଇଛନ୍ତି ।

# ଗଛରୁ ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର:ହତ୍ୟା ଅଭିଯୋଗ

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ସେମିଲିଗୁଡା କୋରାପୁଟ ଜିଲ୍ଲା ସେମିଲିଗୁଡା ଥାନା ଅଞ୍ଚଳରୁ ମିଳିଛି ମୃତ ଦେହ। ପାକଝୋଲା ପଞ୍ଚାୟତର ମାନିଆ ଦଲେଇଗୁଡା ନିକଟ ପାହାଡ ତଳରୁ ମିଳିଛି ମୃତ ଦେହ। ସେମିଲିଗୁଡା ପୋଲିସ ମୃତ ଦେହକୁ ଉଦ୍ଧାର କରିଛି। ତେବେ ଗୋଟିଏ ଗଛରେ ଓହଳି ରହିଥିବା ଯୁବକର ମୃତ ଦେହର ଆଣ୍ଠୁ ଠାରୁ ତଳକୁ ମାଟିରେ ଲାଗି ରହିଛି। ଏହାକୁ ନେଇ ପରିବାର ଲୋକେ ଆଣିଛନ୍ତି ହତ୍ୟା ଅଭିଯୋଗ। ଲେକିଡିଗୁଡ଼ା ଗ୍ରାମର ପ୍ରଫୁଲ୍ଲ ହନ୍ତାଳ ନିଜ ଗ୍ରାମରୁ ବାହାରି ଶୁକ୍ରବାର ଦିନ ଉପର ମାନିଆ ଗ୍ରାମକୁ ଯାଇଥିଲା। ତେବେ ସେ ଆଉ ଘରକୁ ଫେରି ନଥିଲା। ରବିବାର ସକାଳେ ଉପର ମାନିଆରେ ରହୁଥିବା ବିମଳା ଖିଲଙ୍କ ଠାରୁ ଖବରପାଇ ପରିବାର ଲୋକେ ମାନିଆ ଯାଇଥିଲେ। ପାହାଡ ତଳରେ ଆଁଠେଇବା ଅବସ୍ଥାରେ ମୃତ ଦେହ ରହିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଘଟଣାସ୍ଥଳକୁ ସେମିଲିଗୁଡା ପୋଲିସ ସମେତ ସୁନାବେଡ଼ା ଏସଡିପିଓ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିଥିଲେ। ପରବର୍ତ୍ତୀ ସମୟରେ ମୃତ ଦେହ ଉଦ୍ଧାର କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପଠା ଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମ ହତ୍ୟା ସ୍ପଷ୍ଟ ହେବ ବୋଲି ଏସଡିପିଓ ମୋନବ୍ରତା ଶତପଥୀ ସୂଚନା ଦେଇଛନ୍ତି। ତେବେ ପରିବାର ପକ୍ଷରୁ ହତ୍ୟା ସନ୍ଦେହ କରାଯାଇ ଏକ ଲିଖିତ ଅଭିଯୋଗ କରାଯାଇଛି।

### ଓଜେୟୁ ପକ୍ଷରୁ ସାମ୍ବାଦିକ-ବୁଦ୍ଧିଜୀବୀ ସମ୍ମିଳନୀ

# ଗଣତନ୍ତ୍ରର ୩ ମୁଖ୍ୟ ସ୍ତମ୍ଭର ପରିଚାଳନାରେ ଚତୁର୍ଥ ସ୍ତମ୍ଭର ଭୂମିକା ଗୁରୁତ୍ୱପୂର୍ଣ୍ଣ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ଗଣତନ୍ତ୍ରରେ ମୁଖ୍ୟ ତିନୋଟି ସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାର ସଠିକ୍ ପରିଚାଳନା ପାଇଁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରବିବାର ବାରିପଦା ଷ୍ଟାଡିୟମ୍ ସଭାଗୃହ ଠାରେ ଓଡ଼ିଶା ସାମ୍ବାଦିକ ସଂଘ (ଓ.ଜେ.ୟୁ.) ମୟୁରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ସାମ୍ବାଦିକ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଏବଂ ମୁଖ୍ୟବକ୍ତା ଭାବରେ ପ୍ରଫେସର ଡ଼. ପୁଷ୍ପା ପାତ୍ର ଯୋଗଦେଇ କହିଛନ୍ତି । ସମ୍ମାନିତ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ସମାଜସେବୀ ମୁରାରୀ ଲାଲ ଶର୍ମା, ଓଜେୟୁର ରାଜ୍ୟ ସଭାପତି ଶଶୀଭୁଷଣ ପ୍ରହରାଜ, ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ରାଜ୍ୟ କୋଷାଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ଯୋଗଦେଇ ଭାରତୀୟ ଗଣତନ୍ତ୍ରରେ ଚାରୋଟି ସ୍ତମ୍ଭର ଗୁରୁତ୍ୱ ଓ ସ୍ଥିତି ଶୀର୍ଷକରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଅଭିଜିତ ମହାନ୍ତି ଆଲୋଚନା ଚକ୍ରରେ ସଭାପତିତ୍ୱ କରିଥିବା ବେଳେ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ମୟୁରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଡ଼ ଶ୍ୟାମସୁନ୍ଦର ଦାସ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରମୁଖ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରି ଏହାର ସମାଧାନ ପାଇଁ ସାମ୍ବାଦିକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଏହି ଅବସରରେ ଓଡ଼ିଶା ସାମ୍ବାଦିକ ସଂଘର ପ୍ରାକ୍ତନ ଜିଲ୍ଲା ସଭାପତି ସ୍ୱର୍ଗତଃ ସୁବାସ ମହାନ୍ତିଙ୍କୁ ମରଣୋତ୍ତର ସମ୍ମାନ ସହ ହରେକୃଷ୍ଣ ତ୍ରିପାଠୀଙ୍କୁ ସୁବାସ ମହାନ୍ତି ସ୍ମୃତି ସମ୍ମାନ ଏବଂ ବିଭିନ୍ନ ସବ୍‌ଡ଼ିଭିଜନ୍‌ରୁ ଆନନ୍ଦ ଦାସ, ସନ୍ତୋଷ କୁମାର ମହାନ୍ତ, ନନ୍ଦ କିଶୋରେ କିସ୍କୁ ଏବଂ ସର୍ବେଶ୍ୱର ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ ଓଜେୟୁର ଜିଲ୍ଲା ସାଙ୍ଗଠନିକ ବୈଠକରେ କାର୍ଯ୍ୟକାରୀ କମିଟିର କାର୍ଯ୍ୟକାଳ ସମାପ୍ତ ହୋଇଥିବାରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଆବାହକ ଭାବରେ ଦୀପକ କୁମାର ନାୟକ ଏବଂ ଶଶୀକାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ପ୍ରିୟବ୍ରତ ମିଶ୍ର ଏବଂ ମଧୁସୂଦନ ନନ୍ଦ, ଜିଲ୍ଲା ସଭାପତି ଭାବରେ ଅଭିଜିତ ମହାନ୍ତି, ଉପସଭାପତି ଭାବରେ ବିନ୍ଦୁସାର ଦାସ, କୃଷ୍ଣ ଚୈତନ୍ୟ ସଦୁଆଳ, ମଧୁସୂଦନ ଦାସ ଏବଂ ସୁବ୍ରତ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ଭାବରେ ଶାରଦା ପ୍ରସାଦ ବାରିକ, ସହ ସମ୍ପାଦକ ଭାବରେ ପାର୍ଥ ପ୍ରସନ୍ନ ମିଶ୍ର, ବିଷ୍ଣୁଚରଣ ପୁଥାଳ, ବିଦ୍ୟାଧର ପଣ୍ଡିତ ଏବଂ ଦୀପକ କୁମାର ଚୌଧୁରୀ, କୋଷାଧ୍ୟକ୍ଷ ଭାବରେ ରୁପମ ସ୍ୱାଇଁ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ମାନଙ୍କୁ ମନୋନୀତ କରାଯାଇଥିଲା ।

# ମାଟି କାନ୍ଥ ଭୁଶୁଡ଼ି ଶିଶୁ ମୃତ, ବାପା ମା' ଗୁରୁତର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ବାଇପାଲି ପଞ୍ଚାୟତର ତୋଟାସାହିରରେ ରାତିରେ ଘରେ ଶୋଇଥିବା ବେଳେ ଘରର ମାଟିକାନ୍ଥ ଭୁଷୁଡି ଶିଶୁର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ମା' ଓ ବାପାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।


## ବ୍ରଜରାଜନଗର ପୌରପରିଷଦ, ବ୍ରଜରାଜନଗର

ବ୍ରଜରାଜନଗର ପୌରପରିଷଦ ସହରାଞ୍ଚଳର ସମସ୍ତ ଜନସାଧାରଣ ଓ ବୁଦ୍ଧିଜିବୀମାନଙ୍କୁ **ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୪** ପାଳନ ଅବସରରେ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ବ୍ରଜରାଜନଗର ପୌରାଞ୍ଚଳର ସର୍ବାଙ୍ଗିନ ଉନ୍ନତି ଏବଂ ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ ।

| | | |
|---|---|---|
| ଶ୍ରୀଯୁକ୍ତ କ୍ରୀଷ୍ଣା ଗୋପାଳ ସିତାନୀ | ସ୍ୱା/- ନିର୍ବାହୀ ଅଧିକାରୀ | ଶ୍ରୀମତୀ ଯାଜ୍ଞସେନୀ ଓରାମ |
| ଉପ- ନଗରପାଳ | ବ୍ରଜରାଜନଗର | ନଗରପାଳ |
| ବ୍ରଜରାଜନଗର | ପୌରପରିଷଦ | ବ୍ରଜରାଜନଗର |
| ପୌରପରିଷଦ | | ପୌରପରିଷଦ |

ଏବଂ ପରିଷଦ ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ


# 'ରେଭେନ୍ସା' ନାଁ ବଦଳିବା ଦରକାର ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ

**କଟକ, ନ୍ୟୁଜ୍ ବ୍ୟୁରୋ**

ପୁଣି ଉଠିଲା ରେଭେନ୍ସା ନାଁ ପରିବର୍ତ୍ତନ ପ୍ରସଙ୍ଗ । ଯାହାକୁ ନେଇ ଦେଖାଦେଇଛି ବିବାଦ । ନାଁ ପରିବର୍ତ୍ତନକୁ କେତେକ ସମର୍ଥନ କରୁଥିବାବେଳେ ଆଉ କେତେକ ଲୋକେ ଏହାକୁ ବିରୋଧ କରୁଛନ୍ତି । ପୂର୍ବରୁ ରେଭେନ୍ସାର ନାଁ ପରିବର୍ତ୍ତନ କଥା ଉଠାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପୁଣି ଥରେ ସମାନ କଥା ଦୋହରାଇଛନ୍ତି । ଅନ୍ୟପଟେ ରେଭେନ୍ସାର ଛାତ୍ରଛାତ୍ରୀମାନେ ଏହାକୁ ବିରୋଧ କରିଛନ୍ତି । ପୁଣି ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସଙ୍ଗ ଉଠାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରେଭେନ୍ସା ସାହେବଙ୍କ ପାଇଁ ନଅଙ୍କ ଦୁର୍ଭିକ୍ଷ ପଡିଥିଲା । ଯାହାଫଳରେ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ହେଇଥିଲା । ତାଙ୍କ ନାଁରେ ବିଶ୍ୱବିଦ୍ୟାଳୟର ନାମକରଣ ହେବା ଅନୁଚିତ । ଏହାକୁ ପରିବର୍ତ୍ତନ କରିବା ଦରକାର । ଏପରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଉ ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ସେ ପ୍ରକାଶ କରିଛନ୍ତି । ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ନିନ୍ଦା କଲେ ଛାତ୍ରଛାତ୍ରୀ । ଅନ୍ୟପଟେ ରେଭେନ୍ସାରେ ପଢୁଥିବା ଛାତ୍ରଛାତ୍ରୀମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ରେଭେନ୍ସାର ନାମ ଯେପରି ରହିଛି ସେପରି ରହିବା ଆବଶ୍ୟକ ବୋଲି କହିଛନ୍ତି ।

# ହ୍ୱାଇଟ୍ ସ୍ୱାଇଡର୍ ଅପରେସନ୍‌ରେ ୧୫୭ ଗିରଫ:୮୩ ମାମଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀରେ ବେଆଇନ୍ ନିଶା କାରବାର ରୋକିବା ପାଇଁ କମିସନରେଟ୍ ପୋଲିସ ପକ୍ଷରୁ ହ୍ୱାଇଟ୍ ସ୍ୱାଇଡର୍ ଅପରେସନ୍‌କୁ ଜୋର୍‌ଦାର୍ କରାଯାଇଛି । ବିଭିନ୍ନ ଥାନାରେ ଗଠିତ ପିଓପିଡି ଏବଂ ଟିମ୍-୬୦ର ସଦସ୍ୟଙ୍କୁ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଅଗଷ୍ଟରେ ବିଭିନ୍ନ ଥାନାରେ ୪ଟି ବ୍ରାଉନ୍‌ସୁଗର କାରବାର ମାମଲା ରୁଜୁ କରାଯାଇ ୯ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୫୫ ଗ୍ରାମ ୮୦ ମିଲିଗ୍ରାମ ବ୍ରାଉନ୍‌ସୁଗର, ୩୩,୩୦୦ ଟଙ୍କା, ୨ଟି ମୋବାଇଲ୍ ଫୋନ୍ ଏବଂ ୩ ମୋଟରସାଇକଲ ଜବତ କରାଯାଇଥିଲା । ସେହିପରି ବିଭିନ୍ନ ଥାନାରେ ୫ ଗଞ୍ଜେଇ ବିକ୍ରି ମାମଲାରେ ୧୬ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୧ କ୍ୱିଣ୍ଟାଲ୍ ୩୫ କେଜି ୪୭୫ ଗ୍ରାମ ଗଞ୍ଜେଇ, ୫ ମୋବାଇଲ୍ ଫୋନ୍, ୩ ମୋଟରସାଇକଲ ଏବଂ ଦୁଇଟି ବସ୍‌କୁ ମିଶାଇ ୩ ଚାରିଚକିଆ ଯାନ ଜବତ କରାଯାଇଥିଲା । ସୂଚନାଯୋଗ୍ୟ, ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ବିଭିନ୍ନ ଥାନାରେ ୩୯ଟି ବ୍ରାଉନ୍‌ସୁଗର ମାମଲାରେ ୭୪ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ୫୯୮ ଗ୍ରାମ ୩୭୦ ମିଲିଗ୍ରାମର ବ୍ରାଉନ୍‌ସୁଗର, ୬ ଲକ୍ଷ ୯୮ ହଜାର ୯୨୫ ଟଙ୍କା, ୨୬ ମୋବାଇଲ୍ ଫୋନ୍, ୨୯ ଦୁଇଚକିଆ ଯାନ ଏବଂ ୩ ଚାରିଚକିଆ ଯାନ ଜବତ କରାଯାଇଥିଲା । ସେହିପରି ୪୪ ଗଞ୍ଜେଇ ବିକ୍ରି ମାମଲାରେ ୮୩ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ଠାରୁ ୬ କ୍ୱିଣ୍ଟାଲ ୭୮ କେଜି ୨୯୦ ଗ୍ରାମ ଗଞ୍ଜେଇ, ୧ ଲକ୍ଷ ୫୮ ହଜାର ୭୬୦ ଟଙ୍କା, ୨୪ ମୋବାଇଲ୍ ଫୋନ୍, ୯ ଦୁଇଚକିଆ ଯାନ, ଗୋଟିଏ ତିନିଚକିଆ ଯାନ ଏବଂ ଦୁଇଟି ବସ୍‌କୁ ମିଶାଇ ମୋଟ୍ ୧୦ ଚାରିଚକିଆ ଯାନ ଜବତ କରାଯାଇଥିଲା । ଏହିପରି ଭାବରେ ୮ ମାସ ମଧ୍ୟରେ ୮୩ ମାମଲାରେ ୧୫୭ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଛି ।



# କେନ୍ଦୁଝର ଜିଲ୍ଲାରେ ଡେଙ୍ଗୁ ଆତଙ୍କ:ଜଣେ ମୃତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ସହରାଞ୍ଚଳରେ ପରିମଳ ବ୍ୟବସ୍ଥା ଭଲନାହିଁ । କେନ୍ଦୁଝର ସହର ପରି ଅନେକ ସ୍ଥାନରେ ଡ୍ରେନ୍ ବ୍ୟବସ୍ଥିତ ନୁହେଁ । ଏବେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ୱାର୍ଡରେ ସବୁ ଶଯ୍ୟାରେ ରୋଗୀ ଅଛନ୍ତି । ଏଥିରୁ ସ୍ପଷ୍ଟ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କେତେ । ହେଲେ ଏହି ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀ ବାହାରୁ ପଜିଟିଭ ରିପୋର୍ଟ ଧରି ଆସିଲେ ତୁରନ୍ତ ବେଡ଼ ମିଳୁନି । ସାଧାରଣ ଚିକିତ୍ସା ମିଳୁଛି ହେଲେ ରକ୍ତ ପରୀକ୍ଷା କରି ଏଲିସା ରିପୋର୍ଟ ବହୁ ବିଳମ୍ବରେ ମିଳୁଛି । ସୂଚନା ମିଳିଛି କି ରବିବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଡ଼ବିଲ ସହରରୁ ଆସି ଥିବା ଡେଙ୍ଗୁ ରୋଗୀ ବିରି ବିଶ୍ୱକର୍ମା (୩୭)ଙ୍କ ମୃତ୍ୟୁ ହୋଇଯାଇଛି । ତେବେ ସେ ପ୍ରଥମେ ଅନ୍ୟ ୱାର୍ଡରେ ଚିକିତ୍ସିତ ହୋଇ ଡେଙ୍ଗୁ ୱାର୍ଡକୁ ଆସିଥିଲେ । ତେବେ ଡାକ୍ତରଖାନାରେ ତାଙ୍କୁ କଟକ ନେଇଯିବା ଲାଗି ରେଫର କରିବାରୁ ତାଙ୍କୁ ଆମ୍ବୁଲାନ୍ସକୁ ନେବା ବେଳେ ମୃତ ବୋଲି ଜଣାପଡିଥିଲା ଏବେ ପ୍ରଶ୍ନ ଉଠୁଛି କି ୱାର୍ଡରେ ମରିଥିବା ବେଳେ କାହିଁକି କଟକ ରେଫର କରାଯାଇଥିଲା । ପୁଣି ଯଦି ବାହାରେ ମଲା ତେବେ ଶବ ବ୍ୟବଚ୍ଛେଦ କାହିଁକି କରାଗଲାନାହିଁ । ଏକଥାର ଉତ୍ତର ସିଡିଏମ୍‌ଓ ଦେଇପାରିନାହାନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩।୯।୨୦୨୪, ଭାଦ୍ରବ ଦି୧୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୧।୪୦** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା ମଳ-** ପ୍ରାଘ ୭।୨୬ ପର୍ଯ୍ୟନ୍ତ । **ପୂର୍ବା ଫାଲ୍ଗୁନି ନକ୍ଷତ୍ର-** ରାଘ ୩।୧୧ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ପ୍ରାଘ ୭।୨୬ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଘ ୧୦।୩୧ ମଧ୍ୟେ। ଦିଘ ୪।୨୩ ଗତେ ଘ ୫।୧୭ ମଧ୍ୟେ । **ପର୍ବୋତ୍ସବ -** ଗୋସହସ୍ରୀ ଗଂଗା ସ୍ନାନ, ଅଗସ୍ତ୍ୟାର୍ଘ୍ୟ ଦାନ ଆରମ୍ଭ ।



**ମେଷ:** କର୍ମକ୍ଷେତ୍ରରେ ବିରୋଧ ଦେଖାଦେବ । ଶତ୍ରୁ ବୃଦ୍ଧି ପାଇବେ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ରହିବେ । ଆୟ ଓ ବ୍ୟୟ ସମାନ ରହିବ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବେ । ମନ ଭଲ ରହିବ ।



**ବୃଷ:** ପାରିବାରିକ କଳହ ଯୋଗ ଦେଖାଦେବ । ଧନ ଲାଭର ସୂଚନା । ସାମାଜିକ ସ୍ତରରେ ସମ୍ମାନିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।



**ମିଥୁନ:** ଉଚ୍ଚ ଆଶା ଆପଣଙ୍କର ସଫଳ ହେବ । ରୋଗରୁ ଉପଶମ ହୋଇପାରେ । ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ । ମହିଳାମାନେ ସୁଖୀ ହେବେ । ଗୃହେ ଅଶାନ୍ତି ଦେଖାଦେଇପାରେ । ମନ ଭଲ ରହିବ ।



**କର୍କଟ:** ପାରିବାରିକ ଅସନ୍ତୋଷ ଦେଖାଦେବ । ଧନ ଲାଭର ସୂଚନା । ସାମାଜିକ ସ୍ତରରେ ସମ୍ମାନିତ ହେବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଦୂରଯାତ୍ରାରେ ସମସ୍ୟା ଦେଖାଦେଇପାରେ। ଦୁଶ୍ଚିନ୍ତା ବଢ଼ିବାର ସୂଚନା ।



**ସିଂହ:** କର୍ମକ୍ଷେତ୍ରରେ ସୁଖ ସମ୍ମାନ ଲାଭ ହେବ । ଆଜି ଦିନଟା ଆପଣଙ୍କ ପାଇଁ ଭଲ । ଧନ ଲାଭର ସୌଭାଗ୍ୟ ଜୁଟିବ । ମହିଳାମାନେ ସୁଖୀ ହେବେ । ଶତ୍ରୁ ନାଶ ହେବାର ସୂଚନା । ଗୃହେ ଶାନ୍ତି ଲାଭ । ଦେହ ଭଲ ରହିବ ।



**କନ୍ୟା:** ଆଜି ଆପଣଙ୍କର ବ୍ୟୟ ଯୋଗ ରହୁଛି । ଦିନ ଶୁଭଦାୟକ ହେବ । ସାମାଜିକ ପ୍ରତିଷ୍ଠା ବଢ଼ିବ। ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ପାରିବାରିକ ଜୀବନ ସୁଖମୟ ହେବ । ଦିନଟି ଆପଣଙ୍କ ପାଇଁ ଶୁଭଦାୟକ ।



**ତୁଳା:** ଚାକିରୀ କ୍ଷେତ୍ରରେ ଅସହଯୋଗ ଦେଖାଦେବ । ଏଣୁ ଚିଡ଼ଚିଡ଼ା ହୋଇପାରନ୍ତି । ଆୟରେ ସ୍ଥିରତା ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ ।



**ବିଛା:** ଉତ୍ସାହ ସହକାରେ ସମସ୍ତ କାର୍ଯ୍ୟ କରିଚାଲିବେ । ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିବେ । ଆର୍ଥିକ ପରିସ୍ଥିତି ଦୃଢ଼ ରହିବ । ସାମାଜିକ ସ୍ତରରେ ସମ୍ମାନୀତ ହେବେ । ପିଲାମାନେ ପାଠ ପଢ଼ାରେ ମନ ଦେବେ । ଗୃହେ ଆନନ୍ଦ ।



**ଧନୁ:** ବ୍ୟବସାୟରେ ସମସ୍ୟା ଦେଖାଦେଇପାରେ। ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ରୋଜଗାର ଭଲ ହେବ । ମାଲିମୋକଦ୍ଦମାରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା ।



**ମକର:** ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ । ବ୍ୟବସାୟରେ କ୍ଷତି ଘଟିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ ।



**କୁମ୍ଭ:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ପାରିବାରିକ ଜୀବନରେ ବ୍ୟସ୍ତ ରହିବେ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସହ ଭେଟ ହୋଇପାରେ । ଭ୍ରମଣ ଯୋଗ ।



**ମୀନ:** ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭ କରି ଉପକୃତ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ । ଆର୍ଥିକ ଅବସ୍ଥା ସ୍ଥିର ରହିବ । ଲୋକପ୍ରିୟତା ବଢ଼ିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୯।୨୦୨୪, ଭାଦ୍ରବ ଦି୨୦ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୧।୫୩** **ଚନ୍ଦ୍ରୋଦୟ- ଘ୬।୨୦।୦୮**

**ପ୍ରତିପଦ-** ଦିଘ ୯।୪୭ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍ଗୁନି ନକ୍ଷତ୍ର-** ଅହୋରାତ୍ର। **ସିଂହ ଚନ୍ଦ୍ର-** ଦିଘ ୯।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ଦିଘ ୯।୫୫ ଗତେ ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୯।୫୫ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୯।୪୭ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୬ ଗତେ ଘ ୭।୧୪ ମଧ୍ୟେ। ଦିଘ ୧।୪୯ ଗତେ ଘ ୫।୦୬ ମଧ୍ୟେ । **ପର୍ବୋତ୍ସବ -** ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା, ଶ୍ରୀ ମନ୍ଦିରେ ଦାବାଗ୍ନି ଲୀଳା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# କୃଷି ଅଭିବୃଦ୍ଧି ୧.୨%କୁ ଖସିଲା

ଚଳିତ ବର୍ଷର ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କୃଷି କ୍ଷେତ୍ର ଚାପରେ ରହିଥିଲା। କେନ୍ଦ୍ର ସରକାର ଜାରି କରିଥିବା ଅର୍ଥନୈତିକ ଅଭିବୃଦ୍ଧି ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏହି ତିନି ମାସରେ କୃଷି କ୍ଷେତ୍ରର ଅଭିବୃଦ୍ଧି ମାତ୍ର ୧.୨ ପ୍ରତିଶତ ରହିଛି ଯାହା ତାହାର ତିନି ମାସ ପୂର୍ବରୁ ଅର୍ଥାତ୍ ଜାନୁଆରିରୁ ମାର୍ଚ୍ଚ ଭିତରେ ୩.୫ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। କୃଷି ଅଭିବୃଦ୍ଧି ହ୍ରାସ ପାଇବା ସତ୍ତ୍ୱେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ଜୁଲାଇ-ସେପ୍ଟେମ୍ବରରେ ୭.୬ ପ୍ରତିଶତ ହୋଇଛି। ଫଳରେ ଅଭିବୃଦ୍ଧି କମ୍ ରହିବା ନେଇ ହୋଇଥିବା ସବୁ ଆକଳନ ଭୁଲ ପ୍ରମାଣିତ ହୋଇଛି। ଚଳିତ ବର୍ଷର ଜାନୁଆରୀ-ମାର୍ଚ୍ଚର ଅଭିବୃଦ୍ଧି ୭.୮ ପ୍ରତିଶତ ଥିଲା। ଆଲୋଚ୍ୟ ତିନି ମାସରେ ଖଣି ଓ ଖନନ, ମାନୁଫାକ୍ଚରିଂ ଓ ନିର୍ମାଣ କ୍ଷେତ୍ରର ପ୍ରଦର୍ଶନ ବହୁତ ଭଲ ରହିଥିଲା। ଖଣି ଓ ଖନନ କ୍ଷେତ୍ର ୧୦ ପ୍ରତିଶତ ହାରରେ ଆଗକୁ ବଢ଼ିଥିବା ବେଳେ ମାନୁଫାକ୍ଚରିଂ ୧୩.୯ ପ୍ରତିଶତ ଏବଂ ନିର୍ମାଣ କ୍ଷେତ୍ର ୧୩.୩ ପ୍ରତିଶତ ହାରରେ ଆଗକୁ ବଢ଼ିଛି। ବାଣିଜ୍ୟ, ହୋଟେଲ ଓ ପରିବହନ କ୍ଷେତ୍ର ୪.୩ ପ୍ରତିଶତ ଭଳି ମନ୍ଥର ଗତିରେ ଆଗକୁ ବଢ଼ିଥିବା ବେଳେ ବିଦ୍ୟୁତ କ୍ଷେତ୍ରର ଅଭିବୃଦ୍ଧି ୧୦.୧ ପ୍ରତିଶତ ଭଳି ଉତ୍ସାହଜନକ ସ୍ତରରେ ରହିଛି। ଆର୍ଥିକ ସେବା ଓ ରିଅଲ ଇଷ୍ଟେଟ୍ ୬ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା ୭.୬ ପ୍ରତିଶତ ହାରରେ ଆଗକୁ ବଢ଼ିଛି। କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଜାରି କରିଥିବା ତଥ୍ୟ ଅନୁସାରେ ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଦେଶର ଜିଡିପି ପରିମାଣ ୪୧.୭୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୨-୨୩ର ସେହି ସମୟରେ ଜିଡିପି ପରିମାଣ ୩୮.୭୮ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ବର୍ଷର ଜୁଲାଇ-ସେପ୍ଟେମ୍ବର ତିନି ମାସରେ ଚାଉଳ ଉତ୍ପାଦନ ୩.୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ଘରୋଇ ଯାନବାହନ କିଣା ୦.୫ ପ୍ରତିଶତ ଏବଂ ସାମଗ୍ରୀ ଓ ସେବା ଆମଦାନି ୬.୫ ପ୍ରତିଶତ ହ୍ରାସ ପାଇଛି। ସେହି ସମୟରେ କୋଇଲା, ଅଶୋଧିତ ତୈଳ, ଇସ୍ପାତ, ଟେଲିଫୋନ୍ ଗ୍ରାହକ, କମର୍ସିଆଲ ଗାଡ଼ି ବିକ୍ରି, ବନ୍ଦରରେ ପଣ୍ୟ ପରିବହନ, ବିମାନବନ୍ଦରରେ ପଣ୍ୟ ପରିବହନ ଓ ଯାତ୍ରୀ ସଂଖ୍ୟା, ବ୍ୟାଙ୍କର ଜମା ଓ ଅଗ୍ରୀମ, ସାମଗ୍ରୀ ଓ ସେବା ରପ୍ତାନିରେ ବୃଦ୍ଧି ଘଟିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢ଼ିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମର ଲୀଳା ଦୁନିଆଁ
**ଭଗବାନ**

ଆମ୍ଭକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆମ୍ଭକୁ କଷ୍ଟ ହେଲା ଯେଣୁ
ଆମ୍ଭରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ୱ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡ଼ା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ୱ ସମର୍ପିସ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ଼ ଅଜ୍ଞାନୀ କୁଜନ
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆମ୍ଭରେ ଭକୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହୃଦ ରଖି
ଦେଉଛି ଆହେ ନନ୍ଦବସି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ଭୂକମ୍ପ ପ୍ରବଣ ଅଞ୍ଚଳର ଇତିହାସ ଓ ଭବିଷ୍ୟତ(୬)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଆଲେଖ୍ୟ ଗୁଡିକରେ ଭୂକମ୍ପର ଇତିହାସ, ପ୍ରାଚୀନ ସଭ୍ୟତାରୁ ଆନୀତ ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡର ବିଶ୍ଳେଷଣ, ଭୂତତ୍ତ୍ୱ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ, ପୃଥିବୀର ବିଭିନ୍ନ ସ୍ଥାନରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକମ୍ପର ପ୍ରଭାବ, ବୈଜ୍ଞାନିକ ଚିନ୍ତାଧାରା, ଇତିହାସରେ ବିଭିନ୍ନ ପୁରାଣ ଏବଂ ଧର୍ମ ମାଧ୍ୟମରେ ଭୂକମ୍ପକୁ ବୁଝିବାକୁ ଏବଂ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛି । ଆଜି ସେ ସମସ୍ତ ବିଷୟ ଛଡା ଭାରତବର୍ଷରେ ହୋଇଥିବା ଭୂକମ୍ପର ଇତିହାସ ଦେବାକୁ ଚେଷ୍ଟା କରିବା।

ଇଣ୍ଡିଆନ୍ ପ୍ଲେଟ୍ ଏବଂ ୟୁରାସିଆନ୍ ପ୍ଲେଟ୍ ସୀମାରେ ଅବସ୍ଥିତ ଏହାର ଅନନ୍ୟ ଭୌଗୋଳିକ ଅବସ୍ଥିତି ହେତୁ ଭାରତ ଇତିହାସରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂକମ୍ପ ଅନୁଭବ କରିଛି । ଭାରତରେ ଉଲ୍ଲେଖନୀୟ ଭୂକମ୍ପର ଏକ ବିସ୍ତୃତ ଇତିହାସ ନିମ୍ନରେ ଦିଆଗଲା :

ପ୍ରାଚୀନ ଏବଂ ମଧ୍ୟଯୁଗୀୟ ସମୟ:

◆ ପ୍ରାଚୀନ ରେକର୍ଡ ଯଥା ଐତିହାସିକ ଗ୍ରନ୍ଥ ଏବଂ ଲେଖା ଗୁଡିକ ପ୍ରାଚୀନ ଭାରତୀୟ ସଭ୍ୟତାକୁ ପ୍ରଭାବିତ କରିଥିବା ଭୂକମ୍ପର ପ୍ରମାଣ ପ୍ରଦାନ କରେ ତଥାପି, ଏହି ସମୟରୁ ବିସ୍ତୃତ ବୈଜ୍ଞାନିକ ତଥ୍ୟ ସୀମିତ ଅଟେ ।

◆ କେତେକ ମଧ୍ୟଯୁଗୀୟ ରେକର୍ଡ, ଯେପରିକି ଇତିହାସ ଏବଂ ଧାର୍ମିକ ଗ୍ରନ୍ଥଗୁଡ଼ିକ, ବିନାଶକାରୀ ଭୂକମ୍ପ ବିଷୟରେ ଉଲ୍ଲେଖ କରିଥାଏ, କିନ୍ତୁ ସଠିକ୍ ବିବରଣୀ ଏବଂ ପରିମାଣ ଭଲ ଭାବରେ ଦଲିଲଭୁକ୍ତ ହୋଇନାହିଁ ।

ବ୍ରିଟିଶ ଉପନିବେଶ ସମୟ:

◆ ୧୮୦୩ ମସିହାରେ ଗଡୱାଲ୍ ଭୂକମ୍ପ: ପ୍ରାରମ୍ଭିକ ରେକର୍ଡ ହୋଇଥିବା ଭୂକମ୍ପ ମଧ୍ୟରୁ ଏହା ଉତ୍ତରାଖଣ୍ଡ ଅଞ୍ଚଳକୁ ପ୍ରଭାବିତ କରି ବହୁ କ୍ଷୟକ୍ଷତି ଘଟାଇଥିଲା।

◆ ୧୮୧୯ ମସିହାରେ କଚ୍ଛ ଭୂକମ୍ପ: ରିକ୍ଟର ସ୍କେଲରେ ୮.୦ବିଶିଷ୍ଟ ଏହି ଭୂକମ୍ପରେ କଚ୍ଛ ଅଞ୍ଚଳର ରାନରେ ବ୍ୟାପକ ଧ୍ୱଂସ ଘଟିଲା, ଯାହାଦ୍ୱାରା ଏକ ଆଲ୍ଲାହା ବଣ୍ଡ୍ (ଏକ ପ୍ରାକୃତିକ ବନ୍ଧ) ସୃଷ୍ଟି ହୋଇ ସିନ୍ଦ୍ରି ଦୁର୍ଗକୁ ଜଳମଗ୍ନ କଲା ।

◆ ୧୮୩୩ ମସିହାରେ ବିହାର-ନେପାଳ ଭୂକମ୍ପ: ଆନୁମାନିକ ୭.୭ ବିଶିଷ୍ଟ ଏହି ଭୂକମ୍ପ ଉତ୍ତର ବିହାର ଏବଂ ନେପାଳରେ ବ୍ୟାପକ କ୍ଷତି ଘଟାଇଥିଲା।

◆ ୧୮୫୫ ମସିହାରେ କାଶ୍ମୀର ଉପତ୍ୟକାକୁ ୬.୩ ମାତ୍ରାର ଏକ ଭୂକମ୍ପ ଘଟି ବ୍ୟାପକ ଧ୍ୱଂସ ଓ ଜୀବନ ହରାଇଥିଲା।

ବିଂଶ ଶତାବ୍ଦୀର ପ୍ରାରମ୍ଭ:

◆ ୧୮୯୭ ରେ ଆସାମ ଭୂକମ୍ପ ଭାରତୀୟ ଇତିହାସର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ମଧ୍ୟରୁ ଗୋଟିଏ ବୋଲି ପରିଗଣିତ ହୁଏ। ରିକ୍ଟର ସ୍କେଲରେ ୮.୩ ବିଶିଷ୍ଟ ଏହି ଭୂକମ୍ପ ଆସାମ ଏବଂ ମେଘାଳୟରେ ବ୍ୟାପକ କ୍ଷୟକ୍ଷତି କରିଥିଲା, ଏହାର ପ୍ରଭାବ ଭାରତର ଅନେକ ଭାଗରେ ତଥା ବାହାରେ ଅନୁଭୂତ ହୋଇଥିଲା ।

◆ ୧୯୦୫ ମସିହାରେ ହିମାଚଳ ପ୍ରଦେଶର କାଙ୍ଗ୍ରା ଉପତ୍ୟକାରେ ୭.୮ ମାତ୍ରାର ଏହି ଭୂକମ୍ପରେ ଅନୁଭୂତ ହୋଇଥିଲା। ସେଥିରେ ୨୦,୦୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ବ୍ୟାପକ ଗଠନମୂଳକ କ୍ଷତି ଘଟିଥିଲା।

◆ ୧୯୩୪ ବିହାର-ନେପାଳ ଅଞ୍ଚଳରେ ୮.୦ ମାତ୍ରାର ଏକ ଭୂକମ୍ପବିହାର ଏବଂ ନେପାଳରେ ବ୍ୟାପକ ଧ୍ୱଂସ ଘଟାଇଥିଲା ଏବଂ ପ୍ରାୟ ୧୦,୦୦୦ ମୃତାହତ ଏବଂ ଭିତ୍ତିଭୂମି ନଷ୍ଟ ହୋଇଯାଇଥିଲା।

◆ ୧୯୪୧ ରେ ୮.୧ମାତ୍ରାର ଏକ ଭୂକମ୍ପ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜକୁ ପ୍ରଭାବିତ କରି ବ୍ୟାପକ କ୍ଷତି ଘଟାଇ ସୁନାମି ସୃଷ୍ଟି କରିଥିଲା।

ସ୍ୱାଧୀନତାର ପରବର୍ତ୍ତୀ ଅବଧି:

◆ ୧୯୫୦ ରେ ଆସାମ-ତିବ୍ବତ ଭୂକମ୍ପ: ସର୍ବଭାରତୀୟ ସ୍ତରରେ ରେକର୍ଡ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ମଧ୍ୟରୁ ଏହି ୮.୬ ମାତ୍ରାର ଭୂକମ୍ପ ଆସାମ ଏବଂ ତିବ୍ବତରେ ଗୁରୁତର କ୍ଷତି ଘଟାଇ ଭୂସ୍ଖଳନ ଏବଂ ଭୟାବହ ବନ୍ୟା ପରିସ୍ଥିତି ସୃଷ୍ଟି କରିଥିଲା।

◆ ୧୯୯୧ ମସିହାରେ ଉତ୍ତରାଖଣ୍ଡରେ ହୋଇଥିବା ଭୂକମ୍ପ: ସେତେବେଳେ ଉତ୍ତରାଖଣ୍ଡ ଏକ ଅଲଗା ରାଜ୍ୟ ନଥିଲା। ଏହା ଉତ୍ତରପ୍ରଦେଶର ଏକ ଅଞ୍ଚଳ ଥିଲା। ଏହି ଅଞ୍ଚଳରେ ୬.୮ ମାତ୍ରାର ଏକ ଭୂକମ୍ପରେ ୧୦୦୦ ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେଏବଂ ଭିତ୍ତିଭୂମିରେ ବ୍ୟାପକ କ୍ଷତି ଘଟିଥିଲା ।

◆ ୧୯୯୩ ଲାଟୁର ଭୂକମ୍ପ: ମହାରାଷ୍ଟ୍ରର ଲାଟୁର ଜିଲ୍ଲାରେ ୬.୪ମାତ୍ରାର ଏକ ଭୂକମ୍ପ ଘଟି ପ୍ରାୟ ୧୦,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା।

◆ ୧୯୯୭ ରେ ଜବଲପୁର ଭୂକମ୍ପ: ମଧ୍ୟପ୍ରଦେଶରେ ୬.୦ ମ୍ୟାଗ୍ନିଚ୍ୟୁଡର ଏହି ଭୂକମ୍ପରେ ମଧ୍ୟମ ଧରଣର କ୍ଷୟକ୍ଷତି ଘଟିଥିଲା ଏବଂ ଏହା ମଧ୍ୟ ଭାରତରେ ଭୂକମ୍ପ ହେବାର ଆଶଙ୍କା ସୃଷ୍ଟି କରିଥିଲା।

ଏକବିଂଶ ଶତାବ୍ଦୀ:

◆ ୨୦୦୧ ଗୁଜୁରାଟ ଭୂକମ୍ପ: ୧୮୧୯ ମସିହା ପରେ ଜାନୁଆରୀ ୨୬, ୨୦୦୧ ରେ କଚ୍ଛ ଅଞ୍ଚଳରେ ୭.୭ପରିମାପର ଏକ ଭୂକମ୍ପ ଘଟି ପ୍ରାୟ ୨୦,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା, ୧୬୭,୦୦୦ ଆହତ ହୋଇଥିଲେ ଏବଂ ପ୍ରାୟ ୪୦୦,୦୦୦ ଲୋକ ବିସ୍ଥାପିତ ହୋଇଥିଲେ। ଭୂକମ୍ପ ଭୁଜ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ଧ୍ୱଂସ ଘଟାଇଥିଲା। ଆଜି ପର୍ଯ୍ୟନ୍ତ ଲୋକେ ଏହାକୁ ଭୁଲିନାହାନ୍ତି।

◆ ୨୦୦୪ ଭାରତ ମହାସାଗରରେ ଭୂକମ୍ପ ଏବଂ ସୁନାମି: ଭୂକମ୍ପ କେନ୍ଦ୍ର ଇଣ୍ଡୋନେସିଆର ସୁମାତ୍ରାର ଉପକୂଳରେ ଥିବାବେଳେ ୯.୧ମାତ୍ରାର ଏକ ଭୂକମ୍ପରେ ସୁନାମୀ ସୃଷ୍ଟି ହୋଇଥିଲା ଯାହା ଦ୍ୱାରା ଭାରତର ପୂର୍ବ ଉପକୂଳରେ ବିଶେଷ ଭାବରେ ତାମିଲନାଡୁ ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ବହୁ କ୍ଷତି ଘଟିଥିଲା।

◆ ୨୦୦୫ କାଶ୍ମୀରରେ ହୋଇଥିବା ଭୂକମ୍ପ: ଜାମ୍ମୁ କାଶ୍ମୀରରେ ଭାରତ-ପାକିସ୍ଥାନ ସୀମାବର୍ତ୍ତୀ ଅଞ୍ଚଳରେ ୭.୬ମାତ୍ରାର ଏକ ଭୂକମ୍ପ ଘଟି ଗୁରୁତର କ୍ଷତି ଘଟାଇଥିଲା ଏବଂ ପ୍ରାୟ ୮୬,୦୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା ଏହା ମୁଖ୍ୟତଃ ପାକିସ୍ତାନ ଅଧିକୃତ କାଶ୍ମୀରରେ ଅନୁଭୂତ ହୋଇଥିଲା।

◆ ୨୦୧୧ ସିକ୍କିମ୍ ଭୂକମ୍ପ: ସିକ୍କିମ୍ ରାଜ୍ୟରେ ୬.୯ ମାତ୍ରାର ଏହି ଭୂକମ୍ପ ଉତ୍ତର-ପୂର୍ବ ଭାରତ, ନେପାଳ ଏବଂ ଭୁଟାନରେ ବ୍ୟାପକ କ୍ଷୟକ୍ଷତି, ଭୂସ୍ଖଳନ ଏବଂ ଜନହାନି ଘଟାଇଥିଲା।

◆ ୨୦୧୫ ନେପାଳ ଭୂକମ୍ପ: ଯଦିଓ ନେପାଳରେ କେନ୍ଦ୍ରୀଭୂତ ହୋଇଥିଲା, କିନ୍ତୁ ଏହି ୭.୮ମାତ୍ରାର ଭୂକମ୍ପ ପଡୋଶୀ ଭାରତୀୟ ରାଜ୍ୟ ବିହାର, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ବହୁ କ୍ଷୟକ୍ଷତି ଏବଂ ମୃତ୍ୟୁ ଘଟାଇଥିଲା।

ସାମ୍ପ୍ରତିକ ପଦକ୍ଷେପ ଏବଂ ଭବିଷ୍ୟତ ପ୍ରସ୍ତୁତି:

◆ ଭୂକମ୍ପ ଜନିତ ଜୋନ୍: ଭାରତ ଚାରିଟି ଭୂକମ୍ପୀୟ ଜୋନ୍ (ଜୋନ୍ IIରୁ ଜୋନ୍ V) ରେ ବିଭକ୍ତ ହୋଇଛି ଏବଂ ଜୋନ୍ V ସର୍ବାଧିକ ଭୂକମ୍ପରେ ସକ୍ରିୟ ଅଛି। ଉଚ୍ଚ ଭୂକମ୍ପ ବିପଦକୁ ସୂଚାଇ ହିମାଳୟ ଏବଂ ଉତ୍ତର-ପୂର୍ବ ଭାରତ ଜୋନ୍ V ଅଧୀନରେ ଅଛି।

◆ ବିଲ୍ଡିଂ କୋଡ୍: ଭୂକମ୍ପ-ପ୍ରତିରୋଧକ ନିର୍ମାଣକୁ ସୁନିଶ୍ଚିତ କରିବା ପାଇଁ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଏସ୍) ବିସ୍ତୃତ ବିଲ୍ଡିଂ କୋଡ୍ ପ୍ରସ୍ତୁତ କରିଛି, ବିଶେଷ କରି ଉଚ୍ଚ ବିପଦପୂର୍ଣ୍ଣ ଅଞ୍ଚଳରେ ।

ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ: ପ୍ରାରମ୍ଭିକ ସଚେତନତା ପ୍ରଣାଳୀ କାର୍ଯ୍ୟକାରୀ କରିବା ଏବଂ ଜନସଚେତନତା ଅଭିଯାନ ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନା ମାଧ୍ୟମରେ ଭୂକମ୍ପ ପ୍ରସ୍ତୁତି ଏବଂ ପ୍ରତିକ୍ରିୟାରେ ଉନ୍ନତି ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଭୂକମ୍ପର ଇତିହାସକୁ ନଜରରେ ରଖି ଭବିଷ୍ୟତରେ ଭୂକମ୍ପ ଘଟଣାର ପ୍ରଭାବକୁ ହ୍ରାସ କରିବା ପାଇଁ ନିରନ୍ତର ଅନୁସନ୍ଧାନ, ପ୍ରସ୍ତୁତି ଏବଂ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଉଛି।

# ବର୍ଷା ଜଳ ସଂରକ୍ଷଣ: ଏକ ଆବଶ୍ୟକ ପଦକ୍ଷେପ



ନିହାର ରଞ୍ଜନ ଆଚାର୍ଯ୍ୟ
ପ୍ରତିଷ୍ଠାତା ଓ ସହକାରୀ ନିର୍ଦ୍ଦେଶକ, ଟ୍ରଷ୍ଟ (ଏକ ବିଜ୍ଞାନ ପ୍ରଚାର ଅନୁଷ୍ଠାନ)
ବୈଜ୍ଞାନିକ ଅଫିସର, ଭାରତୀୟ ଜଳବାୟୁ କଂଗ୍ରେସ
ଦୂରଭାଷ- ୮୨୪୯୭୭୫୮୧୭

ବର୍ଷା ଜଳ, ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରାଚୀନ ପ୍ରଥା ଥିଲା, କିନ୍ତୁ ଆଜିର ଦୈନିକ ପରିପ୍ରେକ୍ଷାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ପର୍ଯ୍ୟାପ୍ତ ମାନବ ବୃଦ୍ଧି, ଅଧିକ ପରିମାଣରେ ପାଣିର ଆବଶ୍ୟକତା ଏବଂ ଭୂଗର୍ଭ ଜଳ ହ୍ରାସ ଏହାର ସନ୍ଧାନକୁ ଆବଶ୍ୟକ କରିଛି । ବର୍ଷା ଜଳ ସଂରକ୍ଷଣ କହିଲେ, ବର୍ଷାରେ ତିଆରି ହେବା ଜଳକୁ ସଂରକ୍ଷଣ କରି ଭବିଷ୍ୟତରେ ଏହାକୁ ଉପଯୋଗ କରିବାକୁ ବର୍ଷ ଜଳ ସଂରକ୍ଷଣ କୁହାଯାଏ। ବର୍ଷ ଜଳ ସଂରକ୍ଷଣ ଏକ ଚିରପୋଷଣକ୍ଷମ ଅଭ୍ୟାସ ଅଟେ । ଏଥିରେ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ବର୍ଷାଜଳକୁ ସଂଗ୍ରହ, ସଂରକ୍ଷଣ ଏବଂ ବ୍ୟବହାର କରାଯାଇଥାଏ । ଜଳସେଚନ, ଧୁଆଧୋଇ ଏବଂ ପାନୀୟ ଜଳ ଭଳି ବିଭିନ୍ନ ଉପଯୋଗ ପାଇଁ ବର୍ଷାପାଣିକୁ ସଂଗ୍ରହ ଓ ସଂରକ୍ଷଣ କରିବା ନିମନ୍ତେ ବର୍ଷା ଜଳ ପ୍ରଣାଳୀ ଏକ ଉତ୍ତମ ଉପାୟ ଅଟେ । ଉପଯୁକ୍ତ ପ୍ଲାନିଂ ଓ ସ୍ଥାପନ ସହିତ ବର୍ଷାଜଳ ସଂରକ୍ଷଣ ପ୍ରଣାଳୀ ଜଳାଭାବ ଓ ମରୁଡିର ଏକ ଫଳପ୍ରଦ ଓ ମୂଲ୍ୟବାନ ସମାଧାନ । ଏହି ପ୍ରଣାଳୀ ବା ବ୍ୟବସ୍ଥାକୁ ସ୍ଥାପନ କରି ଜଣେ ନିଜର ପାଣି ବିଲ୍ ଉପରେ ପଇସା ସଂଚୟ କରିପାରିବ ଓ ପୌର ଜଳ ଯୋଗାଣ ଉପରେ ନିଜର ନିର୍ଭରତାକୁ ହ୍ରାସ କରିପାରିବ । ଏଥିସହ ସବୁଠାରୁ ଗୁରୁତ୍ୱପୂର୍ଣ ତଥା ମହତ୍ତ୍ୱପୂର୍ଣ୍ଣ କଥା ହେଲା ଜଳ ସଂରକ୍ଷଣ କରିପାରିବ ।

**ବର୍ଷା ଜଳ ସଂରକ୍ଷଣର ଅବଶ୍ୟକତା:** ଭୂମି ଉପରେ ଉପଯୋଗ କରିବା ନିମନ୍ତେ ଭୂମିଜଳର ସ୍ତର ଧୀରେ ଧୀରେ କମିବାରେ ଲାଗିଛି । ଭୂମିଜଳ ସମାପ୍ତ ହେଉଛି ଓ ଅନେକ ସ୍ଥାନରେ ବିଭିନ୍ନ ଜଳଜନିତ ସମସ୍ୟା ସୃଷ୍ଟି ହେଉଛି। ଏହାର ମୂଳ କାରଣ ହେଉଛି ଅତ୍ୟାଧୁନିକ ସଭ୍ୟତାର ବିକାଶ ସହ ଅନେକ ଗୃହ, ମାଟି ଓ ଅନ୍ୟାନ କାର୍ଯ୍ୟ ପାଇଁ ଭୂମି ଜଳ ଉପରେ ଦିନକୁ ଦିନ ଚାପବଢ଼ି ଚାଲିଛି। ଭୂଗର୍ଭ ଜଳ ଷ୍ଟୋରେଜ୍ ତୀବ୍ର ଭାବେ କମି ଯାଉଛି ଓ ଜଳ ଅଭାବ ସମସ୍ତଙ୍କ ପାଇଁ ଏକ ଭୀଷଣ ସମସ୍ୟା ରୂପେ ଦେଖା ଦେଇଛି । ୱାଟର ଏଡ଼ ଭଳି ସଂସ୍ଥାର ଆକଳନ ଅନୁଯାୟୀ ୨୦୫୦ ମସିହା ସୁଦ୍ଧା ପୃଥିବୀର ଜନସଂଖ୍ୟାର ଅଧା ଲୋକ ଭୀଷଣ ଜଳାଭାବର ସମ୍ମୁଖୀନ ହେବେ । ତେଣୁ ମାନବ ଜାତି ପାଇଁ ମଧୁର ଜଳର ଉପଲବ୍ଧତାକୁ ସୁନିଶ୍ଚିତ କରୁଥିବା ଏକ ପ୍ରଣାଳୀର ଜରୁରୀ ଆବଶ୍ୟକତା ଦେଖାଦେଇଛି । ଏହି ସମସ୍ୟାର ସମାଧାନ ହେଉଛି ବର୍ଷାଜଳ ସଂରକ୍ଷଣ । ମଧୁର ଜଳ ପାଇବାର ଏହା ସବୁଠୁ ସରଳ ଓ ଭରସାଯୋଗ୍ୟ ଉପାୟ ଅଟେ । ଏଥିପାଇଁ ବିଜୁଳି ଶକ୍ତିର ଆବଶ୍ୟକତା ପଡି ନଥାଏ । ଏହା କୌଣସି ପ୍ରାକୃତିକ ସମ୍ପଦକୁ ହ୍ରାସ କରି ନଥାଏ । ଓଲଟା, ଏହା ପ୍ରାକୃତିକ ବସତିକୁ ସଂରକ୍ଷିତ ଏବଂ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥାଏ । ତେଣୁ ଜଳ ସମସ୍ୟାର ସମାଧାନ ଦିଗରେ ଗାଁମାନଙ୍କରେ ବର୍ଷା ଜଳ ସଂରକ୍ଷଣ କରିବାରେ ସହଜତା ପାଇଁ, ସରକାର ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଅନେକ ପଦକ୍ଷେପର ପରିକଳ୍ପନା କରାଯାଇଛି।

**ବର୍ଷାଜଳ ସଂରକ୍ଷଣ କାହିଁକି କରାଯିବ ଉଚିତ?**

ସମୁଦ୍ର ଲୁଣିଆ ଜଳ ଖରା କାରଣରୁ ବାଷ୍ପୀଭୂତ ହୋଇ ମେଘରେ ପରିଣତ ହୁଏ ଏବଂ ପରେ ବର୍ଷା ଆକାରରେ ମଧୁର ଜଳ ଭାବେ ତଳେ ପଡିଥାଏ । ବୃଷ୍ଟିପାତରେ ପଡୁଥିବା ଅଧିକାଂଶ ପାଣି ପୁଣିଥରେ ବହିଯାଇ ସମୁଦ୍ର ଓ ନାଳ ନର୍ଦ୍ଦମାରେ ମିଶିଯାଇଥାଏ। ପଡୁଥିବା ମଧୁର ପାଣିକୁ ଫଳପ୍ରଦ ଢଙ୍ଗରେ ସଦୁପଯୋଗ କରାଗଲେ ତାହାକୁ ବିଭିନ୍ନ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରିବ । ତେଣୁ ସଂକ୍ଷେପରେ କହିଲେ, ବର୍ଷାଜଳକୁ ବହିଯିବାକୁ ନଦେଇ ସଂରକ୍ଷଣ ରଖିବାର ପ୍ରକ୍ରିୟାକୁ 'ବର୍ଷାଜଳ ସଂରକ୍ଷଣ" କୁହାଯାଏ ।

**ବର୍ଷାଜଳ ସଂରକ୍ଷଣ ପ୍ରକାର ଭେଦ :** ବର୍ଷାଜଳ ସଂରକ୍ଷଣର ପ୍ରକାରଭେଦ ଆମକୁ ଏହି ପ୍ରଣାଳୀକୁ ଭଲଭାବେ ବୁଝିବାରେ ସାହାଯ୍ୟ କରିବ ।

**ଛାତ ଉପରେ ବର୍ଷାଜଳ ସଂରକ୍ଷଣ :** ବର୍ଷାଜଳ ଯେଉଁଠି ପଡିବ, ସେଇଠି ତାହାକୁ ଧରି ରଖିବାର ପ୍ରଣାଳୀ କରିବା ଦରକାର । ଛାତ ଉପରେ ବର୍ଷାଜଳ ସଂରକ୍ଷଣ ବା ରୁଫଟପହାର୍ଭେଷ୍ଟିଂରେ ଛାତହିଁ ପାଣିକୁ ଧରି ରଖିବାର ସ୍ଥାନରେ ପରିଣତ ହୋଇଥାଏ ଏବଂ ବର୍ଷାଜଳକୁ ଘରର ଛାତ ଉପରେ ସଂଗ୍ରହ କରାଯାଇଥାଏ । ଏହି ବର୍ଷାପାଣିକୁ ଏକ ଟାଙ୍କିରେ ରଖାଯାଇ ପାରିବ କିମ୍ବା ନାଳ ସାହାଯ୍ୟରେ ଏକ କୃତ୍ରିମ ରିଚାର୍ଜ ପ୍ରଣାଳୀ ମଧ୍ୟକୁ ପଠାଯାଇପାରିବ । ଏହି ପଦ୍ଧତି ଶସ୍ତା ହୋଇଥାଏ ଏବଂ ସଠିକ ଭାବେ କାର୍ଯ୍ୟନ୍ୱିତ କରାଗଲେ, ସମ୍ପୃକ୍ତ ଅଂଚଳର ଭୂତଳ ଜଳ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

**ପୃଷ୍ଠଭାଗ ବର୍ଷାଜଳ ସଂରକ୍ଷଣ :** ସହରାଞ୍ଚଳରେ ବର୍ଷାଜଳ ପୃଷ୍ଠଭାଗରେ ଗଡି ବହିଯାଇଥାଏ । ଏହି ବହିଯାଇଥିବା ପାଣିକୁ ଅଟକାଇ ହେବ ଏବଂ ଉପଯୁକ୍ତ ପଦ୍ଧତି ବ୍ୟବହାର କରାଯାଇ ତାହାକୁ ସ୍ଥାନୀୟ ଜଳାଶୟଗୁଡ଼ିକୁ ପୁନଃଭରଣ କରିବା ପାଇଁ ବ୍ୟବହାର କରାଯାଇପାରିବ।

**ବର୍ଷା ଜଳ ସଂରକ୍ଷଣର ଉପକାରିତା:**

୧ . ଜଳ ମାନବ ଜୀବନର ପ୍ରାଣସ୍ୱରୂପ ଏବଂ ଏହି ଜଳ ସଂରକ୍ଷଣ ଉପାୟରେ ପାଣିର ଅତ୍ୟଧିକ ଉପଯୋଗ ରୋକିବା ସମ୍ଭବ ହୋଇପାରେ। ଅଧିକ ଭାବରେ ପାଣିର ଆବଶ୍ୟକତା ଥିବାରୁ, ଏହି ପଦକ୍ଷେପ ଉପଯୁକ୍ତ ହୋଇପାରେ। ପୁନଶ୍ଚ ଏହା ଭୂତଳ ଜଳର ଉପଲବ୍ଧତାକୁ ବୃଦ୍ଧି କରିଥାଏ । ଅଧୁନା ଜନସଂଖ୍ୟା ବୃଦ୍ଧି ସହିତ ଭୂତଳ ଜଳ ଉପରେ ନିର୍ଭରଶୀଳତା ମଧ୍ୟ ବଢିଚାଲିଛି । ଅନେକ ଆବାସିକ କଲୋନୀ ଓ ଶିଳ୍ପସଂସ୍ଥା ଗୁଡିକ ନିଜର ଦୈନନ୍ଦିନ ଜଳ ଚାହିଦା ମେଣ୍ଟାଇବା ପାଇଁ ଭୂତଳ ଜଳ କାଢୁଛନ୍ତି। ଏହାଫଳରେ ଭୂତଳ ଜଳର ସ୍ତର ହ୍ରାସ ପାଇବାରେ ଲାଗିଛି ଏବଂ କେତେକ ସ୍ଥାନରେ ତାହାର ସ୍ତର ଅତି କମ୍‌ହୋଇଯାଇଛି, ତେଣୁ ସେଠାରେ ଉକ୍ତ ଜଳାଭାବ ସୃଷ୍ଟି ହୋଇଛି। ବର୍ଷାଜଳ ସଂଗ୍ରହ ଦ୍ୱାରା ଭୂତଳ ଜଳ ସ୍ତର ହ୍ରାସ ପାଇବା ବଦଳରେ ବୃଦ୍ଧି ପାଇଥାଏ କିମ୍ବା ସ୍ଥିତାବସ୍ଥା ବଜାୟ ରଖିଥାଏ ।

୨. ବର୍ଷାଜଳ ସଂଗ୍ରହ ମରୁଡ଼ିର ପ୍ରଭାବକୁ ଲାଘବ କରିଥାଏ । ଏହା ଭୂତଳ ଜଳର ସ୍ତରକୁ ଉନ୍ନତ କରିଥାଏ, ଯାହାଫଳରେ ପାଣି ଉଠାଇବା ବାବଦୀୟ ବିଜୁଳି ଖର୍ଚ୍ଚ ବଞ୍ଚିଥାଏ। ବର୍ଷାଜଳ ସଂରକ୍ଷଣ ପ୍ରଣାଳୀ ପୃଷ୍ଠଭାଗରେ ବହିଯାଉଥିବା ପାଣିକୁ ଭୂତଳ ଜଳାଶୟର ପୂନଃ ଭରଣ କରିବା ତଥା ଭୂତଳ ଜଳର ସ୍ତର ଓ ଗୁଣ ମାନକୁ ଉନ୍ନତ କରିବାରେ ସହାୟତା କରିଥାଏ । ଏହା ଫଳରେ କମ୍ ବୃଷ୍ଟିପାତ କ୍ଷେତ୍ରରେ ମଧ୍ୟ ଭୂତଳ ଜଳ ସ୍ତର ପୋଷଣକ୍ଷମ ରହିପାରିଥାଏ।

୩. ମରୁଭୂମିରେ ମାଟିର ବନ୍ଧ ନିର୍ମାଣ କରାଯାଇ ବର୍ଷାପାଣିକୁ ଗଡ଼ିବା ଓ ବହିଯିବାରୁ ଅଟକାଯାଇଥାଏ ଓ ପରେ ତାହାକୁ ଜଳସେଚନ ପାଇଁ ବ୍ୟବହାର କରାଯାଏ । କମ୍ ବୃଷ୍ଟିପାତ ହେଉଥିବା ସ୍ଥାନ କ୍ଷେତ୍ରରେ ମଧ୍ୟ, ସଂରକ୍ଷିତ ବର୍ଷା ଜଳ ଫସଲ ବଢାଇବା ପାଇଁ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟପ୍ରଦ ହୋଇଥାଏ !

୪. ଭୂତଳରେ ଜଳ ସଂରକ୍ଷଣ କରିବା ପରିବେଶ ପାଇଁ ଭଲ, ଭୂତଳରେ ବର୍ଷାଜଳ ସଂରକ୍ଷଣ କରାଗଲେ ତାହା ବାଷ୍ପୀଭୂତ ହୋଇ ନଥାଏ ଏବଂ ଦୀର୍ଘ ସମୟ ପାଇଁ ଉପଲବ୍ଧ ରହିଥାଏ । ଏହା ଭୂତଳ ଜଳର ଉପଲବ୍ଧତାକୁ ମଧ୍ୟ ପ୍ରତିପୂର୍ତ୍ତି କରିଥାଏ, ସାମୁଦ୍ରିକ ଜଳର ଅନୁପ୍ରବେଶକୁ ରୋକିଥାଏ ଏବଂ ବଂଚିବା ପାଇଁ ଭୂତଳ ଜଳ ଉପରେ ନିର୍ଭରଶୀଳ ଜୈବ ପରିସଂସ୍ଥାକୁ ମଧ୍ୟସୁରକ୍ଷିତ ରଖିଥାଏ ।

୫. ଏହା ଖର୍ଚ୍ଚ କମ୍‌ରେ ହୋଇଥାଏ ଏବଂ ଅନ୍ୟାନ ଜଳ ପୁନଃଭରଣ ପଦ୍ଧତି ତୁଳନାରେ ବର୍ଷାଜଳ ସଂରକ୍ଷଣ ଏକ କମ୍ ଖର୍ଚ୍ଚ ସାଧ୍ୟ ବିକଳ୍ପ ଅଟେ ଏବଂ ଏହା ଏକ ଦୀର୍ଘମିଆଦୀ ନିବେଶ ହୋଇଥିବାରୁ ପକେଟକୁ ଖୁବ୍ ସୁହାଇଥାଏ । ଅଧିକନ୍ତୁ, ଏହା ବିଭିନ୍ନ ମାଧ୍ୟମ ଜରିଆରେ ଦ୍ୱାରଦେଶରେ ପାଣି ପରିବହନ କରିବାର ଆବଶ୍ୟକତାକୁ ମଧ୍ୟ ଦୂର କରିଥାଏ।

ଶେଷରେ ଏହା ଜଳ ସଂରକ୍ଷଣ ପାଇଁ ସହାୟକ ହୋଇଥାଏ , ଜଳ ସଂଚୟ କରିବା ଏବଂ ତାହାକୁ ଫଳପ୍ରଦ ଢଙ୍ଗରେ ବ୍ୟବହାର କରିବାର ମହତ୍ତ୍ୱକୁ ବର୍ଷାଜଳ ସଂରକ୍ଷଣ ଆମକୁ ଶିଖାଇଥାଏ । ଜଳ ସଂରକ୍ଷଣର ଏହା ସବୁଠାରୁ ଫଳପ୍ରଦ ଉପାୟ ଅଟେ । ତେଣୁ ସମସ୍ତ ଜନସାଧାରଣଙ୍କୁ ଏହି ପ୍ରବନ୍ଧ ଜରିଆରେ ଏକ ସନ୍ଦେଶ ଯେ ସମସ୍ତେ ବର୍ଷାଜଳ ସଂରକ୍ଷଣ ପ୍ରଣାଳୀର ନିର୍ମାଣ କରିବା ସମୟରେ ବିଶେଷ ଯତ୍ନବାନ ହୁଅନ୍ତୁ । କଂକ୍ରିଟର ସୁଦୃଢତା ପରୀକ୍ଷା କରନ୍ତୁ, କଂକ୍ରିଟର ଉପଯୁକ୍ତ କିଓରିଂ କରନ୍ତୁ ଏବଂ କଂକ୍ରିଟକୁ ଯତ୍ନର ସହିତ ପରିବହନ ଓ ଢ଼ାଳେଇ କରନ୍ତୁ । ବର୍ଷା ଜଳ ସଂରକ୍ଷଣ ପଦ୍ଧତିରେ ଜଳପୂରଣ, ଭୂଗର୍ଭ ଜଳ ସଂରକ୍ଷଣ ପାଇଁ ଆବଶ୍ୟକ। ଏହା ଭୂଗର୍ଭ ଜଳ ସନ୍ଧାନରେ ଉନ୍ନତି ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ।

ଜଳ ଅଭାବ ନିରାକରଣ: ଏହି ଉପାୟରେ ଗ୍ରାମୀଣ ଓ ସହର ଅଞ୍ଚଳରେ ଜଳ ଅଭାବକୁ ଅନେକ ପରିମାଣରେ ସାହାଯ୍ୟ କରିପାରିବା। ଏହାଦ୍ୱାରା ଅନେକ ଗୃହ ଓ ସାଧାରଣ ସଂସ୍ଥାଗୁଡ଼ି କରଜଳ ଆବଶ୍ୟକତା ପୂରଣ କରିପାରିବା ।

**ପରିବେଶୀୟ ଉପକାରିତା:** ଏହା ଜଳ ଆବଶ୍ୟକତା ପୂରଣ ସହ ଗ୍ରାମୀଣ ଓ ସହର ଅଞ୍ଚଳରେ ଅତ୍ୟାଧିକ ଉପଯୋଗ ହୋଇଥିବା ଭୂମି ସଂରକ୍ଷଣ ଏବଂ ପରିବେଶ ସଂରକ୍ଷଣ କରିବାକୁ ସାହାଯ୍ୟ କରିପାରିବ।

**ବର୍ଷା ଜଳ ସଂରକ୍ଷଣ ପ୍ରଣାଳୀର ପ୍ରକାରଭେଦ :**

୧. ରୁଫଟପ୍ ରେନୱାଟର ହାରଭେଷ୍ଟିଂ (Roof-top Rainwater Harvesting):ଏହା ଗୃହ, ମନ୍ଦିର ଓ ସମାଜିକ ସଂସ୍ଥାଗୁଡ଼ିକର ଛାତରେ ପଡ଼ିଥିବା ବର୍ଷା ଜଳକୁ ଏକ ଷ୍ଟୋରେଜ୍ ଟ୍ୟାଙ୍କରେ ଭରି ରଖାଯାଏ। ଏହାର ଉପରେ ଏକ ପାଇପ୍ ଏବଂ ଇଂଲିନ୍ ରିଫ୍ ଏବଂ ପାଇପ୍ ଦ୍ୱାରା ଛାତ ତିଆରି ହୋଇଥାଏ, ଯାହା ଜଳକୁ ସଂରକ୍ଷଣ କରିଥାଏ।

୨.ରୁବରୁଜ: ଏହା ଏକ ସହଜ ସଂରକ୍ଷଣ ପଦ୍ଧତି, ଯେଉଁଥିରେ ମାଟି ଓ ରିପୋର୍ସ ଥରାଇ ଏବଂ ଜଳ ସଂରକ୍ଷଣ ପାଇଁ ଏକ ଟ୍ୟାଙ୍କ ତିଆରି କରାଯାଏ। ଏହା ଅତ୍ୟନ୍ତ କମ୍ ଖର୍ଚ୍ଚରେ ହୋଇଥାଏ ଓ ସାଧାରଣ ଗାଁ ଓ ସାମାନ୍ୟ ଗ୍ରାମୀଣ ଅଞ୍ଚଳରେ ସମାନ୍ତରାଳ ଭାବରେ ବ୍ୟବହାର କରାଯାଏ। ବର୍ଷା ସମୟରେ ଅଧିକ ମାତ୍ରାରେ ଜଳ ସଂଗ୍ରହ କରି ଅଧିକ ସମୟ ପର୍ଯ୍ୟନ୍ତ ଜଳ ସଂପଦ ରଖିବାରେ ଏହା ସହଯୋଗ କରେ।

**ଉପସଂହାର**

ବର୍ଷାଜଳ ସଂଗ୍ରହଣ କେବଳ ଏକ ପ୍ରାଚୀନ ପ୍ରକ୍ରିୟା ନୁହେଁ, ଏହା ଆଜିକାଲିର ପରିସ୍ଥିତିରେ ମଧ୍ୟ ସମ୍ଭାବ୍ୟତା ଓ ସଫଳତା ସହ ଜଳ ସଂରକ୍ଷଣ ଉପାୟ ରୂପେ ପ୍ରମାଣ ହେଉଛି। ସାମାଜିକ ଉଦ୍ୟମ ଓ ଲୋକମାନଙ୍କର ସଚେତନତା ତଥା ଦୃଢ଼ ପଦକ୍ଷେପ ଆମକୁ ବର୍ଷାଜଳ ସଂଗ୍ରହଣ କରିବାରେ ସହାୟକ ହୁଏ ଓ ଏହାଦ୍ୱାରା ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ଜଳ ସଂରକ୍ଷିତ ପରିସ୍ଥିତି ଗଠିତ କରିବାକୁ ସାହାଯ୍ୟ କରିହୁଏ।

# ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସୁରକ୍ଷା



ଡ଼ ସୀତାକାନ୍ତ ତ୍ରିପାଠୀ
ଭଦ୍ରକ
୯୭୭୮୭୬୪୩୯୪

ବର୍ତ୍ତମାନ ପରିପ୍ରେକ୍ଷୀରେ ବୟସ୍କ ଲୋକମାନେ ବିଭିନ୍ନ ଧରଣର ଅତ୍ୟାଚରର ଶିକାର ହେଉଥିବା କଥା ଗଣମାଧ୍ୟମ ମାନଙ୍କର ପ୍ରମୁଖ ଶିରୋନାମା ପାଲଟିଛି । କେତେବେଳେ ସେମାନେ ପରିବାର ସଦସ୍ୟ ମାନଙ୍କ ଦ୍ୱାରା ଅତ୍ୟାଚରିତ ହେଉଥିବା ବେଳେ ଆଉ କେତେବେଳେ ସାହିପଡିଶା ବା ଅସାମାଜିକ ଲୋକଙ୍କ ଦ୍ୱାରା ଅତ୍ୟାଚରିତ ହୋଇଥାନ୍ତି । ଏଠାରେ ବୃଦ୍ଧମାନଙ୍କର ସଞ୍ଜ୍ଞା କେବଳ ବୟସାଧିକ୍ୟକୁ ସୁଚାଏ ନାହିଁ ବରଂ ଜ୍ଞାନ ଗାରିମାରେ ପରିପୂର୍ଣ୍ଣ ବ୍ୟକ୍ତିବିଶେଷକୁ ମଧ୍ୟ ସୁଚାଇଥାଏ । ଏହାକୁ ବୁଝାଇବାକୁ ଯାଇ କବି ଲେଖିଛନ୍ତି "ବୃଦ୍ଧ ନୁହେଁ ସେହି ଜନ ପକ୍ୱକେଶ ଅଟେ ଯାର ଶିର, ଯୌବନେ ଯେ ଜ୍ଞାନେ ରତ ବୁଦ୍ଧେ ତାଙ୍କୁ ବୋଲନ୍ତି ସ୍ଥବିର ।" ଅର୍ଥାତ୍ ଯେଉଁମାନେ ଯୌବନ ସମୟରେ ଜ୍ଞାନାର୍ଜନରେ ନିଜକୁ ବୁଡାଇ ରଖିଥାଆନ୍ତି ସେମାନଙ୍କୁ ଜ୍ଞାନୀ ଲୋକମାନେ ସ୍ଥବିରାବସ୍ଥା ସହିତ ତୁଳନା କରିଥାଆନ୍ତି । ଦୁଃଖର ବିଷୟ, ସେମାନଙ୍କର ପ୍ରତିଟି କଥା ତଥା କାର୍ଯ୍ୟକୁ ବିଜ୍ଞାନସମ୍ମତ ତଥା ନିୟମ ଅନୁଯାୟୀ କରିବାର ଆଶା ଓ ଆକାଂକ୍ଷା ହେତୁ ସେମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ଆକ୍ରୋଶର ଶିକାର ହୋଇଥାଆନ୍ତି । ଇତିହାସରେ ବର୍ଣ୍ଣନା ଅନୁଯାୟୀ ସକ୍ରେଟିସ୍ ଏବଂ ଯୀଶୁଖ୍ରୀଷ୍ଟଙ୍କ ମଧ୍ୟରେ ଥିବା ସତ୍ୟାନୁରାଗ ତଥା ନ୍ୟାୟ ପ୍ରତିଷ୍ଠାର ଉଚ୍ଚାକାଂକ୍ଷା ଯୋଗୁଁ ସେମାନଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ମିଳିଥିଲା । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମୋହ ମୁଦ୍‌ଗରରେ ବୃଦ୍ଧମାନଙ୍କ ମଧ୍ୟରେ ଉଦ୍‌ଜୀବିତ ଥିବା ସାଂସାରିକ ଆଶକ୍ତି ତଥା ମୋହକୁ ଲକ୍ଷ୍ୟ କରି ଲେଖିଛନ୍ତି 'ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ, ଦଶନଂ ବିହୀନଂ ଯାତଂ ତୁଣ୍ଡଂ, କରଧୃତ କମ୍ପିତ ଶୋଭିତ ଦଣ୍ଡଂ ତଦପି ନମୂଚ୍ୟତେ ଆଶା ଭାଣ୍ଡଂ ।' ଅର୍ଥାତ୍ ଚର୍ମଗଳିତ, ପାକୁଆ ପାଟି, ମୁଣ୍ଡରୁ ସମସ୍ତ ବାଳ ଝଡିଯିବା, ଥରୁଥିବା ହାତକୁ ସ୍ଥିର କରିବା ପାଇଁ ବାଡି ଧରିବା ଅବସ୍ଥା ଆସିଲେ ମଧ୍ୟ ବୃଦ୍ଧ ଲୋକମାନେ ନିଜ ନିଜ ମନ ମଧ୍ୟରେ ଥିବା ଆଶାର ପସରାକୁ ମେଲାଇବା ପାଇଁ ଭୁଲନ୍ତି ନାହିଁ । ଯେଉଁ ଆଶାକୁ ପାଥେୟ କରି ସେମାନେ ଜୀଇଁ ଥାଆନ୍ତି ତାହା ଯେତେବେଳେ ନିରାଶା କିମ୍ବା ହତାଶାରେ ରୂପାନ୍ତରିତ ହୁଏ ସେତେବେଳେ ଜୀବନ ବିଷ ପିତା ଲାଗିଥାଏ । ଏହି ପରିବର୍ତ୍ତିତ ଚିନ୍ତାଧାରାକୁ ପରିବାରର ସଦସ୍ୟମାନଙ୍କ ଉପରେ ଲଦିଦେବା ଦ୍ୱାରା ସେମାନେ ଚିହିଁକି ଉଠନ୍ତି । ପିଢ଼ୀ ବ୍ୟବଧାନକୁ ନା ବୟସ୍କମାନେ ବୁଝିବା ପାଇଁ ଚେଷ୍ଟା କରନ୍ତି ନା ଯୁବପିଢ଼ୀ ଗ୍ରହଣ କରିବାକୁ ପ୍ରସ୍ତୁତ ଥାଆନ୍ତି । ତେଣୁ ଉଭୟ ଚିନ୍ତାଧାରା ଓ କାର୍ଯ୍ୟକଳାପ ମଧ୍ୟରେ ତାଳମେଳ ନ ରହିବା ହେତୁ ସେମାନଙ୍କ ମଧ୍ୟ ସଂଘର୍ଷର ସୂତ୍ରପାତ ହୋଇଥାଏ । କେତେବେଳେ ଏହା ଶୀତଳ ଥାଏ ତ ଆଉ କେତେବେଳେ ଏହା ଉଗ୍ର ରୂପ ଧାରଣ କରିଥାଏ । ପୁରାଣର ବର୍ଣ୍ଣନା ଅନୁଯାୟୀ ରାଜା କଂସ ନିଜର ଗାଦି ସୁରକ୍ଷା ତଥା ଉଚ୍ଚାଭିଳାଷ ପାଇଁ ପିତା ଉଗ୍ରସେନଙ୍କୁ ବନ୍ଦୀ କରି ରଖିଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କୁ କଟୁଆଳ ଭାବେ ନିଯୁକ୍ତ କରିଥିଲେ ଯାହା ରାଜସମ୍ମାନର ପରିପନ୍ଥୀ । ସାମାନ୍ୟ ବୁଝାମଣା ଅଭାବରୁ ଅଜାତଶତ୍ରୁ ନିଜ ବାପା ବିମ୍ବିସାରଙ୍କୁ ମଧ୍ୟ କାରାରୁଦ୍ଧ କରିବାର ପ୍ରବାଦ ରହିଛି । ତେଣୁ ପୁରାଣ ଯୁଗରୁ ଏପର୍ଯ୍ୟନ୍ତ ପିତାମାତାମାନେ ସନ୍ତାନ ମାନଙ୍କ ଦ୍ୱାରା ଶାରିରୀକ ଏବଂ ମାନସିକ ଅତ୍ୟାଚର, ହତାଦର ତଥା ପ୍ରତାରିତ ହୋଇ ଯନ୍ତ୍ରଣା ଭୋଗିବାର ନଜିର ରହିଛି । ଯାହାକୁ ସପ୍ତଶତୀ ଚଣ୍ଡୀରେ 'କୁ ପୁତ୍ର ଯାୟତେ କ୍ୱିଚିଦପି କୁ ମାତା ନ ଭବତି' ଭାବେ ବର୍ଣ୍ଣନା କରାଯାଇଛି ଅର୍ଥାତ୍ କୁପୁତ୍ର କ୍ୱଚିତ୍ ଥାଇ ପାରନ୍ତି କିନ୍ତୁ କୁମାତା ମିଳିବା ଅସମ୍ଭବ । ଦୁଃଖର ବିଷୟ ପରିବର୍ତ୍ତିତ ପରିସ୍ଥିତିରେ ବିଭିନ୍ନ କାରଣରୁ କୁମାତା / କୁପିତା ମାନେ ମଧ୍ୟ ନିଜ ସନ୍ତାନସନ୍ତତି ମାନଙ୍କୁ ଅତ୍ୟାଚର କରିବା କିମ୍ବା ମାରିଦେବା ଭଳି ଉଦାହରଣ ସୃଷ୍ଟି ହେଉଛି । ଏସବୁ କ୍ଷେତ୍ରରେ ଗୁରୁଜନଙ୍କୁ ଉତ୍ତର ନାହିଁ ବୋଲି ଭାବି ସମସ୍ତ ଅନ୍ୟାୟକୁ ବରଦାସ୍ତ କରିବା ମୁର୍ଖାମି । ନ୍ୟାୟର ନିକିତିରେ ସମସ୍ତେ ସମାନ । ଉଭୟ ବୃଦ୍ଧ ଏବଂ ବୁଦ୍ଧ/ଜ୍ଞାନୀ ଲୋକମାନଙ୍କୁ ସମ୍ମାନ ଦେବା ସହିତ ସେମାନଙ୍କର ଯତ୍ନନେବା ସର୍ବାଦୌ ବାଞ୍ଛନୀୟ । ସାଧାରଣତଃ ଚରିଟି ପୁରୁଷାର୍ଥ ମଧ୍ୟରୁ ବୃଦ୍ଧମାନେ 'କାମ' ଓ 'ଅର୍ଥ' କୁ ପ୍ରାପ୍ତ କରିସାରି କିମ୍ବା ସେ ସମ୍ପର୍କୀୟ ଅଦମ୍ୟ ଲାଳସାକୁ ଅତିକ୍ରମ କରି ସେମାନେ ପ୍ରାୟତଃ ଧର୍ମ ଓ ମୋକ୍ଷ ପଥର ଯାତ୍ରୀ ହୋଇଥାଆନ୍ତି । ଅନ୍ୟପକ୍ଷରେ ସମାଜରେ ଥିବା ବିଚରଶୀଳ ବ୍ୟକ୍ତିମାନେ ସବୁକଥାରେ 'ହଁ' ମାରି ବଞ୍ଚି ପାରନ୍ତି ନାହିଁ ବରଂ ସେମାନେ ବିଭିନ୍ନ କଥାକୁ ଯୁକ୍ତି ତଥା ଆଇନସଙ୍ଗତ କରିବାକୁ ପ୍ରୟାସ କରିଥାଆନ୍ତି। ଯଦି କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଏ ସମ୍ପର୍କିତ କୌଣସି ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ ସେ ସବୁକୁ ସୁଧାରିବାର ଦାୟିତ୍ୱ ଆମ ସମସ୍ତଙ୍କର । କିନ୍ତୁ ଲୋକମାନଙ୍କ କଥାରେ ପଡି କିମ୍ବା ନିଜ ସ୍ୱାର୍ଥ ସାଧନ ପାଇଁ ସେମାନଙ୍କ ପ୍ରତି ଅମାନୁଷିକ ବ୍ୟବହାର କରିବା ଗର୍ହିତ ଅପରାଧ ଏବଂ ଭବିଷ୍ୟତ ପିଢ଼ୀକୁ ଧ୍ୱଂସ ମୁଖକୁ ଠେଲି ଦେବାର ପ୍ରୟାସ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**





# ସମସ୍ୟା ଘେରରେ ଆଦର୍ଶ ବିଦ୍ୟାଳୟ:ଛାତ୍ରଛାତ୍ରୀଙ୍କ ହଟହଟା

**ଡେରାବିଶ, ନ୍ୟୁଜ୍ ବ୍ୟୁରୋ**

ପିଲାଙ୍କ ପାଇଁ ଡେସ୍କ, ବେଞ୍ଚ ନାହିଁ । ରହିବାକୁ ହଷ୍ଟେଲ୍ ସୁବିଧା ନାହିଁ । ପିଇବା ପାଣି, ରାସ୍ତା ବି ନାହିଁ । ଶତାଧିକ ମେଧାବୀ ପିଲା ତଳେ ବସି ପାଠ ପଢୁଛନ୍ତି । ଡେରାବିଶରେ ଖୋଲାଯାଇଥିବା ଓଡ଼ିଶା ଆଦର୍ଶ ସ୍କୁଲ୍‌ର ଇଏ ହେଉଛି ବିକଳ ଚିତ୍ର । ଏଠାରେ ପିଲାମାନେ ସର୍ବନିମ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ । ସମସ୍ୟା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଦ୍ୟାଳୟ ପାଇଁ ନିର୍ମିତ ହେଉଥିବା ଗୃହର ତଳମହଲା କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି । ୨୦୨୧-୨୨ ଶିକ୍ଷାବର୍ଷରୁ ଡେରାବିଶରେ ଆଦର୍ଶ ସ୍କୁଲ୍ ଆରମ୍ଭ ହୋଇଥିଲା । ନିଜସ୍ୱ ଗୃହ ନଥିବାରୁ ପ୍ରଥମେ ଚାଟରାଚକୋଡ଼ା ପଞ୍ଚାୟତ ହାପିମେଳକ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ଚାଲିଥିଲା । ପ୍ରାୟ ଦେଢ଼ବର୍ଷ କାଳ ସେଠାରେ ପାଠପଢ଼ା ଚାଲିବା ପରେ ଗତ ଜାନୁଆରୀରେ ନିଜସ୍ୱ କୋଠାକୁ ସ୍କୁଲ୍ ସ୍ଥାନାନ୍ତର ହୋଇଥିଲା ।



କେତୋଟି ଅସଂପୂର୍ଣ୍ଣ ଶ୍ରେଣୀଗୃହରେ ସମୁଦାୟ ୨୪୨ ପିଲା ସଂପ୍ରତି ପାଠ ପଢୁଛନ୍ତି । ଷଷ୍ଠ ଶ୍ରେଣୀରେ ୮୦ ପିଲା ଥିବାବେଳେ ସପ୍ତମରେ ୮୩ ଓ ଅଷ୍ଟମରେ ୭୯ପିଲା ଅଛନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଷଷ୍ଠ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ପାଇଁ ଡେସ୍କ, ବେଞ୍ଚ ସୁବିଧା ନାହିଁ । ସେମାନେ ତଳେ ବସି ପଢୁଛନ୍ତି । ସପ୍ତମ ଶ୍ରେଣୀର ପିଲା ଯଦିଓ ଡେସ୍କ, ବେଞ୍ଚରେ ବସୁଛନ୍ତି । କିନ୍ତୁ ସେଥିରେ ଅଧାରୁ ଅଧିକ ଭଙ୍ଗା । ବର୍ଷକ ତଳୁ ଡେସ୍କ, ବେଞ୍ଚ କିଣାହେବା ପାଇଁ ଟଙ୍କା ଆସିଛି । କିନ୍ତୁ ଜିଲ୍ଲା ଶିକ୍ଷା ବିଭାଗର ଦାୟିତ୍ୱହୀନତା ପାଇଁ ପିଲାମାନେ ତଳେ ବସିବାକୁ ବାଧ୍ୟ ହୋଇଛନ୍ତି ବିଦ୍ୟାଳୟର ସମସ୍ୟା ସମ୍ପର୍କରେ କେତେକ ଅଭିଭାବକ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ । ତଦନୁଯାୟୀ, ଗତ ଜୁଲାଇ ପ୍ରଥମ ସପ୍ତାହରେ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାଶିକ୍ଷାଧିକାରୀ ପ୍ରଦୀପ ନାଗ ସଂପୃକ୍ତ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଦେଖିଥିଲେ । ଶ୍ରେଣୀଗୃହରେ ପିଲାଙ୍କୁ ପାଠ ପଢ଼ାଇବା ସହ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ । ଟେଣ୍ଡର ପ୍ରକ୍ରିୟା ଜୁଲାଇ ୨୦ ତାରିଖ ସୁଦ୍ଧା ଶେଷ ହେବା ପରେ ଜୁଲାଇ ଶେଷ ସୁଦ୍ଧା ବିଦ୍ୟାଳୟକୁ ଡେକ୍ସ, ବେଞ୍ଚ ଓ ଅନ୍ୟାନ୍ୟ ଉପକରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଇତିମଧ୍ୟରେ ଦେଢ଼ମାସରୁ ଅଧିକ ସମୟ ବିତି ଯାଇଥିଲେ ବି ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ରକ୍ଷାରେ ବିଫଳ ହୋଇଛନ୍ତି । ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ନାଗ କହିଛନ୍ତି ଯେ, ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ହେଲେ, ଠିକାଦାର ଡେକ୍ସ, ବେଞ୍ଚ ଓ ଅନ୍ୟାନ୍ୟ ଉପରକଣ ଯୋଗାଇ ନାହାନ୍ତି । ସାମଗ୍ରୀ ଯୋଗାଣରେ ଆହୁରି ଏକ ମାସ ବିଳମ୍ବ ହୋଇପାରେ ବୋଲି ସେ କହିଛନ୍ତି ।

# ଉପକୂଳ ଅଞ୍ଚଳରେ ନୂଆ ରେଳ ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଉପକୂଳ ଅଞ୍ଚଳକୁ ସଂଯୁକ୍ତ କରିବା ନିମନ୍ତେ ଏକ ନୂଆ ରେଳ ପ୍ରକଳ୍ପର ଆରମ୍ଭ ନିମନ୍ତେ ପ୍ରସ୍ତାବ ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟକୁ ପଠାଇବା ନିମନ୍ତେ ଗତ ପବିତ୍ର ନନ୍ଦୋତ୍ସବ ଦିନ ପ୍ରସ୍ତାବ ଗୃହୀତ ହୋଇଛି । ଏହି ରେଳ ଧାରଣାଟି ବାରଙ୍ଗ ଠାରୁ ବାହାରି ନିଆଳି ରାସ୍ତାର ସମାନ୍ତରାଳରେ କୋଣାର୍କ ପର୍ଯ୍ୟନ୍ତ ଯାଇ ମହୋଦଧି କୂଳେ କୂଳେ ବିସ୍ତାରିତ ହେବା ସହିତ ପୁରୀ ଶ୍ରୀକ୍ଷେତ୍ରକୁ ସଂଯୁକ୍ତ କରିପାରିବ । ଏହାଦ୍ୱାରା ପ୍ରାଚୀ କୂଳର ବହୁ ତୀର୍ଥ ସ୍ଥାନ ଦର୍ଶକଙ୍କର ଦୃଷ୍ଟି ଆକର୍ଷଣ କରିପାରିବା ସହ ଏହି ଅଞ୍ଚଳର ଚାଷ ଜମିରେ ହେଉଥିବା ପରିବା, ପାନ ମଧ୍ୟ ଚାଷୀମାନେ ଦେଶର ବିଭିନ୍ନ ସ୍ଥାନକୁ ପଠାଇପାରନ୍ତେ । ସେହିପରି ଦେଶର ଅନ୍ୟ ଅଞ୍ଚଳରେ ହେଉଥିବା କୃଷିଜାତ ଦ୍ରବ୍ୟ ମଧ୍ୟ ସହଜରେ ଏହି ଅଞ୍ଚଳରେ ଉପଲବ୍ଧ ହୋଇପାରନ୍ତା । ଏହି ଅଞ୍ଚଳରେ ଗୋଟିଏ ମାତ୍ର ମୁଖ୍ୟ ରାସ୍ତା ହେଉଛି ନିଆଳି ରାସ୍ତା, ଯାହାକି ଅତୀତରେ ଭେଟ ନାମରେ ବିଦିତ । ଏହାଥିଲା ଅତୀତ ତୋଷାଳି ରାଷ୍ଟ୍ରର ପ୍ରମୁଖ ରାଜରାସ୍ତାର ଏକ ଅଂଶ ମାତ୍ର । ଏହି ରେଳପଥ ହେବାଦ୍ୱାରା ବାଲିଅନ୍ତା, ବାଲିପାଟଣା, କଟକ ସଦର, ପୁରୀ ସଦର ଓ ଭୁବନେଶ୍ୱର ଥାନା ଅଞ୍ଚଳର ବହୁ ଲୋକେ ଉପକୃତ ହୋଇପାରନ୍ତେ । ଇଂରେଜ ଅମଳରୁ ଗମନା ଗମନ ନିମନ୍ତେ ସେପରି କୌଣସି ସୁବିଧାଜନକ ଗମନା ଗମନ ରାଜରାସ୍ତା ଏହି ଅଞ୍ଚଳରେ ନଥିଲା । ଏଥିରେ ଗଲେ ଫୁଲନଖରା ସହିତ ବିଶ୍ୱପ୍ରସିଦ୍ଧ ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲ୍ୱ, ନିଆଳି, ପ୍ରସିଦ୍ଧ ମଙ୍ଗଳା ମନ୍ଦିର କାକଟପୁର, ମାଛଧରା ବନ୍ଦର ଅସ୍ତରଙ୍ଗ, ପୃଥିବୀ ବିଖ୍ୟାତ କୋଣାର୍କ ମନ୍ଦିର ଆଦି ଦେଖି ହୁଏ । ପୁଣି ଏହି ରାସ୍ତା ସହ ଜଗତସିଂହପୁର ସମେତ ପଲ୍ଲୀ ଅଞ୍ଚଳରୁ ବହୁ ଛୋଟ ରାସ୍ତାର ସଂଯୋଗ ରହି ଏହାର ଗୁରୁତ୍ୱକୁ ଯଥେଷ୍ଟ ବଢ଼ାଇ ଦେଇଛି । ବିଗତ ନନ୍ଦୋତ୍ସବ ଦିନ ଭୁବନେଶ୍ୱର ସହିଦନଗର ସ୍ଥିତ ଜୟଦେବ କମ୍ପ୍ଲେକ୍ସର ନୂତନ ସଭାଗୃହ ଉଦ୍‌ଘାଟନ ବେଳେ ଏପରି ପ୍ରସ୍ତାବଟି ଉପସ୍ଥିତ ହୋଇଥିବା ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ସଭାରେ ବିଶିଷ୍ଟ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି ଏପରି ପ୍ରସ୍ତାବ ପ୍ରଥମେ ଉତ୍ଥାପିତ କରିଥିଲେ । କରତାଳି ମାଧ୍ୟମରେ ଏହାର ସମର୍ଥନ ମଧ୍ୟ ମିଳିଥିଲା । ସଭାରେ ସଭାପତିତ୍ୱ କରୁଥିଲେ ପ୍ରଖ୍ୟାତ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଅନ୍ୟମାନଙ୍କ ମଧ୍ୟରେ ଥିଲେ ଅବସରପ୍ରାପ୍ତ ପୋଲିସ ଆରକ୍ଷୀକ ବଟକୃଷ୍ଣ ତ୍ରିପାଠୀ, ଖ୍ୟାତନାମା ଶଲ୍ୟ ଚିକିତ୍ସକ ଡାକ୍ତର ଅଶୋକ କୁମାର ମହାପାତ୍ର, ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ବିଧାୟକ ଡ. ଅରବିନ୍ଦ ଢାଲି, କୃଷ୍ଣଚନ୍ଦ୍ର ଆପଟ, ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିବା ଦେଖାଯାଇଥିଲା । ଏପରି ଏକ ପ୍ରସ୍ତାବକୁ ପ୍ରଥମେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦିଆଯିବା ପ୍ରସ୍ତାବ ଗୃହିତ ହୋଇଛି ।

# ଅଧିକାଂଶ ଅପରାଧ ଘଟାଉଛନ୍ତି ନାବାଳକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପଥ ହୁଡୁଛନ୍ତି ନାବାଳକ । ଚୋରି, ହତ୍ୟା ଓ ନିଶା କାରବାର ପରି କାଣ୍ଡ ଭିଆଇବାକୁ ଭୟ କରୁନାହାନ୍ତି । ନିକଟରେ ଏପରି ଦୁଇଟି ଘଟଣା ଅପରାଧରେ ନାବାଳକଙ୍କ ସମ୍ପୃକ୍ତି ନେଇ ଉଦ୍‌ବେଗ ସୃଷ୍ଟି କରିଥିଲା । ପୁରୀରେ ପାରିବାରିକ ଶତ୍ରୁତା ସହ ଖଜା ବ୍ୟବସାୟକୁ କେନ୍ଦ୍ର କରି ଦୁଇଟି ହତ୍ୟାକାଣ୍ଡ ଘଟିଥିଲା । ଏହି ହତ୍ୟା ଘଟଣାରେ ୭ ନାବାଳକ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା । ସେହିପରି ରାଜଧାନୀର ବଡ଼ଗଡ଼ ଥାନା ଅଞ୍ଚଳରେ ସହକାରୀ ଦେବୋତ୍ତର ଆୟୁକ୍ତଙ୍କ ଘରୁ ଚୋରି ମାମଲାରେ ୭ ଅଭିଯୁକ୍ତଙ୍କ ସହ ୫ ନାବାଳକ ସାମିଲ୍ ଥିବା ପୋଲିସ ଜାଣିବାକୁ ପାଇଥିଲା । ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ (ଏନସିଆରବି) ରିପୋର୍ଟ-୨୦୨୨ର ତଥ୍ୟ ଅନୁଯାୟୀ, ରାଜ୍ୟରେ ୮୬୫ଟି ଚୋରି ଘଟଣାରେ ନାବାଳକଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଥିଲା । ସେହିପରି ୬ଟି ବଳାତ୍କାର, ୩ଟି ହତ୍ୟା ଘଟଣାରେ ନାବାଳକଙ୍କ ସମ୍ପୃକ୍ତି ଦେଖାଯାଇଥିଲା । ୮୮୪ଟି ଜମିଜମା ବିବାଦ ଏବଂ ୧୧୫୭ ଅନ୍ୟ ଧର୍ତ୍ତବ୍ୟ ଅପରାଧରେ ସମ୍ପୃକ୍ତିକୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଉଛି । ବ୍ରହ୍ମପୁର, ଅନୁଗୋଳ ଓ ରାଉରକେଲାରେ ନାବାଳକଙ୍କ ଚରିତ୍ର ସୁଧାର ଆଣିବା ପାଇଁ ସୁଧାର ଗୃହ ନିର୍ମାଣ ହୋଇଛି । ହେଲେ ସେମାନଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ଘଟୁନି । ସୁଧାର ଗୃହରୁ ଫେରିବା ପରେ ପୁଣି ଅପରାଧ ଭିଆଇବା ପାଇଁ ଯୋଜନା କରୁଛନ୍ତି । ଆଧୁନିକ ଜୀବନଶୈଳୀର ପ୍ରଭାବ ଛୋଟ ପିଲାଙ୍କ ଉପରେ ପଡୁଛି । ବାପା, ମାଆ ନିଜ ପିଲାଙ୍କୁ ଅଧିକ ସମୟ ଦେଇପାରୁନାହାନ୍ତି । କୋମଳମତି ପିଲାଙ୍କ ମନ ବୁଝାଇବା ପାଇଁ ହାତରେ ମୋବାଇଲ୍ ଫୋନ୍ ଧରାଇ ଦିଆଯାଉଛି । ଫଳରେ ଛୋଟ ପିଲାଙ୍କ ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକତାର ବିକାଶ ହୋଇପାରୁନି । ବିଦ୍ୟାଳୟରେ ପିଲାଙ୍କ ଉପରେ ପାଠପଢ଼ାର ବୋଝ ଲଦି ଦିଆଯାଉଛି । କେମିତି ଅଧିକ ନମ୍ବର ରଖିବ ତାହାରି ଉପରେ ଗୁରୁତ୍ୱ ଦିଆଯାଉଛି । ଖେଳ, ଅବସର ବିନୋଦନ ଠାରୁ ଦୂରେଇ ରଖାଯାଉଛି । ବିଦ୍ୟାଳୟର ଶିଶୁ କୈନ୍ଦ୍ରିକ ପରିବେଶ କ୍ଷୁର୍ଣ୍ଣ ହେବାରେ ଲାଗିଛି । ସେହିପରି ଶିଶୁ ସୁରକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ଘଟୁନି । ଜଣେ ନାବାଳକ କିଶୋର ନ୍ୟାୟ ପରିଷଦରେ ହାଜର କରାଯିବା ପରେ ତାଙ୍କୁ କିଶୋର ନ୍ୟାୟ ଅନୁସାରେ ବିଚାର କରାଯାଉଛି । ବିଚାର ପରେ ସୁଧାର ଗୃହରେ ସେମାନଙ୍କୁ ତିନିବର୍ଷ ପର୍ଯ୍ୟନ୍ତ ଛଡ଼ା ଯାଉଛି । ତିନିବର୍ଷ ପରେ ଅଭିଭାବକଙ୍କ ପାଖକୁ ଛାଡି ଦିଆଯାଉଛି । ହେଲେ ତାଙ୍କ ଚାରିତ୍ରିକ ବ୍ୟବହାର ପରିବର୍ତ୍ତନ ହେଉଛି କି ନାହିଁ ତାହାକୁ ସଠିକ୍ ଭାବେ ତର୍ଜମା କରାଯାଉନାହିଁ । ୧୭ ବର୍ଷର ନାବାଳକ ଅପରାଧ ଭିଆଇ ସୁଧାର ଗୃହରେ ତିନିବର୍ଷ ରହିବା ପରେ ସାବାଳକ ହୋଇ ଫେରୁଛି । ହେଲେ ପୁଣି ଅପରାଧ ଭିଆଉଛି । ସିଡବ୍ଲ୍ୟୁସିରେ ଶିଶୁ ଯତ୍ନ କେନ୍ଦ୍ରରେ ଶିଶୁ, ବାପା, ମାଆଙ୍କୁ ପରାମର୍ଶ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି । ପିଲାର ବ୍ୟବହାର ପରିବର୍ତ୍ତନ ପରେ ଶିଶୁ କଲ୍ୟାଣ ସମିତି ମାଧ୍ୟମରେ ଘରକୁ ଛାଡ଼ିବାର ବ୍ୟବସ୍ଥା କରାଯାଉଛି । ଅନେକ କ୍ଷେତ୍ରରେ ପେସାଦାର ଅପରାଧୀମାନେ ପିଲାଙ୍କୁ ଅପରାଧରେ ସଂଶ୍ଲିଷ୍ଟ କରୁଛନ୍ତି । ନାବାଳକଙ୍କ କ୍ଷେତ୍ରରେ ଆଇନ୍‌ରେ ସେଭଳି ଦଣ୍ଡ ଦେବାର ପ୍ରାବଧାନ ନଥିବାରୁ ଏହାର ଫାଇଦା ଅପରାଧୀମାନେ ନେଉଛନ୍ତି । ଏ ସମ୍ପର୍କରେ ଶିଶୁ ଅଧିକାର କର୍ମୀ ଡ. ବେଣୁଧର ସେନାପତି କହିଛନ୍ତି, ନାବାଳକକୁ ଅପରାଧରୁ ନିବୃତ୍ତ କରିବା ବ୍ୟବସ୍ଥାକୁ ପୁନଃବିଚାର କରିବା ଦରକାର । ଶିଶୁ ସୁରକ୍ଷା ଅଧିକାରିଣୀ ବାଣୀଶ୍ରୀ ପଟ୍ଟନାୟକ କହିଛନ୍ତି, କୌଣସି ଅପରାଧିକ କାର୍ଯ୍ୟକୁ ନେଇ ନାବାଳକକୁ ପୋଲିସ କିଶୋର ନ୍ୟାୟ ପରିଷଦ (ଜେଜେବି)ରେ ହାଜର କରିଥାଏ । କିଶୋର ନ୍ୟାୟ ଅନୁସାରେ ବିଚାର କରାଯାଇ ତା'ର ବ୍ୟବହାର ପରିବର୍ତ୍ତନ ଲାଗି ତିନିବର୍ଷ ସୁଧାର ଗୃହରେ ଛଡ଼ାଯାଏ । ତିନିବର୍ଷ ପରେ ନାବାଳକକୁ ସୁଧାର ଗୃହରୁ ଘରକୁ ପଠାଇ ଦିଆଯାଇଥାଏ । ନାବାଳକଟି ଘରକୁ ଆସିବା ପରେ ଜେଜେବି ସଦସ୍ୟ ତାଙ୍କ ଉପରେ ନଜର ରଖୁନାହାନ୍ତି । ଯାହାଫଳରେ ନାବାଳକ ଥରକୁ ଥର ଅପରାଧ କରିଥାଏ । ସୁଧାରଗୃହରୁ ଫେରିବା ପରେ ନାବାଳକ ଓ ତାଙ୍କ ପରିବାର ସହ ଆଲୋଚନାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

# ଗୋଲିଆ-ତାଳସର ରାସ୍ତା ଅବସ୍ଥା ଶୋଚନୀୟ:ତେଜୁଛି ଅସନ୍ତୋଷ

**ବୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଦେଶ ସ୍ୱାଧୀନତାର ଦୀର୍ଘ ୭୭ ବର୍ଷ ବିତିଯାଇଥିଲେ ବି ନିଜ ଗାଁକୁ ଭଲ ରାସ୍ତାଟିଏ ପାଇପାରି ନାହାନ୍ତି ଲୋକେ । ଖରା, ବର୍ଷା ଓ ଶୀତ ଦିନରେ ଖାଲ ଢିପରେ ପଡି ଭୋଗୁଛନ୍ତି ଯମଯନ୍ତ୍ରଣା । ଶୋଚନୀୟ ଅବସ୍ଥାରେ ରହିଥିବା ରାସ୍ତାର ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡା ବ୍ଲକ ଗୋଲିଆ ପଞ୍ଚାୟତରେ । ପ୍ରକାଶ ଯେ, ଗୋଲିଆ ଗ୍ରାମ ଉପକଣ୍ଠସ୍ଥ କୋଇଲୁଣ୍ଡି ଛକ ଠାରୁ ମରେଇପଲ୍ଲୀ ଓ ଡାହାଣୀପଲ୍ଲୀ ଗାଁ ଦେଇ ତାଳସର ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଦୟନୀୟ ହୋଇପଡିଛି । ଏ ନେଇ ଏହି ତିନିଗୋଟି ଗାଁରେ ଲୋକେ ଅନେକ ଥର ଗୁହାରି କରିଥିଲେ ମଧ୍ୟ ସ୍ଥାନୀୟ ବ୍ଲକ ପ୍ରଶାସନ ଶୁଣୁନଥିବା ଅଭିଯୋଗ ହେଉଛି । ହିନସ୍ଥା ହେଉଥିବା ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରି ରାସ୍ତା ତିଆରି ନକଲେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ବିଡିଓ ବାବୁ ରାସ୍ତା ନିର୍ମାଣର ଆଶ୍ୱାସନା ଦେଇ ଲୋକଙ୍କୁ



ଫେରାଇ ଦେଇଥିଲେ । ବର୍ଷା ଦିନେ ସେହି ପାଣିଭରା ଖାଲଖମା ରାସ୍ତାରେ ଯାନବାହାନ ଚଳାଚଳ କଷ୍ଟକର ହେଉଥିବା ବେଳେ ଗୋଲିଆ ଗ୍ରାମସ୍ଥ ହାଇସ୍କୁଲ୍‌ରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ପଢୁଥିବା ଛାତ୍ରଛାତ୍ରୀ ଏବଂ ଭତ୍ତା ଓ ରାସନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାଆସିବା ବେଳେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଅନ୍ୟପକ୍ଷରେ ବିପଦ ସମୟରେ ଆମ୍ବୁଲାନ୍ସ ମରେଇପଲ୍ଲୀ ଗାଁ ପାଖକୁ ଯାଇପାରୁଥିବା ବେଳେ ଅନ୍ୟ ଦୁଇ ଗାଁକୁ ଯାଇନପାରି ବାଟରେ ଅଟକିଯାଉଥିବାରୁ ଲୋକେ ରୋଗୀକୁ ଆମ୍ବୁଲାନ୍ସ ପାଖକୁ ଆଣିବାକୁ ପଡୁଛି । ତେଣୁ, ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ଦୃଢ ଦାବି ହେଉଛି ।

# ଡିଆଇଇଟିରେ ଜିଲ୍ଲା ସ୍ତରୀୟ ଶିକ୍ଷା ସମୀକ୍ଷା

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଠାରେ ଜିଲ୍ଲା ସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ଼ ସୁରେନ୍ଦ୍ର ସାହୁ, ସୋହେଲା ବିଇଓ ଅମୃତା ସାହୁ, ଆମ୍ବାଭୋନା ବିଇଓ ଭାବନା ସାହୁ, ଭଟଲି ବ୍ଲକ ଶିକ୍ଷା ଅଧିକାରୀ ସରୋଜ ଭୁଏ, ଝାରବନ୍ଧ ବିଇଓ ଶୁଭମ୍ କୁମାର ପତି, ପୁଷ୍ପାଞ୍ଜଳି ଦାଶଙ୍କ ସମେତ ବିଭିନ୍ନ ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବୃନ୍ଦ ଉପସ୍ଥିତ ରହି ନିଜ ନିଜ ବ୍ଲକର ସ୍ଥିତି ଉପସ୍ଥାପନ କରିଥିଲେ । ଏହି ଅବସରରେ ଶ୍ରେଣୀ ଗୃହ ପର୍ଯ୍ୟବେକ୍ଷଣ ରିପୋର୍ଟ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ଜାତୀୟ ଉପଲବ୍ଧି, ସର୍ବେକ୍ଷଣ ୨୦୨୪ ନମୁନା ପ୍ରଶ୍ନ ପତ୍ର, ରାଜ୍ୟ ସ୍ତରୀୟ ଉପଲବ୍ଧି ସର୍ବେକ୍ଷଣ ୨୦୨୪ର ଜିଲ୍ଲା ସ୍ତରୀୟ ରିପୋର୍ଟ ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଶିକ୍ଷକ ପ୍ରଶିକ୍ଷକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସସ୍ମିତା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରଶିକ୍ଷକ ଗଗନ ବେହେରା, ବେଣୁଧର ବରିହା, ରୀମାରାଣୀ ଭୋଇ, ବରୁଣ କୁମ୍ଭକାର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।





# ଲିଭି ଲାଇଫ୍ ଓଡ଼ିଆ ନ୍ୟୁଜ୍ ସଂସ୍ଥାର ବାର୍ଷିକୋତ୍ସବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜୟଦେବ ଭବନ ଠାରେ ସାହିତ୍ୟିକ/ସମ୍ପାଦକ ଡକ୍ଟର ତ୍ରିନାଥ ପଟ୍ଟନାୟକଙ୍କୁ ଲିଭି ଲାଇଫ୍ ଓଡ଼ିଆ ନ୍ୟୁଜ୍ ସଂସ୍ଥାର ବାର୍ଷିକୋତ୍ସବରେ ଓଡ଼ିଆ ସମ୍ମାନ-୨୪ରେ ସମ୍ମାନିତ କରୁଛନ୍ତି ସାହିତ୍ୟିକ, ରାଜନେତା ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ । ପାଖରେ ଅଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ, ନିର୍ଦ୍ଦେଶିକା ଦେବସ୍ମିତା ଓ ଶିଳ୍ପପତି ଟିଟନ ସାହୁ ।

# 'ଆପଣା କଳା କର୍ମମାନ' ପୁସ୍ତକ ଉନ୍ମୋଚିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଲେଖକ ରାଧାଶ୍ୟାମ ରାଉଳଙ୍କ ଦ୍ୱାରା ରଚିତ ବ୍ୟଙ୍ଗଗଳ୍ପ ସଂକଳନ ପୁସ୍ତକ 'ଆପଣା କଳା କର୍ମମାନ'ର ଶୁଭ ଉନ୍ମୋଚନ ଉତ୍ସବ ଆୟୋଜିତ ହୋଇଯାଇଛି । ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ, ଜଗବନ୍ଧୁ ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ବ୍ୟଙ୍ଗ ସ୍ରଷ୍ଟା, ଜ୍ଞାନ ହୋତା ମୁଖ୍ୟବକ୍ତା, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, କାଳୀପ୍ରସନ୍ନ ମହାପାତ୍ର ସମ୍ମାନିତ ଅତିଥି,ବିଶିଷ୍ଟ ସାରସ୍ୱତ ସାଧକ, ଡକ୍ଟର ବିଜୟ କୁମାର ଶତପଥୀ, ବରେଣ୍ୟ ଅତିଥି ତଥା



ପୁସ୍ତକ ସମୀକ୍ଷକ ଭାବେ ଯୋଗଦେଇଥିଲେ । ସିଦ୍ଧେଶ ପବ୍ଲିସିଙ୍ଗ ହାଉସ୍ ଦ୍ୱାରା ପ୍ରକାଶିତ 'ଆପଣା କଳା କର୍ମମାନ' ପୁସ୍ତକକୁ ଅତିଥିମାନେ ବିଭିନ୍ନ ଦୃଷ୍ଟିକୋଣରୁ ସମୀକ୍ଷା କରିବା ସହ ରମ୍ୟ ଓ ବ୍ୟଙ୍ଗ ସାହିତ୍ୟର ଶୈଳୀ, ଧାରା ଉପଧାରା ଓ ପରମ୍ପରା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଲେଖିକା ଶକ୍ତିପ୍ରଦା ମହାପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ, ଲେଖିକା ପ୍ରଜ୍ଞା ପରିମିତା ଆର୍ଯ୍ୟ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମନୋଜ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପୁସ୍ତକ ପ୍ରକାଶିକା, ପ୍ରୀତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ । ଉତ୍ସବରେ ବିଶିଷ୍ଟ ରମ୍ୟରଚନା ଲେଖକ ଡକ୍ଟର ନାରାୟଣ ମହାନ୍ତି, ସୌରାଂଶୁ ପଟ୍ଟନାୟକ, ଡକ୍ଟର ଧର୍ମଛତା, ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରସାମ୍ୟ ହରାଇ ରାଜପଥରେ ଓଲଟିଲା ଟାଟା ଏସି,ଚାଳକ ଆହତ

**କୋରେଇ, ନ୍ୟୁଜ୍ ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ୍ ଗେଟ୍ ନିକଟରେ ଶନିବାର ରାତ୍ରୀରେ ଭାରସାମ୍ୟ ହରାଇ ଏକ ଟାଟା ଏସି ଓଲଟି ପଡିବାରୁ ଚାଳକ ଆହତ ହୋଇଛି । ପ୍ରକାଶ ଯେ ଯାଜପୁର ଟାଉନ୍‌ରୁ ବିଦେଶୀ ମଦ ଖଲାସ କରି କଟକ ଚୌଦ୍ୱାରକୁ ଫେରୁଥିବା ବେଳେ ପୁରୁଣା ଟୋଲ୍‌ଗେଟ୍ ନିକଟରେ ହଠାତ୍ ଓଲଟି ପଡିଥିଲା । ଘଟଣାସ୍ଥଳେ ସ୍ଥାନୀୟ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟ ପହଞ୍ଚି ଗାଡିଟିକୁ ଉଦ୍ଧାର କରିବା ସହ ଚାଳକ ସନ୍ତୋଷ ସାହୁ (୨୮)କୁ ଉଦ୍ଧାର କରି ଚିକତ୍ସା କରି ପାଣିକୋଇଲି ପୋଲିସ ଜିମା ଦେଇଥିଲେ ।

# ଖବ୍‌ଶୀଘ୍ର ଦୂରହେବ ରାଜଧାନୀର ଜଳବନ୍ଦୀ ସମସ୍ୟା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଞ୍ଚଳରେ ଥିବା ପ୍ରାୟ ୧୧ଟି ପ୍ରମୁଖ ସ୍ଥାନର ଜଳବନ୍ଦୀ ସମସ୍ୟାର ସମାଧାନ କରାଯିବ । ଗତମାସରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି କ୍ରମେ ସହରର ପ୍ରମୁଖ ୧୩ଟି ସ୍ଥାନର ନାଳ ନବୀକରଣ ଓ ନୂଆ କାମ କରାଯିବ । ଏନେଇ ଜଳସମ୍ପଦ ବିଭାଗ, ବିଏମ୍, ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସମେତ ଅନ୍ୟ ବିଭାଗକୁ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସରକାର କାର୍ଯ୍ୟ ସାରିବାର ଅବଧି ମଧ୍ୟ ଧାର୍ଯ୍ୟ କରିଛନ୍ତି । ସୂଚନା ଅନୁଯାୟୀ, ଇସ୍କନ ମନ୍ଦିର ଅଞ୍ଚଳରେ ଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଏନ୍‌ଏସ୍‌ଏଆଇ କାମ କରିବ । ଭୂତଳ ବକ୍ସ ଡ୍ରେନ୍ ନିର୍ମାଣ କରାଯିବ । ଇସ୍କନ୍ ମନ୍ଦିର ଠାରୁ ବାଣୀବିହାର ପର୍ଯ୍ୟନ୍ତ କାମ କରାଯିବ । ଏନ୍‌ଏଚ୍ କରିଡର ସହ ୪ ନମ୍ବର ନାଳ ସହ ସଂଯୋଗ କରିବ । ଦେଢ଼ ବର୍ଷ ମଧ୍ୟରେ ନାଳ କାମ ସାରିବ ଏନ୍‌ଏଚ୍‌ଏଆଇ । ନୂଆପଲ୍ଲୀ ଭୋଇସାହି ଛକ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ଓ ଏନ୍‌ଏଚ୍‌ଏଆଇ ପକ୍ଷରୁ ଟେଣ୍ଡର ହେବାର ୩ ମାସ ମଧ୍ୟରେ କାମ ସାରିବେ । ଏହି ନାଳ ଏନ୍‌ଏଚ୍-୧୬ ପାର୍ଶ୍ୱରେ ଥିବାରୁ ଆବଶ୍ୟକତା ମୁତାବକ ରାସ୍ତାର ବିପରୀତ ପାର୍ଶ୍ୱରେ ନିର୍ମାଣ କରାଯିବ । ସେହିପରି ବମିଖାଲରୁ ରସୁଲଗଡ଼ ଅଞ୍ଚଳରେ ନାଳ ସମସ୍ୟାର ସମାଧାନ ପାଇଁ ଏକ ନୂଆ ନାଳ ଆବଶ୍ୟକ । ରସୁଲଗଡ଼ ସନ୍ତୋଷୀ ମନ୍ଦିର ଠାରୁ ପ୍ରାୟ ୧ କି.ମି ନାଳ କରାଯିବ । ପୂର୍ତ୍ତ ବିଭାଗ ଏହି କାମ କରିବ । ଟେଣ୍ଡର କରାଯିବାର ୪ ମାସ ମଧ୍ୟରେ କାମ ସରିବ । ନ୍ୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଜଳବନ୍ଦୀ ସମସ୍ୟାର ପ୍ରତିକାର ପାଇଁ ବିଏମ୍‌ସି ଏକ ବକ୍ର ନାଳ ନିର୍ମାଣ କରିବ । ଏଥିପାଇଁ ବିଏମ୍‌ସି ଡିପିଆର ପ୍ରସ୍ତୁତ କରି ଶିଶୁ ଭବନ ଛକ ଠାରୁ ସ୍ପ୍ରିଙ୍ଗ ଟାଙ୍କି ପର୍ଯ୍ୟନ୍ତ କାମ କରିବ । ଅକ୍ଟୋବର ୩୦ ସୁଦ୍ଧା ବିଏମ୍‌ସି ଏହି କାମ ପାଇଁ ଟେଣ୍ଡର କରିବ । ସେହିପରି ସିଟି ମହିଳା ମହାବିଦ୍ୟାଳୟ ଜାଗମରା ଅଞ୍ଚଳ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପୂର୍ତ୍ତ ବିଭାଗ ରାସ୍ତା ସହ ଆବଶ୍ୟକତା ମୁତାବକ ଡ୍ରେନ୍ କାମ କରାଯିବ । ପୂର୍ତ୍ତ ବିଭାଗ ଏହି ନାଳ କାମ କରିବ । ସେହିପରି ଆୟୁର୍ବେଦିକ ଚିକିତ୍ସାଳୟର କଳିଙ୍ଗ ଷ୍ଟୁଡିଓ ଛକ ପର୍ଯ୍ୟନ୍ତ ନୂଆ ନାଳ କରାଯିବ । ଏହି ନାଳ ୧୧ ନମ୍ବର ନାଳ ସହ ସଂଯୋଗ କରାଯିବ । ପୂର୍ତ୍ତ ବିଭାଗ ଏହି କାମ କରିବ । ୱାର୍ଡ ନମ୍ବର ୪ ରୁଦ୍ରପୁର ଅଞ୍ଚଳର ଜଳବନ୍ଦୀ ସମସ୍ୟା ସମାଧାନ ପାଇଁ ବିଏମ୍‌ସି, ଜଳସମ୍ପଦ ବିଭାଗ ଓ ଏନ୍‌ଏସ୍‌ଏଆଇ କରିବ । ପୁରୀ କେନାଲ ପାଖରେ ଜଳ ନିଷ୍କାସନ ସହ ଅନ୍ୟ କାମ କରିବ । ବିଏମ୍‌ସି ଆଭ୍ୟନ୍ତରୀଣ ନାଳ କାମ କରିବାକୁ ଥିବାବେଳେ ଏନ୍‌ଏଚ୍‌ଆଇ ଆବଶ୍ୟକତା ମୁତାବକ କଲ୍‌ଭର୍ଟ ନିର୍ମାଣ କରିବ । ସେହିପରି ସୁଇଟ୍ କଲେଜ ଅଞ୍ଚଳର ଜଳବନ୍ଦୀ ସମସ୍ୟା ସମାଧାନ ପାଇଁ ପୂର୍ତ୍ତ ବିଭାଗ କାମ କରିବ । ପାଇକନଗର ଜଳବନ୍ଦୀ ସମସ୍ୟା କାମ ବିଏମ୍‌ସି କରିବାକୁ ଥିବାବେଳେ ଲକ୍ଷ୍ମୀସାଗର ଗାଁ ଜଳବନ୍ଦୀର ପ୍ରତିକାର ସହ ସାଇଫନ୍ ସଫା ଜଳସମ୍ପଦ ବିଭାଗ କରିବ । ବିଏମ୍‌ସି ପକ୍ଷରୁ ଅନ୍ୟ କାର୍ଯ୍ୟ ଅକ୍ଟୋବର ସୁଦ୍ଧା ସାରିବାକୁ ନିଷ୍ପତ୍ତି ନିଆଯାଇଛି । ଦୟା ବେଷ୍ଟ କେନାଲ କାମ ଜଳସମ୍ପଦ ବିଭାଗ କରିବ । ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗର ମୁଖ୍ୟ ଯନ୍ତ୍ରୀ (ଇଆଇସି), କଟକ ଡ୍ରେନେଜ୍ ଡିଭିଜନ୍‌ର ମୁଖ୍ୟଯନ୍ତ୍ରୀ, ଭୁବନେଶ୍ୱର ମୁଖ୍ୟଯନ୍ତ୍ରୀ ଏବଂ ପ୍ରାଚୀ ଡିଭିଜନ୍‌ର ଅଧିକାରୀଙ୍କୁ ଜଳସମ୍ପଦ ବିଭାଗର କାମ କରିବାକୁ କୁହାଯାଇଛି । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଗତ ମାସରେ ହୋଇଥିବା ବୈଠକରେ ଉନ୍ନୟନ ଆୟୁକ୍ତ ନଗର ଉନ୍ନୟନ ବିଭାଗ ସଚିବ, ବିଏମ୍‌ସି ଆୟୁକ୍ତ ଇଜ୍ ପରିଚାଳନା ନିର୍ଦ୍ଦେଶକ, ଓସ୍ ଡମା ପରିଚାଳନା ନିର୍ଦ୍ଦେଶକ, ଜଳ ସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ସମେତ ବିଏମ୍‌ସି ସିଟି ଇଞ୍ଜିନିୟର ଏବଂ ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ଏଥିରେ ରାଜଧାନୀର ଜଳବନ୍ଦୀ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିବା ବେଳେ ଏହାର ସମାଧାନ ରାସ୍ତା କଢ଼ା ଯାଇଥିଲା । ସବୁ ବିଭାଗକୁ ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଧୂଳି, ଧୂଆଁରେ କଳିଙ୍ଗନଗରବାସୀ ଅତିଷ୍ଠ:ରୋଗ ବଢୁଛି

**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ଓ କେନ୍ଦ୍ର ସରକାର ସବୁଜ ବଳୟ ସୃଷ୍ଟି ପାଇଁ ପାଣି ଭଳିଆ ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୃଷ୍ଟି କରିବାରେ ଅନେକ ଜାଗାରେ ସଫଳତା ପାଇପାରିନାହାନ୍ତି । ସରକାର ବିଭିନ୍ନ ପ୍ରକଳ୍ପ ପାଇଁ ବଜେଟ୍‌ରେ ସ୍ୱତନ୍ତ୍ର ଟଙ୍କାର ବ୍ୟବସ୍ଥା କରି ଅନେକ ସ୍ଥାନରେ ବହୁ ମୂଲ୍ୟବାନ ଗଛ, ପାହାଡ଼, ଜଙ୍ଗଲର କ୍ଷୟକ୍ଷତି ହେଉଛି । ବିଭାଗୀୟ ଅଧିକାରୀଙ୍କ ମନମାନି ପାଇଁ ସରକାରଙ୍କ ଯୋଜନାମାନ ସଫଳ ହୋଇପାରୁନାହିଁ । ଯାଜପୁର ଜିଲ୍ଲାର ଦାନଗଦୀ ଓ ସୁକିନ୍ଦା ବ୍ଲକର ଗାଁ ଗୁଡିକ ସବୁଜ ବଳୟରେ ପରିପୂର୍ଣ୍ଣ ଥିଲା । ହେଲେ ସୁକିନ୍ଦାର ଖଣି – ଖାଦାନ ଓ କଳିଙ୍ଗନଗର ଶିଳ୍ପାଞ୍ଚଳ ଗଢ଼ିଉଠିବା ଯୋଗୁ ଏହି ସବୁଜବଳୟ ଏବେ ହଜିଯାଇଛି । କାରଣ କୋଟି କୋଟି ଗଛ କାଟି ପଦା କରାଯାଇଛି । ଫଳରେ ଏହି ଅଞ୍ଚଳ ଏବେ ଧୂଳିଧୂଆଁରେ ପୋତି ହୋଇପଡିଲାଣି । କାରଣ କଳିଙ୍ଗନଗରରେ ଏବେ ସଂଖ୍ୟାଧିକ ଛୋଟବଡ କାରଖାନା । ଏଥିଯୋଗୁ ବାୟୁ ଗୁଣାତ୍ମକ ସୂଚକ (ଏଆର କ୍ୱାଲିଟି ଇଣ୍ଡେକ୍ସ) ମାନ ବୃଦ୍ଧି ପାଉଛି । ଯାହାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତାରେ ପଡିଛନ୍ତି । କାରଣ ନିକଟରେ ପ୍ରଦୂଷଣ ବିଭାଗ ପକ୍ଷରୁ ହୋଇଥିବା ସର୍ବେକ୍ଷଣ ରିପୋର୍ଟରେ ବାୟୁ ଗୁଣାତ୍ମକ ସୂଚକ ମାନ ୧୩୦ରୁ ଊର୍ଦ୍ଧ୍ୱ ଟପିଛି । ମୁଖ୍ୟତଃ ସିମେଣ୍ଟ କାରଖାନା ଏବଂ କାରଖାନାର ବର୍ଜ୍ୟ ପାଉଁଶ ପରିବହନ ଦ୍ୱାରା ସର୍ବାଧିକ ବାୟୁ ପ୍ରଦୂଷଣ ହେଉଥିବା ଜଣେ କର୍ମଚାରୀ କହିଛନ୍ତି । କାରଣ ବର୍ଜ୍ୟ ପାଉଁଶ ପରିବହନ ସମୟରେ ଟ୍ରକ୍‌ର ହୁଇଲ୍‌କୁ ପାଣି ସିଞ୍ଚନ ମେସିନ୍ (ୱାଟର କ୍ଲିନର) ଦ୍ୱାରା ସଫା ନକରିବା ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ । ଯାହାକି ସ୍ଥାନୀୟ ଲୋକଙ୍କ ପାଇଁ ସର୍ବାଧିକ କ୍ଷତିକାରକ । ତେବେ ବିଭାଗୀୟ ଅଧିକାରୀଙ୍କ ନିରବତା ଏହାର ମୁଖ୍ୟ କାରଣ ବୋଲି ଲୋକେ ଅଭିଯୋଗ କରିଛନ୍ତି । ବାୟୁ ଗୁଣାତ୍ମକ ସୂଚକ ୫୦ ମଧ୍ୟରେ ନରହି ବୃଦ୍ଧି ଘଟୁଥିବା ଯୋଗୁ ବାୟୁମଣ୍ଡଳରେ ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ପାର୍ଟିକୁଲେଟ୍ ଭଳି ଧୂଳିକଣା ଆଦି ମାତ୍ରାଧିକ ସୃଷ୍ଟି



ହୋଇଥାଏ । ବାୟୁଗୁଣାତ୍ମକ ସୂଚକ ବୃଦ୍ଧି ଘଟି ୬୦୦ ଟପିଲେ ସ୍ଥାନୀୟ ଅଞ୍ଚଳ ଜନଶୂନ୍ୟ ହେବ । ପରିବହନ ଦ୍ୱାରା ଯେତିକି ପରିମାଣର ପ୍ରଦୂଷଣ ହେଉଛି ତାହାଠାରୁ ଅଧିକ କାରଖାନାର ଧୂଳି ଓ ଧୂଆଁ ଦ୍ୱାରା ମଧ୍ୟ ପ୍ରଦୂଷଣ ହେଉଛି । ତେବେ ବାୟୁ ଗୁଣାତ୍ମକ ସୂଚକାଙ୍କ ହ୍ରାସ କରିବାକୁ ହେଲେ ରାସ୍ତାର ଉଭୟ ପାର୍ଶ୍ୱରେ ପର୍ଯ୍ୟାପ୍ତ ବୃକ୍ଷ ରୋପଣ, ଟ୍ରକ୍ ଟର୍ମିନାଲ୍ ନିର୍ମାଣ, ରାସ୍ତାରୁ ଧୂଳି ପରିଷ୍କାର ପାଇଁ ମେସିନ୍, ଯାନବାହନ ଚଳାଚଳ କଟକଣା ଉପରେ ପ୍ରଶାସନ ଦୃଷ୍ଟି ଦେବା କଥା । କିନ୍ତୁ ବାୟୁ ପ୍ରଦୂଷଣ ପ୍ରତି ପ୍ରଶାସନ ସେଭଳି କିଛି ପଦକ୍ଷେପ ନେବା ଭଳି ଜଣାପଡୁନି । ଫଳରେ କଳିଙ୍ଗନଗରରେ ବାୟୁ ସୂଚକାଙ୍କ ମାନ ବୃଦ୍ଧି ପାଇବାରେ ଲାଗିଛି । ବାୟୁ ସୂଚକାଙ୍କ ମାନ ହ୍ରାସ କରିବାକୁ ପ୍ରଦୂଷଣ ବିଭାଗ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାୟୁ ଗୁଣାତ୍ମକ ସୂଚକ ବୃଦ୍ଧି ଘଟୁଥିବାରୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଯକ୍ଷ୍ମା, ପେଟ, କିଡନୀ, ଚର୍ମ, ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହାର ପ୍ରତିକାର ପାଇଁ ବିଭାଗୀୟ ଅଧିକାରୀ ଯେତିକି ଦାୟିତ୍ୱ ନେବା କଥା ନେଉନାହାନ୍ତି । ବାୟୁ ଗୁଣାତ୍ମକ ସୂଚକାଙ୍କ ମାନ ହ୍ରାସ ତଥା ପରିବେଶର ସୁରକ୍ଷା ପାଇଁ ପ୍ରଶାସନିକ ଅଧିକାରୀ, ପ୍ରଦୂଷଣ ବିଭାଗ ଅଧିକାରୀ ଏବଂ କାରଖାନା ପଦାଧିକାରୀଙ୍କ ମଧ୍ୟରେ ବହୁବାର ମିଳିତ ଆଲୋଚନା ହୋଇଛି । ହେଲେ ଫଳ ଶୂନ୍ । ଆଲୋଚନାରେ ମୁଖ୍ୟତଃ କାରଖାନାରୁ ପରିବହନ ସମୟରେ ଗାଡିଗୁଡିକର ଚକାକୁ ହୁଇଲ୍ କ୍ଲିନର ମେସିନ୍ ଦ୍ୱାରା ସଫା କରିବା, କଳିଙ୍ଗନଗର ମୁଖ୍ୟ ରାସ୍ତାକୁ ପାଣି ସିଞ୍ଚନ ବ୍ୟବସ୍ଥା କରିବା, ମୁଖ୍ୟ ରାସ୍ତାରୁ ଧୂଳି ସଫା (କ୍ଲିନିଙ୍ଗ) କରିବା ପାଇଁ ୨ଟି ମେକାନିକାଲ୍ ସ୍ୱିପିଙ୍ଗ ମେସିନ୍ ବ୍ୟବହାର କରିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । କଳିଙ୍ଗନଗର ମୁଖ୍ୟ ରାସ୍ତା ଏବଂ କାରଖାନାର ଚାରିପାଖରେ ସଂପୃକ୍ତ କମ୍ପାନୀମାନେ ପାଣି ସିଞ୍ଚନ କରିବା ପାଇଁ କାରଖାନା ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ତାହା କେବଳ ଆଲୋଚନାରେ ସୀମିତ ରହିଛି । ଅପରପକ୍ଷରେ ବିଭିନ୍ନ କାରଖାନାର ବର୍ଜ୍ୟବସ୍ତୁ (ପାଉଁଶ) କଳିଙ୍ଗନଗରର ମୁଖ୍ୟ ରାସ୍ତାରେ ବିଭିନ୍ନ ଯାନରେ ପରିବହନ ସମୟରେ ରାସ୍ତାରେ ପାଉଁଶ ବର୍ଷା ସଦୃଶ ହେଉଛି । ମାନପୁର ସ୍ଥିତ ସୁକିନ୍ଦା ରୋଡ ରେଲୱେ ପ୍ଲଟ୍‌ରୁ କୋଇଲା, ଲୁହାପଥର, କ୍ରୋମାଇଟ୍, ଚୂନ ଆଦି ଗୁଣ୍ଡ ସାମଗ୍ରୀ ଟ୍ରକ୍‌ରେ ଓଭରଲୋଡିଂ କରାଯାଉଥିବାରୁ ପରିବହନ ସମୟରେ ରାସ୍ତାରେ ପଡି ପ୍ରଦୂଷଣକୁ ଦ୍ୱିଗୁଣିତ କରୁଛି ।

## ପ୍ୟାରିସ୍ ପାରାଅଲିମ୍ପିକ୍ସ

# ୨ଟି ପଦକ ଜିତି ଇତିହାସ ରଚିଲେ ପ୍ରୀତି




**ପ୍ୟାରିସ**

ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଦମ୍ ଦେଖାଉଛନ୍ତି ଭାରତୀୟ ଆଥଲେଟ୍। ଚଳିତ ଅଲିମ୍ପିକ୍ସରେ ଇତିହାସ ରଚିଲେ ପାରା ସ୍ପିଣ୍ଟର ପ୍ରୀତି ପାଲ। ଦୁଇଟି ପଦକ ଜିତିଛନ୍ତି। ୨୦୦ ମିଟର ଟି୩୫ ରେସ୍‌ରେ ବ୍ରୋଞ୍ଜ ଆଣିଛନ୍ତି ପ୍ରୀତି ପାଲ। ୩୦.୦୧ ସେକେଣ୍ଡରେ ଏହି ଦୂରତା ଅତିକ୍ରମ କରିଥିଲେ। ପୂର୍ବରୁ ଶହେ ମିଟରରେ ବ୍ରୋଞ୍ଜ ଜିତିଥିଲେ।

ଅଲିମ୍ପିକ୍ସର ଟ୍ରାକ୍ ଏଣ୍ଡ ଫିଲ୍ଡ ଇଭେଣ୍ଟରେ ଦୁଇଟି ମେଡାଲ୍ ଜିତିବାରେ ପ୍ରଥମ ଭାରତୀୟ ଆଥଲେଟ୍ ଭାବରେ ଇତିହାସ ରଚିଛନ୍ତି ପ୍ରୀତି। ସେ କହିଛନ୍ତି, ପ୍ରଥମ ମେଡାଲ୍ ଜିତିବା ପରେ ଟ୍ରୋଲ୍ ହୋଇଥିଲେ। ଏହା ହିଁ ତାଙ୍କୁ ଦ୍ୱିତୀୟ ପଦକ ଜିତିବାରେ ପ୍ରେରଣା ଦେଇଥିଲା।

ସେହିପରି ପୁରୁଷ ହାଇ ଜମ୍ପରେ ରୌପ୍ୟ ଜିତିଛନ୍ତି ନିଶଦ କୁମାର। ହାଇ ଜମ୍ପ ଟି୪୭ ବର୍ଗ ଫାଇନାଲରେ ସେ ରୌପ୍ୟ ଆଣିଛନ୍ତି। ନିସଦ ମୋଟ୍ ୨.୦୪ ମିଟର ଜମ୍ପ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ବି ସେ ଜିତିଥିଲେ ସିଲଭର ମେଡାଲ୍। ବର୍ତ୍ତମାନ ସୁଦ୍ଧା ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତ ନିଜ ନାଁରେ ୭ଟି ପଦକ କରିଛି। ଏହା ଭିତରେ ରହିଛି ଗୋଟିଏ ସ୍ୱର୍ଣ୍ଣ ଦୁଇଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ।




# ପୁରୁଷ ଏକକ ବ୍ୟାଡ୍‌ମିଣ୍ଟନରେ ସ୍ୱର୍ଣ୍ଣ ଜିତିଲେ ନୀତେଶ କୁମାର

**ପ୍ୟାରିସ**

ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି ଭାରତର ନୀତେଶ କୁମାର। ସେ ଦେଶ ପାଇଁ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ଭାରତର ଏହି ଷ୍ଟାର ପାରା ସଟଲର ପ୍ରଥମଥର ପାଇଁ କୌଣସି ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି।

ସେ ପୁରୁଷ ଏକକ ବ୍ୟାଡ୍‌ମିଣ୍ଟନର ଏସଏଲ ୩ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି। ନୀତେଶ କୁମାର ଗ୍ରେଟ୍ ବ୍ରିଟେନର ଡାନିଏଲ ବେଥିଲେଙ୍କ ସହ କଡ଼ା ସଂଘର୍ଷ କରି ଏହି ସଫଳତା ପାଇଛନ୍ତି। ଓଡ଼ିଶାର ପ୍ରମୋଦ ଭଗତଙ୍କୁ ଦେଖି ଏସ୍‌ଏଲ ୩ ବର୍ଗରେ ଖେଳିବା ଆରମ୍ଭ କରିଥିବା ନୀତେଶ କୁମାର ୨୦୧୬ରେ ପ୍ରଥମଥର ପାଇଁ ବ୍ୟାଡ୍‌ମିଣ୍ଟନ କୋର୍ଟକୁ ଓହ୍ଲାଇଥିଲେ। ସେ ସିଙ୍ଗ କୋର୍ଟରେ ଖେଳିବା ସହ ସମସ୍ତଙ୍କୁ ନିଜର ଜଲୱା ଦେଖାଇଥିଲେ।




ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ତାଙ୍କୁ ୭୯ ମିନିଟ ଧରି ଲଢ଼େଇ କରିବାକୁ ପଡ଼ିଥିଲା। ଶେଷରେ ସେ ୨-୧ରେ ମ୍ୟାଚ୍ ସହ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିଛନ୍ତି। ନୀତେଶ କୁମାର ପ୍ରଥମ ସେଟକୁ ୨୧-୧୨ରେ ଜିତି ନେଇଥିଲେ। ଏହି ସେଟ୍‌ଟି ୩୧ ମିନିଟ ଧରି ଚାଲିଥିଲା।

ଦ୍ୱିତୀୟ ସେଟ୍‌ରେ ଡାନିଏଲ କମ୍‌ବ୍ୟାକ୍ କରି ୧୮-୨୧ରେ ନୀତେଶଙ୍କୁ ହରାଇ ଦେଇଥିଲେ। ସ୍ଥିତି ୧-୧ ହୋଇଯିବାରୁ ମ୍ୟାଚ୍ ନିର୍ଣ୍ଣାୟକ ସେଟ୍‌କୁ ଯାଇଥିଲା। ଏହି ସେଟରେ ଡାନିଏଲ ପ୍ରଥମ ହାଫରେ ନୀତେଶ କୁମାରଙ୍କ ଉପରେ ଚାପ ପକାଇ ଥିଲେ। ହେଲେ ମିଡ୍ ଟାଇମ୍ ବ୍ରେକ୍ ପରେ ନୀତେଶ କୁମାର କମବ୍ୟାକ କରିଥିଲେ। ସେ ଏହି ସେଟ୍‌କୁ ୨୩-୨୧ରେ ଜିତି ସ୍ୱର୍ଣ୍ଣ ପଦକ କବଜା କରିଛନ୍ତି। ତୃତୀୟ ସେଟଟି ୨୩ ମିନିଟ ଧରି ଚାଲିଥିଲା।

ନୀତେଶ କୁମାର ସ୍ୱର୍ଣ୍ଣ ଜିତିବାରୁ ପ୍ୟାରିସ୍ ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୯କୁ ବୃଦ୍ଧି ପାଇଛି। ସେହିପରି ଚଳିତ ପାରା ଅଲିମ୍ପିକ୍ସରେ ଏହା ଭାରତର ଦ୍ୱିତୀୟ ସ୍ୱର୍ଣ୍ଣ। ନୀତେଶ କୁମାରଙ୍କ ପୂର୍ବରୁ ୧୦ ମିଟର ଏୟାର ରାଇଫଲ(ଏସଏଚ୍ ୧)ରେ ଅବନୀ ଲେଖାର ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ।

# ଡିସକସ୍ ଥ୍ରୋର ଏଫ ୫୬ ବର୍ଗରେ ରୌପ୍ୟ ଜିତିଲେ ଯୋଗେଶ

**ପ୍ୟାରିସ**

ଭାରତ ପାଇଁ ରୌପ୍ୟ ପଦକ ଜିତିଛନ୍ତି ଯୋଗେଶ କାଥୁନିୟା। ସେ ପୁରୁଷ ଡିସକସ୍ ଥ୍ରୋର ଏଫ ୫୬ ବର୍ଗରେ ଏପରି ସଫଳତା ପାଇଛନ୍ତି। ସେ ୪୨.୨୨ ମିଟର ଦୂରତାକୁ ଡସକସ ଫିଙ୍ଗି ଭାରତକୁ ଅଲିମ୍ପିକ୍ସରେ ଆଉ ଏକ ପଦକ ଭେଟି ଦେଇଛନ୍ତି।

ପ୍ରଥମ ପ୍ରୟାସରେ ସେ ଏତେ ଦୂରକୁ ଡିସ୍‌କସ୍ ଫିଙ୍ଗିଥିଲେ। ଦ୍ୱିତୀୟ ପ୍ରୟାସରେ ୪୧.୫୦ ମିଟର, ତୃତୀୟ ପ୍ରୟାସରେ ୪୧.୫୫, ୪ର୍ଥ ପ୍ରୟାସରେ ୪୦.୩୩ ମିଟର, ୫ମ ପ୍ରୟାସରେ ୪୦.୮୯ ଓ ଶେଷ ପ୍ରୟାସରେ ୩୯.୬୮ ମିଟର ଦୂରତା ଡିସ୍‌କସ୍ ଫିଙ୍ଗି ଥିଲେ।

ଯୋଗେଶ ଡିସ୍‌କସ୍ ଥ୍ରୋର ଏଫ ୫୬ ବର୍ଗରେ ରୌପ୍ୟ ଜିତିଥିବା ବେଳେ ବ୍ରାଜିଲର ବାତିସ୍ତା ସ୍ୱର୍ଣ୍ଣ ଜିତିଛନ୍ତି। ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଯୋଗେଶ ରୌପ୍ୟ ପଦକ ଜିତିଥିଲେ। ଯୋଗେଶ ପଦକ ଜିତିବା ପରେ କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ତାଙ୍କୁ ପ୍ରଶଂସା କରିଛନ୍ତି।



## ଯୁବରାଜଙ୍କୁ ଈର୍ଷା କରନ୍ତି ଧୋନି, ସେ କ୍ଷମା ପାଇବାକୁ ଯୋଗ୍ୟ ନୁହନ୍ତି : ଯୋଗରାଜ ସିଂ



**ନୂଆଦିଲ୍ଲୀ**

ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂଙ୍କ ପିତା ଯୋଗରାଜ ସିଂ ପୁଣି ଥରେ ଭାରତର ଷ୍ଟାର କ୍ରିକେଟର ତଥା ପୂର୍ବତନ ଅଧିନାୟକ ଏମ୍‌ଏସ୍ ଧୋନିଙ୍କ ଉପରେ ବର୍ଷିଛନ୍ତି। ଅତୀତରେ ସର୍ବୋଚ୍ଚ ସ୍ତରରେ ଭାରତ ପାଇଁ ୭ଟି ମ୍ୟାଚ୍ ଖେଳିଥିବା ଯୋଗରାଜ, ଧୋନିଙ୍କୁ ସମାଲୋଚନା କରି ତାଙ୍କ ପୁଅ ଯୁବରାଜଙ୍କ କ୍ୟାରିୟର ନଷ୍ଟ କରିଥିବା ଅଭିଯୋଗ କରିଛନ୍ତି। ଧୋନିଙ୍କୁ ଟାର୍ଗେଟ କରି ଯୋଗରାଜ କହିଛନ୍ତି ଯେ ଧୋନିଙ୍କୁ ଜୀବନରେ କେବେ କ୍ଷମା କରାଯିବ ନାହିଁ। ଯୋଗରାଜଙ୍କ ମନ୍ତବ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ସେ କହିଛନ୍ତି। 'ମୁଁ ଏମ୍‌ଏସ୍ ଧୋନିଙ୍କୁ କ୍ଷମା କରିବି ନାହିଁ। ସେ ଦର୍ପଣରେ ତାଙ୍କ ମୁହଁକୁ ଦେଖିବା ଉଚିତ୍ । ସେ ଜଣେ ବହୁତ ବଡ଼ କ୍ରିକେଟର, କିନ୍ତୁ ମୋ ପୁଅ ବିରୋଧରେ ସେ ଯାହା କରିଛନ୍ତି, ତାହା ବର୍ତ୍ତମାନ ବାହାରକୁ ଆସୁଛି। ଏହାକୁ ଜୀବନରେ କେବେ କ୍ଷମା କରାଯାଇପାରିବ ନାହିଁ। ମୁଁ ଜୀବନରେ କେବେବି ଦୁଇଟି ଜିନିଷ କରିନାହିଁ - ପ୍ରଥମ, ମୁଁ କାହାକୁ କ୍ଷମା କରି ନାହିଁ, ଯିଏ ମୋ ସହିତ ଭୁଲ କରିଛନ୍ତି ଏବଂ ଦ୍ୱିତୀୟରେ ମୁଁ ମୋ ଜୀବନରେ କେବେବି ସେମାନଙ୍କୁ ଆଲିଙ୍ଗନ କରିନାହିଁ, ସେ ମୋ ପରିବାର ସଦସ୍ୟ ହୁଅନ୍ତୁ କି ମୋର ପିଲାମାନେ।' ୨୦୨୪ରେ ସିଏସ୍‌କେ ଆଇପିଏଲ ହାରିବା ପରେ ବି ଯୋଗରାଜ, ଧୋନିଙ୍କୁ ଟାର୍ଗେଟ କରିଥିଲେ। ଧୋନୀ, ଯୁବରାଜଙ୍କୁ ଈର୍ଷା କରନ୍ତି ବୋଲି କହିଥିଲେ ଯୋଗରାଜ। ସେ ଏହା ବି କହିଥିଲେ ଯେ,'ସିଏସ୍‌କେ ଆଇପିଏଲ-୨୦୨୪ ହାରିଗଲା । ସେମାନେ କାହିଁକି ହାରିଲେ ? କାରଣ ଯିଏ ଯେମିତି କରେ, ତାକୁ ସେହିଭଳି ଫଳ ମିଳେ। ଯୁବରାଜ ସିଂ ଆଇସିସିର ଆମ୍ବାସାଡାର। ତାଙ୍କୁ ଈର୍ଷା କରୁଥିବା ଧୋନି ଏବେ କେଉଁଠି ? ଧୋନୀଙ୍କ କର୍ମ ପାଇଁ ଆଜି ସିଏସକେ ହାରିଛି।'

# ବିଶ୍ୱ କ୍ରିକେଟରେ ଚାଲିଛି ଅବସର ସପ୍ତାହ : ୮ ଦିନରେ ଅବସର ନେଲେଣି ୫ କ୍ରିକେଟର

**ହାଇଦ୍ରାବାଦ**

ବିଶ୍ୱ କ୍ରିକେଟରେ ଚାଲିଛି ଅବସର ସପ୍ତାହ ! ଗତ ୮ ଦିନରେ ଏମିତି ୫ ଜଣ ଷ୍ଟାର ଖେଳାଳିଙ୍କ ଅବସର ଘୋଷଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେମାନଙ୍କ ଅବସର ପରେ କ୍ରିକେଟରେ ତାଙ୍କ କ୍ୟାରିୟରର ବିଭିନ୍ନ ରେକର୍ଡକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ଏହି କ୍ରିକେଟରମାନେ ଯଦିଓ ନିଜ ଦଳ ପାଇଁ ଅଧିକ କ୍ରିକେଟ୍ ଖେଳିବାକୁ ସକ୍ଷମ ହୋଇ ନାହାନ୍ତି, ହେଲେ ନିଜ ନିଜ ସମୟରେ ପ୍ରଶଂସକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

ଶିଖର ଧାୱନ : ଭାରତୀୟ ଷ୍ଟାର କ୍ରିକେଟର ଶିଖର ଧାୱନଙ୍କ ଅବସର ପରେ କ୍ରିକେଟ୍‌ରେ ଏକ ଯୁଗ ଶେଷ ହୋଇଛି। ନିକଟରେ, ଅଗଷ୍ଟ ୨୪ରେ କ୍ରିକେଟ ଜଗତରେ 'ଗବର' ନାମରେ ପରିଚିତ ଶିଖର ଧାୱନ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଏବଂ ଭାରତର ଜଣେ ପ୍ରମୁଖ ଓପନିଂ ବ୍ୟାଟର ଭାବରେ କ୍ରମାଗତ ପ୍ରଦର୍ଶନ କରିଥିବା ଧାୱନଙ୍କ ମୁହଁରେ ସର୍ବଦା ହସ ଦେଖିବାକୁ ମିଳିଥାଏ।

ଓପନିଂ ବ୍ୟାଟର ଭାବରେ ରୋହିତ ଶର୍ମାଙ୍କ ସହ ତାଙ୍କର ସହଭାଗିତା ଅତ୍ୟନ୍ତ ପ୍ରଭାବଶାଳୀ ରହିଥିଲା। ଧାୱନ ଅଷ୍ଟ୍ରେଲିଆ ବିପକ୍ଷରେ ଡେବ୍ୟୁରେ ଏକ ଧୂଆଁଧାର ଶତକ ସହ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଅବସର ପରେ କୋହଲି ଓ ରୋହିତଙ୍କ ସମେତ ପ୍ରାୟ ସମସ୍ତ ଭାରତୀୟ କ୍ରିକେଟର ଓ ପୂର୍ବତନ କ୍ରିକେଟର ନିଜ ନିଜ ଶୈଳୀରେ ଗବରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ବରିନ୍ଦର ସରନ : ନିଜ ବିଜୁଳି ବେଗରେ ବୋଲିଂ ସହ ଡେବ୍ୟୁ ମ୍ୟାଚ୍‌ରୁ ହିଁ ହଇଚଇ ସୃଷ୍ଟି କରିଥିବା ଭାରତୀୟ ବୋଲର ବରିନ୍ଦର ସରନ ଧାୱନଙ୍କ ଅବସର ଘୋଷଣାର କିଛିଦିନ ପରେ ହିଁ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ଭାରତୀୟ ଦଳରେ ସରନଙ୍କୁ ଅଧିକ ଖେଳିବାର ସୁଯୋଗ ମିଳିନାହିଁ, କିନ୍ତୁ ଘରୋଇ କ୍ରିକେଟରେ ତାଙ୍କର ପ୍ରଦର୍ଶନ ବେଶ୍ ପ୍ରଭାବୀ। ଏଥିରେ ସେ ଲଗାତାର ଭଲ ପ୍ରଦର୍ଶନ କରିଛନ୍ତି। ଟି୨୦ ଡେବ୍ୟୁ ମ୍ୟାଚ୍‌ରେ ହିଁ କେବଳ ୧୨ ରନ୍ ବ୍ୟୟ କରି ୪ ବହୁମୂଲ୍ୟ ୱିକେଟ୍ ହାସଲ କରି ସର୍ବୋତ୍ତମ ରେକର୍ଡ କରିଥିଲେ ବରିନ୍ଦର। ନିକଟରେ ସେ ଅବସର ଘୋଷଣା କରିଥିଲେ ।

ଡେଭିଡ ମାଲାନ : ନିଜର ବିସ୍ଫୋରକ ବ୍ୟାଟିଂ ପାଇଁ ପରିଚିତ ଇଂଲଣ୍ଡ କ୍ରିକେଟର ଡେଭିଡ୍ ମାଲାନ ମଧ୍ୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ବର୍ତ୍ତମାନ ସେ କେବଳ ଟି୨୦ ଫର୍ମାଟରେ ଲିଗ୍ କ୍ରିକେଟ ଉପରେ ହିଁ ଧ୍ୟାନ ଦେବେ। ମାଲାନ ଗୋଟିଏ ସମୟରେ ଟି୨୦ କ୍ରିକେଟର ଶ୍ରେଷ୍ଠ ବ୍ୟାଟର ରହିଥିଲେ। ତାଙ୍କର ମଧ୍ୟ ଅନ୍ତର୍ଜାତୀୟ ଟି୨୦ରେ ନଂ ୧ ର୍‍ୟାଙ୍କ୍‌ରେ ରହିବାର ରେକର୍ଡ ରହିଛି। ଏହା ବ୍ୟତୀତ କ୍ରିକେଟର ତିନୋଟି ଯାକ ଫର୍ମାଟରେ ଶତକ ହାସଲ କରିଥିବା ବ୍ୟାଟରମାନଙ୍କ ତାଲିକାରେ ମଧ୍ୟ ମାଲାନଙ୍କ ନାଁ ରହିଛି।

ୱିଲ ପୁକୋୱସ୍କି : ଆଘାତଜନିତ ସମସ୍ୟା ଦେଇ ବହୁ ଦିନ ଗତି କରିବା ପରେ ଶେଷରେ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଅଷ୍ଟ୍ରେଲୀୟ ବ୍ୟାଟର ୱିଲ୍ ପୁକୋୱସ୍କି। ଆଘାତ ତାଙ୍କ କ୍ୟାରିୟରରେ ପୁକୋୱସ୍କିଙ୍କୁ ବହୁତ ଅସୁବିଧାରେ ପକାଇଛି। ତାଙ୍କ କ୍ୟାରିୟରରେ ଯେତିକି ସମ୍ଭାବନା ଥିଲା, ଆଘାତ ସହ ଲଢ଼ି ଲଢ଼ି ସବୁ ଶେଷ ହୋଇଥିଲା।

ଶାନନ ଗୋବ୍ରିୟଲ : ୱେଷ୍ଟଇଣ୍ଡିଜ୍ ଫାଷ୍ଟ ବୋଲର ଶାନନ୍ ଗୋବ୍ରିୟଲ୍ ମଧ୍ୟ ଅବସର ଘୋଷଣା କରିଛନ୍ତି। ନିଜର ଚମତ୍କାର ସ୍ୱେଲ ଏବଂ ବଲ୍‌କୁ ବିଜୁଳି ଗତି ଦେବାର କ୍ଷମତା ପାଇଁ ଜଣାଶୁଣା ଗୋବ୍ରିୟଲ୍ ୱେଷ୍ଟଇଣ୍ଡିଜ୍ ବୋଲିଂ ଆକ୍ରମଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। ତାଙ୍କ ଅବସର କାରିବିୟାନ୍ କ୍ରିକେଟରେ ଏକ ଶୂନ୍ୟସ୍ଥାନ ଛାଡିଛି, ଯେଉଁଠାରେ ଦ୍ରୁତ ବୋଲିଂ ଏକ ପ୍ରମୁଖ ଅଂଶ ଅଟେ। ଗୋବ୍ରିୟଲଙ୍କ କ୍ୟାରିୟରରେ ଅନେକ ବଡ଼ ମୁହୂର୍ତ୍ତ ଆସିଛି ଏବଂ ୱେଷ୍ଟଇଣ୍ଡିଜ୍ କ୍ରିକେଟରେ ତାଙ୍କର ଅବଦାନ ପାଇଁ ତାଙ୍କୁ ସବୁବେଳେ ମନେ ରଖାଯିବ।

## ୨-୦ରେ ସିରିଜ୍ କବ୍‌ଜା କଲା ଇଂଲଣ୍ଡ



**ଲଣ୍ଡନ**

ଲର୍ଡସ ଟେଷ୍ଟ୍‌କୁ ୧୯୦ ରନ୍‌ର ବଡ଼ ବ୍ୟବଧାନରେ ଜିତି ନେଇଛି ଇଂଲଣ୍ଡ। ଏହା ସହିତ ଶ୍ରୀଲଙ୍କା ବିପକ୍ଷ ତିନି ଟିକିଆ ଶୃଙ୍ଖଳାକୁ ଆଗୁଆ ୨-୦ରେ ଜିତି ନେଇ ୨୦୧୧ ମସିହା ପରେ ଘରୋଇ ପରିବେଶରେ ଲଗାତାର ୫ ଟେଷ୍ଟ୍ ଜିତିବାର କୀର୍ତ୍ତିମାନ କରିଛି। ଶୃଙ୍ଖଳାର ତୃତୀୟ ତଥା ଶେଷ ଟେଷ୍ଟ୍ ଶୁକ୍ରବାରଠାରୁ ଦ ଓଭାଲ୍ ପଡ଼ିଆରେ ଖେଳାଯିବ। ଏଥିରେ ଶ୍ରୀଲଙ୍କା ପାଇଁ ସମ୍ମାନ ରକ୍ଷା ଏବଂ ଇଂଲଣ୍ଡକୁ ମୂଳପୋଛ ବିଜୟର ସୁଯୋଗ ରହିବ।

ଲର୍ଡସରେ ଇଂଲଣ୍ଡ ୪୮୩ ରନ୍‌ର ଲକ୍ଷ୍ୟ ଦେବା ପରେ ଶ୍ରୀଲଙ୍କା ଶନିବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨ ୱିକେଟ୍ ବିନିମୟରେ ୫୩ ରନ୍ କରିଥିଲା। ରବିବାର ୨୩୯ ରନ୍ ବିନିମୟରେ ଅବଶିଷ୍ଟ ୮ ୱିକେଟ୍ ହରାଇବା ପରେ ଇଂଲଣ୍ଡ ଦେଢ଼ ଦିନ ପୂର୍ବରୁ ବିଜୟର ମିଠାମିଠା ଚାଖିଥିଲା। ଉଭୟ ପାଳିରେ ଶତକ ଅର୍ଜନ କରି ଜୋ ରୁଟ୍ ଇତିହାସ ରଚିଥିଲେ ମଧ୍ୟ ଗସ୍ ଆଟକିନସନ୍ ଅଲରାଉଣ୍ଡ୍ ପ୍ରଦର୍ଶନ କରି (୧୩୨ ରନ୍ ଓ ୭/୧୦୨) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି।

ସଂକ୍ଷିପ୍ତ ସ୍କୋର : ଇଂଲଣ୍ଡ ପ୍ରଥମ ପାଳି: ୪୨୭। ଶ୍ରୀଲଙ୍କା ପ୍ରଥମ ପାଳି: ୧୯୬। ଇଂଲଣ୍ଡ ଦ୍ୱିତୀୟ ପାଳି: ୨୫୧। ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୮୬.୪ ଓଭରରେ ୨୯୨ (ଦୀନେଶ ଚାନ୍ଦିମାଲ-୫୮, ଧନଞ୍ଜୟ ଡି'ସିଲଭା-୫୦, ମିଲାନ ରତ୍ନାୟକେ-୪୩, ଗସ୍ ଆଟକିନସନ୍-୫/୬୨, ଓଲି ଷ୍ଟୋନ୍-୨/୫୬, କ୍ରିସ୍ ଓକ୍ସ-୨/୪୬)।

## ଜାତୀୟ ଓପନ୍ ଦୌଡ଼କୁଦ

# ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଲେ ରିଲେ ଦଳ




**ଭୁବନେଶ୍ୱର**

ବେଙ୍ଗାଲୁରୁର କାନ୍ତିରବା ଷ୍ଟାଡିୟମ୍‌ରେ ଚାଲିଥିବା ୬୩ତମ ଜାତୀୟ ଓପନ୍ ଦୌଡ଼କୁଦ ପ୍ରତିଯୋଗିତାରେ ଓଡ଼ିଶାକୁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଦେଇଛନ୍ତି ପୁରୁଷ ରିଲେ ଦଳ। ଅମିୟ ମଲ୍ଲିକ, ଅନିମେଶ କୁଜୁର, ଅଭିନାଶ ସାହୁ, ଲାଲୁ ପ୍ରସାଦ ଭୋଇଙ୍କୁ ନେଇ ଗଠିତ ଓଡ଼ିଶା ୪ ଗୁଣା ୧୦୦ ମିଟର୍ ରିଲେ ଦଳ ୩୯.୬୫ ସେକେଣ୍ଡ୍ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ରେଳବାଇ ସ୍ପୋର୍ଟସ ପ୍ରମୋସନ୍ ବୋର୍ଡ (୩୯.୮୨ ସେକେଣ୍ଡ୍) ଓ ସର୍ଭିସେସ୍ ସ୍ପୋର୍ଟସ କଣ୍ଟ୍ରୋଲ୍ ବୋର୍ଡ (୩୯.୯୯ ସେକେଣ୍ଡ୍) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଛନ୍ତି।

ସେହିଭଳି ଓଡ଼ିଶା ୪ ଗୁଣା ୧୦୦ ମିଟର୍ ମହିଳା ରିଲେ ଦଳ କାଂସ୍ୟ ପଦକ ଜିତିଛନ୍ତି। ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦଙ୍କ ନେତୃତ୍ୱରେ ଗଠିତ ଦଳରେ ମେରିମୁକ୍ତା ସୋରେଙ୍ଗ, ସୁଖି ବାସ୍କେ, ବିନତି ବେହେରା ସାମିଲ ଥିଲେ। ଏହି ଦଳ ୪୫.୯୩ ସେକେଣ୍ଡ୍ ସମୟ ନେଇ ତୃତୀୟରେ ରହିଥିବାବେଳେ କର୍ଣ୍ଣାଟକ (୪୫.୨୧ ସେକେଣ୍ଡ୍) ଓ ରେଳବାଇ ସ୍ପୋର୍ଟସ ପ୍ରମୋସନ୍ ବୋର୍ଡ (୪୫.୨୯ ସେକେଣ୍ଡ୍) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ନେଇଥିଲେ। ଏଥି ସହିତ ଲାଲୁ ପ୍ରସାଦ ଭୋଇ ବ୍ୟକ୍ତିଗତ ଭାବେ ଦୁଇ ଦିନରେ ୨ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଶ୍ରାବଣୀ ଦୁଇ କାଂସ୍ୟ ପଦକ ଜିତିଛନ୍ତି। ଲାଲୁ ଶନିବାର ରାତିରେ ପୁରୁଷ ୧୦୦ ମିଟରରେ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ (୧୦.୩୪ ସେକେଣ୍ଡ) ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ପ୍ରଜ୍ଞା ପ୍ରଶାନ୍ତି ସାହୁ ମହିଳା ୧୦୦ ମିଟର ବାଧାଦୌଡ଼ ରୌପ୍ୟ ପଦକ ହାସଲ କରିଥିଲେ। ଉଭୟ ଲାଲୁ ଓ ପ୍ରଜ୍ଞା କିଟ୍‌ରେ ପଢୁଥିଲା ବେଳେ ଓଡ଼ିଶା ରିଲାଏନ୍ସ ଏଚ୍‌ପିସିର ପ୍ରଶିକ୍ଷକ ରୋହିତ ମାନେଙ୍କ ଅଧୀନରେ ପ୍ରଶିକ୍ଷଣ ନେଉଛନ୍ତି। ମହିଳା ୧୦୦ ମିଟରରେ ଶ୍ରାବଣୀ ନନ୍ଦ (୧୧.୭୩ ସେକେଣ୍ଡ) କାଂସ୍ୟ ପଦକ ଜିତିଛନ୍ତି।

# ଘନେଇଲା ବକ୍ସିଂ ବିବାଦ : ଅଲିମ୍ପିକ୍ସରୁ ବାଦ୍ ପଡ଼ିବା ଆଶଙ୍କା

**ନୂଆଦିଲ୍ଲୀ**

ଅଲିମ୍ପିକ୍ସରେ ମୁଷ୍ଟିଯୁଦ୍ଧର ଭବିଷ୍ୟତ ନେଇ ଘୋର ଅନିଶ୍ଚିତତା ସୃଷ୍ଟି ହୋଇଛି। ବିଶ୍ୱ ବକ୍ସିଂ (ଡବ୍ଲ୍ୟୁବି) ନାମରେ ଗଠିତ ବିଦ୍ରୋହୀ ସଂଘକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦ (ଆଇଓସି) ଦୃଢ଼ ସମର୍ଥନ ଦେଉଥିଲା ବେଳେ ସଦସ୍ୟରାଷ୍ଟ୍ର ପୁରୁଣା ମହାସଂଘ ଅନ୍ତର୍ଜାତୀୟ ମୁଷ୍ଟିଯୁଦ୍ଧ ସଂଘ (ଆଇବିଏ)କୁ ସମର୍ଥନ କରୁଛନ୍ତି। ଫଳରେ ମୁଷ୍ଟିଯୁଦ୍ଧ ଦୁନିଆ ଏକପ୍ରକାର ଦୁଇ ଫାଳ ହୋଇଛି। ଏସିଆ ମୁଷ୍ଟିଯୁଦ୍ଧ ସଂଘ ଡବ୍ଲ୍ୟୁବିରେ ଯୋଗଦେବା ବିପକ୍ଷରେ ଭୋଟ୍ ଦେବା ପରେ ଏହି ସଙ୍କଟ ଆହୁରି ଘନିଭୂତ ହୋଇଛି। ଶନିବାର ଅନୁଷ୍ଠିତ ଗୁପ୍ତ ଭୋଟରେ ୨୧ ଦେଶ ଡବ୍ଲ୍ୟୁବିରେ ଯୋଗଦେବା ବିପକ୍ଷରେ ମତ ଦେଇଥିଲା ବେଳେ ୧୪ ଦେଶ ସପକ୍ଷରେ ମତ ଦେଇଛନ୍ତି।

ଗୋଟିଏ ଭୋଟ ନାକଚ ହୋଇଯାଇଥିଲା। ଫଳରେ ଡବ୍ଲ୍ୟୁବି ସହ ଆଇଓସିର ଅଡୁଆ ମଧ୍ୟ ବଢ଼ିଛି। ଅନ୍ୟପକ୍ଷରେ ଅଧିକ ସଦସ୍ୟଙ୍କ ସମର୍ଥନ ଦୃଷ୍ଟିରୁ ଆଇବିଏ ନିଜକୁ ମୁଷ୍ଟିଯୁଦ୍ଧର ଏକମାତ୍ର ସ୍ୱୀକୃତିପ୍ରାପ୍ତ ବିଶ୍ୱ ସଂଘ ଭାବେ ଦାବି କରିବା ଆରମ୍ଭ କରିଛି। ତେବେ ଆଇଓସିର ଦୃଢ଼ ସମର୍ଥନ ଦୃଷ୍ଟିରୁ ଏବେବି ଡବ୍ଲ୍ୟୁବିର ପଲା ଭାରି ରହିଛି। ଏପରିକି ଜାତୀୟ ସଂଘଗୁଡ଼ିକ ଆଇବିଏକୁ ସମର୍ଥନ ଦେବା ଜାରି ରଖିଲେ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରୁ ମୁଷ୍ଟିଯୁଦ୍ଧକୁ ବାଦ୍ ଦେବାକୁ ଆଇଓସି ପୁନର୍ବାର ଧମକ ଦେଇଛି। ସୂଚନା ଅନୁସାରେ ଡବ୍ଲ୍ୟୁବିକୁ ୪୨ ସଦସ୍ୟ ଦେଶ ସମର୍ଥନ ଦେଉଥିଲା ବେଳେ ଆଇବିଏକୁ ୧୦୦ରୁ ଅଧିକ ସଦସ୍ୟ ଦେଶ ସମର୍ଥନ କରୁଛନ୍ତି। ଭାରତ ଡବ୍ଲ୍ୟୁବିକୁ ସମର୍ଥନ କରୁଥିବାରୁ ଆଇବିଏର କୋପ ଦୃଷ୍ଟିରେ ରହିଛି।



ଏସୀୟ ମୁଷ୍ଟିଯୁଦ୍ଧ ମହାସଂଘ (ଏଏସ୍‌ବିସି) ଡବ୍ଲ୍ୟୁବିରେ ଯୋଗଦେବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ମଧ୍ୟ ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ (ବିଏଫ୍‌ଆଇ) ଏହାକୁ ସମର୍ଥନ କରୁଛି। ଖୁବ୍‌ଶୀଘ୍ର ଡବ୍ଲ୍ୟୁବି ୫୦ ସଦସ୍ୟଙ୍କ ସମର୍ଥନ ହାସଲ କରି ଆଇଓସି ଦ୍ୱାରା ସ୍ୱୀକୃତି ଲାଭ କରିବ ବୋଲି ବିଏଫ୍‌ଆଇ ସଭାପତି ଅଜୟ ସିଂହ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୁଷ୍ଟିଯୁଦ୍ଧ ଯେଭଳି ଅଲିମ୍ପିକ୍ସ ଅଭିଯାନରେ ସାମିଲ ରହିବ, ସେନେଇ ସବୁପ୍ରକାର ପଦକ୍ଷେପ ବିଏଫ୍‌ଆଇ ନେଉଛି। ଏହା ମଧ୍ୟ ସ୍ପଷ୍ଟ ଯେ ଆଇବିଏକୁ ବିଶ୍ୱସଂଘ ଭାବେ ଆଇଓସି ଆଉ ଗ୍ରହଣ କରିବନି। ଏଣୁ ଏକ ସମୟପୋଯୋଗୀ ବିକଳ୍ପ ଭାବେ ଭାରତ ଡବ୍ଲ୍ୟୁବିକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛି। ଭୋଟିଂରୁ ଜଣାପଡ଼ିଯାଇଛି ଯେ ୧୪ ସଦସ୍ୟରାଷ୍ଟ୍ର ଡବ୍ଲ୍ୟୁବିରେ ଯୋଗ ଦେବାକୁ ରାଜି ଅଛନ୍ତି। ଆମେ ସ୍ଥିର ନିଶ୍ଚିତ ଯେ ଡବ୍ଲ୍ୟୁବି ଅତିଶୀଘ୍ର ଆଇଓସିର ସ୍ୱୀକୃତି ପାଇଁ ଆବଶ୍ୟକ ସର୍ବନିମ୍ନ ସଦସ୍ୟଙ୍କ ସମର୍ଥନ ହାସଲ କରିବ।

ଡବ୍ଲ୍ୟୁବିକୁ ସମର୍ଥନ କରୁଥିବା ୧୪ ଦେଶ ଏଥିରେ ଯୋଗଦେବା ଲାଗି ଖୁବଶୀଘ୍ର ଲିଖିତ ଆବେଦନ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି ସେ। ଭାରତ ବହୁ ପୂର୍ବରୁ ଡବ୍ଲ୍ୟୁବିର ସଦସ୍ୟ ହେବା ପାଇଁ ଆବେଦନ ପତ୍ର ଦାଖଲ କରିସାରିଛି। ବିଏଫ୍‌ଆଇର ସାଧାରଣ ପରିଷଦ ବୈଠକରେ ମଧ୍ୟ ଏହାକୁ ମଞ୍ଜୁରୀ ମିଳି ସାରିଛି। ମହାସଂଘର ବରିଷ୍ଠ କର୍ମକର୍ତ୍ତାମାନେ ଡବ୍ଲ୍ୟୁବିର ସଭାପତି ଓ ମହାସଚିବଙ୍କୁ ଭେଟି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ହେଲେ ଆଇବିଏକୁ ଅଧିକାଂଶ ଏସୀୟ ରାଷ୍ଟ୍ର ସମର୍ଥନ କରୁଥିବାରୁ ଭାରତର ସ୍ଥିତି ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛି।

GOVT. OF ODISHA
DEPARTMENT OF WATER RESOURCES
O/O THE SUPERINTENDING ENGINEER, PRACHI DIVISION, BHUBANESWAR -12
A-264
E-mail: prachi.division@yahoo.co.in, eeprachidivision@gmail.com
No. 6388 Dt. 30.08.2024
e - PROCUREMENT NOTICE NO - SEPRD - 06/2024-25
Bid Documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e- procurement portal www.tendersorissa.gov.in complete online process only

| | | |
|---|---|---|
| 01. | Nature of work | civil works |
| 02. | No.of Works | 9 Nos. |
| 03. | Bid Identification No. | SEPRD - 06/2024-25 |
| 04. | Estimated Cost | 14.00 Lakhs to 30.00 Lakhs |
| 05. | Earnest Money Deposit | Referred to DTCN |
| 06. | Cost of Tender Paper | Referred to DTCN |
| 07. | Period of Completion | Referred to DTCN |
| 08. | Date & time of avaibility of bid documents in the Portal | From 06.09.2024 (11.00 AM) to 17.09.2024 (5.30 PM) |
| 09. | Date and time of Opening of Tender Douments & online bids | 18.09.2024 at 11.30 AM |
| 10. | Date of Lottery (In case of situation arises) | 23.09.2024 at 4.30 PM |
| 11. | Name and Address of the Officer nviting Bid | Superintending Engineer, Prachi Division, Bhubaneswar-12, E-mail: prachi.division@yahoo.co.in, eeprachidivision@gmail.com |

Further details (corrigendum, addendum, cancellation) can be seen from the State Govt. Portal www.tendersorissa.gov.in
Sd/- Superintending Engineer
Prachi Division, Bhubaneswar
OIPR-32096/11/0003/2425

Government of Odisha "e" Procurement Notice
Bid Identification No.18/2024-25
C-537

| | | | |
|---|---|---|---|
| 1. | Name of the work | : | 03 Nos. of work |
| 2. | Estimated cost | : | ₹ 13.44 to 18.68 lakhs. |
| 3. | Period of completion | : | One Month. |
| 4. | Date & Time of availability of bid document in the portal | : | From 11.00 AM. of 06.09.2024 to 5.00 PM of 17.09.2024 |
| 5. | Last date / time for receipt of bids in the portal | : | 5.00 PM of 17.09.2024. |
| 6. | Name and address of the Officer inviting Bid | : | Additional Chief Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)
Sd/- Additional Chief Engineer,
P.H. Division, Bhubaneswar
OIPR-13205/11/0018/2425

# ଝାରପଡ଼ା ଜେଲ୍‌ରେ କଏଦୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଝାରପଡ଼ା ଜେଲ୍‌ର ଭିତିରି କଥା ଡିଏଲ୍‌ଏସ୍ ମ୍ୟାଧାମ୍‌ଙ୍କୁ କହିବା ଜଣେ କଏଦୀଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କୁ ଗ୍ୟାଙ୍ଗଷ୍ଟର୍ ହାଇଦରର ପୁଅ ମୁନ୍ନା ଏବଂ ତା'ର ସହଯୋଗୀମାନେ ଆକ୍ରମଣ କରିଛନ୍ତି। ଏଥିରେ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କ ମୁଣ୍ଡ ଫାଟିଯାଇଛି। ମୁନ୍ନା ଏବଂ ସହଯୋଗୀମାନେ କାଠ ଫାଳିଆରେ ଆକ୍ରମଣ କରିଥିବା ସୌମ୍ୟକାନ୍ତ ଅଭିଯୋଗ କରିଛନ୍ତି। ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଚିକିତ୍ସା କରାଯିବା ପରେ ଜେଲକୁ ପଠାଯାଇଛି। ମୁନ୍ନା ଏବଂ ତା'ର ଗୋଷ୍ଠୀଙ୍କୁ ଅଲଗା ସେଲ୍‌ରେ ରଖାଯାଇଛି। ସୌମ୍ୟକାନ୍ତଙ୍କ ସୂଚନା ଅନୁସାରେ, ଜେଲକୁ ପରିଦର୍ଶନରେ ଡିଏଲ୍‌ଏସ୍ ମ୍ୟାଡ଼ାମ୍ ଆସିଥିବା ବେଳେ ଜେଲର ଭିତିରି କଥା ସବୁ କହିଥିଲେ। ଜେଲ୍ ଭିତରେ କିଭଳି ମୋବାଇଲ୍ ବ୍ୟବହାର କରାଯାଉଛି, କିଭଳି ନିଶାଦ୍ରବ୍ୟ ଦିଆଯାଉଛି କହିଥିଲେ। ସୌମ୍ୟକାନ୍ତଙ୍କ କହିବା ଆଧାରରେ ମୁନ୍ନାର ସେଲ୍‌ରୁ ମୋବାଇଲ ଫୋନ ଜବତ କରାଯାଇଥିଲା। ଯେଉଁଥିପାଇଁ ଥାନାରେ ଏହି ମୋବାଇଲ ଦିଆଯିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ହେଲେ ରବିବାର ଏଭଳି ଆକ୍ରମଣ କରାଯାଇଥିବା ପଦାକୁ ଆସିଛି। ଜେଲର ଭିତିରି କଥା କହିବା ଦ୍ୱାରା ତାଙ୍କୁ ମୁନ୍ନା ଏବଂ ତା'ର ସହଯୋଗୀ ଜେଲ ଭିତରେ ପିଟି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ସୌମ୍ୟ ତାଙ୍କ ୱାର୍ଡ଼ରେ ବସିଥିବାବେଳେ ତାଙ୍କୁ ମୁନ୍ନା ଏବଂ ସହଯୋଗୀମାନେ ଆସି ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡ଼ ଅବସ୍ଥାରେ ମୁନ୍ନା ପଡ଼ିଥିବା ବେଳେ ୱାର୍ଡ଼ର ଏବଂ ଜେଲ୍ କର୍ତ୍ତୃପକ୍ଷ ଖବର ପାଇ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବା କହିଛନ୍ତି।

# ରୋହିତଙ୍କୁ ୫୦ କୋଟି ଟଙ୍କାରେ କିଣିବ କି ଲକ୍ଷ୍ନୌ !

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ ଅଧିକ ରୋଚକ ହେବାକୁ ଯାଉଛି। କାରଣ ଏହା ପୂର୍ବରୁ ଏକ ମେଗା ନିଲାମ ଅନୁଷ୍ଠିତ ହେବ। ମେଗା ନିଲାମ ପୂର୍ବରୁ ଦଳଗୁଡ଼ିକରେ ଅନେକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବାର ସମ୍ଭାବନା ରହିଛି। ଅନେକ ତାରକା ଖେଳାଳି ଗୋଟିଏ ଦଳରୁ ଅନ୍ୟ ଦଳକୁ ଯାଇପାରନ୍ତି, ଯେଉଁଥିରେ ରୋହିତ ଶର୍ମାଙ୍କ ନାମ ମଧ୍ୟ ସାମିଲ ଅଛି। ହିଟ୍‌ମ୍ୟାନଙ୍କ ବିଷୟରେ ଗୁଜବ ପ୍ରଚାରିତ ହୋଇଛି ଯେ, ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ରିଲିଜ୍ କରିବ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ (ଏଲ୍‌ଏସ୍‌ଜି) ତାଙ୍କୁ ୫୦ କୋଟି ଟଙ୍କାରେ କିଣିବ। ତେବେ ଏହି କଥାଗୁଡ଼ିକରେ କେତେ ସତ୍ୟ ଅଛି, ଲକ୍ଷ୍ନୌ ମାଲିକ ସଞ୍ଜୀବ ଗୋଏଙ୍କା ନିଜେ ଏହା ପ୍ରକାଶ କରିଛନ୍ତି।

ନିକଟରେ ଏକ ସାକ୍ଷାତ୍‌କାରରେ ସଞ୍ଜୀବ ଗୋଏଙ୍କାଙ୍କୁ ପଚରାଯାଇଥିଲା, ରୋହିତ ଶର୍ମାଙ୍କୁ ଲକ୍ଷ୍ନୌ ୫୦ କୋଟି ଟଙ୍କାରେ କିଣିବ କି ? ଏହାର ଜବାବରେ ସେ କହିଛନ୍ତି, ମୋତେ ଗୋଟିଏ କଥା କୁହ, କେହି ଜାଣନ୍ତି କି ରୋହିତ ଶର୍ମା ନିଲାମରେ ଉପଲବ୍ଧ ହେବେ କି ନାହିଁ ? ଏହି ସବୁ କଳ୍ପନାଜଳ୍ପନା ଅନାବଶ୍ୟକ। ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ରିଲିଜ୍ କରିବ ନା ନାହିଁ, ସେ ନିଲାମରେ ଉପଲବ୍ଧ ହେବେ କି ନାହିଁ ତାହା ଜଣାନାହିଁ। ଆଉ ମଧ୍ୟ ସେ ଯଦି ବି ଉପଲବ୍ଧ ହେବେ, ତେବେ ଗୋଟିଏ ପାଞ୍ଚାଇଜ୍ ନିଜ ଅଂଶର ୫୦ ପ୍ରତିଶତ ଟଙ୍କା ଗୋଟିଏ ଖେଳାଳିରେ ବ୍ୟବହାର କରିବ, ତେବେ ଅବଶିଷ୍ଟ ୨୨ ଖେଳାଳିଙ୍କୁ କିପରି ପରିଚାଳନା କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି।




ତା'ପରେ ଏହା ପରେ ତାଙ୍କୁ ପଚରାଯାଇଥିଲା କି ରୋହିତ ଶର୍ମା ଆପଣଙ୍କ ଇଚ୍ଛା ତାଲିକାରେ ଅଛନ୍ତି କି ? ଏହାର ଜବାବରେ ସଞ୍ଜୀବ ଗୋଏଙ୍କା କହିଛନ୍ତି, ପ୍ରତ୍ୟେକଙ୍କର ନିଜସ୍ୱ ଇଚ୍ଛା ତାଲିକା ଅଛି। ସମସ୍ତେ ଚାହାନ୍ତି ନିଜ ଦଳରେ ଶ୍ରେଷ୍ଠ ଖେଳାଳିଙ୍କୁ ନେବା। ଏହା ଜଣଙ୍କର ଇଚ୍ଛା କରିବା ବିଷୟ ନୁହେଁ। ଗୋଟିଏ ପାଞ୍ଚାଇଜ୍ କ'ଣ ଉପଲବ୍ଧ ଅଛି ତାହା ମଧ୍ୟ ଦେଖିବାକୁ ପଡ଼ିବ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ସେପ୍ଟେମ୍ବର ୨୦୨୪ ମଙ୍ଗଳବାର





# ରାଜ୍ୟରେ ବାର୍ଡ ଫ୍ଲୁ ରୋଗର ସଂକ୍ରମଣ ଏବଂ ନିଆଯାଇଥିବା ପଦକ୍ଷେପ ସଂପର୍କରେ ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ବାର୍ଡ ଫ୍ଲୁ ରୋଗ ଜନିତ ବର୍ତ୍ତମାନର ସ୍ଥିତିଏବଂ ଏ ପର୍ଯ୍ୟନ୍ତ ନିଆ ଯାଇଥିବା ପଦକ୍ଷେପ ସଂପର୍କରେ ଆଜି ଅପରାହ୍ନରେ ଭିଡ଼ିଓ କନ୍ଫରେନ୍ସ ମାଧ୍ୟମରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହିବୈଠକରେ ମୁଖ୍ୟ ଶାସନ ସଚିବ, ଓଡ଼ିଶା, ଶ୍ରୀ ମନୋଜ ଅହୁଜା, ଭାରତ ସରକାରଙ୍କ ପଶୁପାଳନ ଏବଂ ଦୁଗ୍ଧ ବିଭାଗର ସଚିବସୁଶ୍ରୀ ଅଲକା ଉପାଧ୍ୟାୟ, ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ପୁରୀ, କେନ୍ଦ୍ରାପଡା ଏବଂ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଯୋଗଦେଇଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଆମ ରାଜ୍ୟର କେବଳ ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ, ନିମାପଡା ଏବଂ ଡେଲାଙ୍ଗ ବ୍ଲକର ଚାରିଟି ଗ୍ରାମରେବାର୍ଡ ଫ୍ଲୁ ରୋଗ ଚିହ୍ନଟ କରାଯାଇଛି । ଭାରତ ସରକାରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ଯୋଜନା ଅନୁଯାୟୀ ଏହି ରୋଗର ନିୟନ୍ତ୍ରଣ ଏବଂ ନିରାକରଣ କାର୍ଯ୍ୟକ୍ରମ ଚାଲୁଅଛି । ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ସଂକ୍ରମିତ କୁକୁଡ଼ା ଗୁଡିକୁ ମରା ଯାଇ ସାରିଥିବା ସ୍ଥଳେ ଡେଲାଙ୍ଗ ଏବଂ ନିମାପଡା ବ୍ଲକରେ ଏହି ପ୍ରକ୍ରିୟା ଜାରି ରହିଛି । ରୋଗ ସଂକ୍ରମଣ ରୋକିବା ପାଇଁ ୫୧ଟି ରାପିଡ୍ରେସପନ୍ସଟିମ୍ (ଆରଆରଟି) ପକ୍ଷୀ ମାନଙ୍କୁ ମାରିବା ଏବଂ କୁକୁଡ଼ା ଫାର୍ମଗୁଡ଼ିକର ବିଶୋଧନ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ୩୫,୩୨୯ଟି କୁକୁଡ଼ା ମରା ଯାଇଛି, ୮୪ ଗୋଟି ଅଣ୍ଡା ଏବଂ ୧୫,୩୮୦ କିଲୋଗ୍ରାମ କୁ କୁଡ଼ା ଦାନା ନଷ୍ଟ କରାଯାଇଅଛି । ଏ ପର୍ଯ୍ୟନ୍ତ ୧୦,୯୪,୫୭୨ ଟଙ୍କା କ୍ଷତିପୂରଣ ଅର୍ଥ ଭାବରେ କୃଷକମାନଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବଙ୍କ ନିଦେଶ ଅନୁଯାୟୀ ରାଜ୍ୟରେ ଥିବା ପ୍ରମୁଖ ଜଳ ଉତ୍ସ ଏବଂ ପୂର୍ବରୁ ବାର୍ଡ ଫ୍ଲୁ ହୋଇଥିବା ଜିଲ୍ଲାମାନଙ୍କରେ ନମୁନା ସଂଗ୍ରହ ପ୍ରକ୍ରିୟା ତଥା ରୋଗର ଅନୁସନ୍ଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି । ରୋଗ ଚିହ୍ନଟ ପାଇଁ ଅଧିକ ନମୂନା ପଠାଇବା ସହିତ କୁକୁଡ଼ା ତଥା କୁକୁଡ଼ା ଚାଷ ସହ ଜଡ଼ିତ ଦାନା ଏବଂ ଅନ୍ୟାନ୍ୟ ସାମଗ୍ରୀ, ସଂକ୍ରମିତ ଅଂଚଳକୁ ନେବା ଆଣିବାକୁ ନିୟନ୍ତ୍ରଣ କରାଯିବ । ଜନସାଧାରଣ ଏଥିପାଇଁ ଭୟଭୀତ ନ ହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ଏ ଦିଗରେ ସଚେତନତା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି ।

# ସାମ୍ବାଦିକମାନଙ୍କ ପାଇଁ ଖୁବ୍ ଶୀଘ୍ର ପେନସନ ବ୍ୟବସ୍ଥା ହେଉଛି : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ସର୍ବପ୍ରଥମଥର ପାଇଁ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରୁଥିବା ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି। ବରିଷ୍ଠ ସାମ୍ବାଦିକ ଶ୍ରୀ ସୁଜ୍ଞାନ ଚୌଧୁରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ ଆଲୋଚନା ସମୟରେ ଶ୍ରୀ ମାଝୀ ମତ ଦେଇଥିଲେ। ଦେଶର ଅନ୍ୟ ରାଜ୍ୟ ତଥା ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ହରିୟାନା ଓ ଝାଡ଼ଖଣ୍ଡ ରାଜ୍ୟରେ ସାମ୍ବାଦିକମାନଙ୍କ ପାଇଁ ପେନସନ ବ୍ୟବସ୍ଥା ଚାଲୁରହିଛି ଏବଂ ବହୁବର୍ଷ ଧରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ବର୍ତ୍ତମାନ ରାଜ୍ୟରେ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପରିଚାଳିତ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିବାକୁ ଯାଉଥିବାରୁ ଓଡ଼ିଶା ପ୍ରେସ୍ ଏକାଡ଼େମୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଓଡ଼ିଶାରେ ପେନସନ ଯୋଜନାକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପ୍ରେସ୍ ଏକାଡ଼େମୀକୁ ନୋଡ଼ାଲ ଏଜେନ୍ସି ଭାବେ ଦାୟିତ୍ୱ ଦିଆଯିବାର ବ୍ୟବସ୍ଥା ହେଉଛି।

ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଚିହ୍ନଟ ଓ ପଞ୍ଜିକରଣ କାର୍ଯ୍ୟ ଡିସେମ୍ବର ଶେଷ ସୁଦ୍ଧା କରାଯାଇ ଆଗାମୀ ଜାନୁଆରୀ ୧ ତାରିଖ ଠାରୁ ୬୫ ବର୍ଷରେ ପଦାର୍ପଣ କରୁଥିବା ସାମ୍ବାଦିକମାନଙ୍କୁ ମାସିକ ୧୦ ହଜାର ଟଙ୍କା ମିଳିବ। ବରିଷ୍ଠ ସାମ୍ବାଦିକମାନଙ୍କ ସଂଖ୍ୟା ଅତି ବେଶିରେ ୫୦ଜଣ ଥିବା ସର୍ଭେରୁ ଜଣାପଡ଼ିଛି। ରାଜ୍ୟ ସରକାର ଏ ଦିଗରେ ବିଚାର କରିବେ ବୋଲି ଶ୍ରୀ ମାଝୀ କହିଥିଲେ। ଏହି ପ୍ରତିନିଧି ଦଳରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ଶ୍ରୀ ସୁଜ୍ଞାନ ଚୌଧୁରୀ, ଓଡ଼ିଶା ପ୍ରେସ୍ ଏକାଡ଼େମୀର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ, ଓଡ଼ିଶା ଗଣମାଧ୍ୟମ ପରିଷଦର ସମ୍ପାଦିକା ରୂପାଲି ରତୁପର୍ଣ୍ଣା, ନ୍ୟୁଜ ବ୍ୟାଙ୍କର ସମ୍ପାଦିକା ଆଲଫା ରାୟ, ଓଡ଼ିଶା ନ୍ୟୁଜ୍ ଆଲଏନ୍ସର ସମ୍ପାଦକ ଶ୍ରୀ ବଳରାମ କାନୁନଗୋ ଓ ଡେଭଲପମେଣ୍ଟ ନ୍ୟୁଜ୍ ନେଟୱାର୍କର ବାର୍ତ୍ତା ସମ୍ପାଦକ ନାରାୟଣ କରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ପ୍ରେସ୍ ଏକାଡ଼େମୀର ସମ୍ପାଦିକା ରୀତାଞ୍ଜଳି ଆଚାର୍ଯ୍ୟ ସମସ୍ତ ସାମ୍ବାଦିକମାନଙ୍କର ପରିଚୟ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ।

# ସୁଭଦ୍ରା ଯୋଜନାରେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସାମିଲ ନକଲେ ଆନ୍ଦୋଳନ ହେବ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସୁଭଦ୍ରା ଯୋଜନାର ଏସଓପିକୁ ନେଇ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ସୋମବାର ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି । ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ, ଓଡ଼ିଆ ଅସ୍ମିତାର ନାରା ଦେଇ ରାଜ୍ୟରେ ସରକାରକୁ ଆସିଥିବା ବିଜେପି ସମ୍ଭବତଃ ଓଡ଼ିଆ ଭାଷା ଠିକ ଭାବରେ ବୁଝିପାରୁ ନାହିଁ । ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଦୁଇ ବର୍ଷରେ ପଚାଶ ହଜାର ଟଙ୍କାର ଭାଉଚର ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ ସୁଭଦ୍ରା ଯୋଜନାର ଏସଓପି ପ୍ରକାଶ ପାଇବା ପରେ, ରାଜ୍ୟର ପ୍ରତ୍ୟେକ ମହିଳା ନୁହେଁ ବରଂ କିଛି କିଛି ମହିଳା ଏହି ଯୋଜନାରୁ ଲାଭ ପାଇବେ ବୋଲି ଜଣା ପଡିଛି । ପ୍ରତ୍ୟେକ ମହିଳାର ଅର୍ଥ କ'ଣ କିଛି କିଛି ମହିଳା ବୋଲି ଶ୍ରୀମତୀ ଛୁରିଆ ପ୍ରଶ୍ନ କରିଥିଲେ ।ବିଜେପିର ନେତାମାନେ ଠିକଭାବେ ଓଡ଼ିଆ ଭାଷାକୁ ବୁଝିପାରୁ ନାହାନ୍ତି ନବୁଝି ପାରିବାର ଅଭିନୟ କରୁଛନ୍ତି । ତା ଛଡା ଏହି ପଚାଶ ହଜାର ଟଙ୍କା ଦୁଇ ବର୍ଷରେ ନୁହେଁ ବରଂ ପାଂଚ ବର୍ଷରେ ପ୍ରଦାନ କରାଯିବ ବୋଲି କୁହାଯାଇଛି । ବିଜେପିର ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ ରାଜ୍ୟର ମହିଳାମାନେ ଅନେକ ଆଶା ବାନ୍ଧିଥିଲେ ଯାହା ପଚାଶ ହଜାର ଟଙ୍କା ପାଇଲେ ପୂରଣ ହୋଇଥାନ୍ତା । କିନ୍ତୁ ଏସଓପି



ଆସିବା ପରେ ଅଧିକାଂଶ ମହିଳା ଏଥିରୁ ବଂଚିତ ହେବେ ବୋଲି ଜାଣି ନିରାଶ ହୋଇଛନ୍ତି । ତେଣୁ ସୁଭଦ୍ରା ଯୋଜନା ଏକ ପ୍ରବଂଚନା ଓ ଜୁମଲାରେ ପରିଣତ ହୋଇଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ । ସେ ଆହୁରି କହିଥିଲେ, ଏସଓପିରେ କୁହାଯାଇଛି ଯେ କେବଳ ୨୧ ବର୍ଷରୁ ୬୦ ବର୍ଷର ମହିଳାମାନେ ଏହି ଯୋଜନାରେ ସାମିଲ ହୋଇପାରିବେ । ସ୍ୱାଭାବିକ ଭାବେ ଏଠାରେ ପ୍ରଶ୍ନ ଉଠୁଛି ଯେ ୧୮ ବର୍ଷରେ ନାଗରିକର ଅଧିକାର ମିଳୁଥିବା ବେଳେ ୧୮ରୁ ୨୦ବର୍ଷର ମହିଳା ମାନଙ୍କୁ କେଉଁ କାରଣରୁ ଏହି ଯୋଜନାରେ ସାମିଲ କରାଯାଇନାହିଁ । ଏହି ବୟସରେ ମହିଳା ମାନେ ପ୍ରାୟତଃ କଲେଜରେ ପଢୁଥାନ୍ତି ଓ ସେମାନଙ୍କ ନିଜ ଖର୍ଚ୍ଚ ପାଇଁ ଅର୍ଥର ଆବଶ୍ୟକ ଥାଏ । କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ନବୀନ ସରକାରଙ୍କ ଦ୍ୱାରା ନୂଆ-ଓ ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ଅନୁଦାନକୁ ବିଜେପି ସରକାର ବନ୍ଦ କରିଦେଇଛନ୍ତି । ଅନ୍ୟପଟରେ, ସେମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ନ କରିବା କାରଣରୁ ସେମାନେ ଉଭୟ ପଟରୁ କ୍ଷତି ସହିବାକୁ ପଡୁଛି । ସେହିପରି, ଷାଠିଏ ବର୍ଷରୁ ଉର୍ଦ୍ଧ ମହିଳା ମାନଙ୍କୁ ମଧ୍ୟ ସୁଭଦ୍ରା ଯୋଜନାରୁ ବଂଚିତ କରିବା ସେମାନେ ମଧ୍ୟ ବିଜେପି ସରକାରଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଛନ୍ତି । ଅପରପକ୍ଷରେ ଯେଉଁ ମହିଳା ମାନେ ଜାତୀୟ ଖାଦ୍ୟ ସୁରକ୍ଷା ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଂଚିତ ରହିଛନ୍ତି ଓ ସେମାନଙ୍କ ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ, ସେମାନଙ୍କ ପରିବାରର କେବଳ ଜଣେ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିବେ, ଯାହା ପରିବାରର ଅନ୍ୟ ମହିଳା ମାନଙ୍କ ପ୍ରତି ପ୍ରତାରଣା ସଦୃଶ୍ୟ ।ସେହିପରି, ଯେଉଁ ମହିଳା ମାନଙ୍କ ବୟସ ୫୭ ରୁ ୫୯ ବର୍ଷ ଭିତରେ ରହିଛି, ସେମାନେ ଏହି ଯୋଜନାରୁ ପୁରାମାତ୍ରାରେ ଲାଭ ପାଇପାରିବେ ନାହିଁ । ସୁଭଦ୍ରା ଯୋଜନା ମାଧ୍ୟମରେ ଗୋଲାପୀ ପ୍ରତିଶ୍ରୁତି ଦେଇ ମହିଳା ମାନଙ୍କ ଭୋଟ ହାସଲ କରି ସରକାରକୁ ଆସିବା ପରେ ରାଜ୍ୟର ଅଧିକାଂଶ ମହିଳାଙ୍କୁ ଏଥିରୁ ବଂଚିତ କରିବାକୁ ଯାଉଛି ବୋଲି ଏହାର ଏସଓପିରୁ ସ୍ପଷ୍ଟ ହେଉଛି। ମହିଳା ମାନେ ହେଲେ, ମା ଦୁର୍ଗା, ମା କାଳୀ ଓ ମା ସରସ୍ୱତୀର ରୂପ । ତେଣୁ ସେମାନେ ଏହାର ଉଚିତ ଜବାବ ଦେବେ । ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଏଥିରେ ସାମିଲ ନ କଲେ, ବିଜେଡି ରାଜରାସ୍ତାକୁ ଓହ୍ଲାଇବ ଓ ପ୍ରତ୍ୟେକ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ଶ୍ରୀମତୀ ଛୁରିଆ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର ଓ କସ୍ତୁରୀ ମହାପାତ୍ର ଉପସ୍ଥିତ ଥିଲେ ।

# ଭଦ୍ରକ-ବିଜୟନଗରମ ତୃତୀୟ ଲାଇନ ପ୍ରକଳ୍ପ ଅଧୀନରେ ନିର୍ମାଣ ପାଇଁ ଓଡିଶାର ପ୍ରମୁଖ ରେଳ ସେତୁ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରେଳ ମନ୍ତ୍ରଣାଳୟ ଗର୍ବର ସହିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଘୋଷଣା କରିଛି ଯାହା ପୂର୍ବ ଭାରତରେ ରେଳ ସଂଯୋଗ ବୃଦ୍ଧି ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି । ଭଦ୍ରକ-ବିଜୟନଗରମ ରେଳ ସେକ୍ସନ (୩୮୫ କିଲୋମିଟର) ମଧ୍ୟରେ ରଣନୀତିକ ତୃତୀୟ ଲାଇନ ବିସ୍ତାରର ଏକ ଅଂଶ ଭାବରେ ନିର୍ଗୁଣ୍ଡି ଏବଂ ବାରଙ୍ଗ ରେଳ ସେକ୍ସନ ମଧ୍ୟରେ ମହାନଦୀ, ବିରୁପା, କାଠଯୋଡ଼ି ଏବଂ କୁଆଖାଇ ନଦୀ ଉପରେ ଚାରିଟି ଗୁରୁତ୍ୱପୂର୍ଣ୍ଣ ରେଳ ବ୍ରିଜ ନିର୍ମାଣ ଆରମ୍ଭ ହେବାକୁ ଯାଉଛି । ନିର୍ଗୁଣ୍ଡି ଏବଂ ବାରଙ୍ଗ ମଧ୍ୟରେ ୨୨ କିଲୋମିଟର ଦୈର୍ଘ୍ୟ ରେଳ ସେକ୍ସନ ମଧ୍ୟରେ ୦୪ ଟି ଗୁରୁତ୍ୱପୂର୍ଣ୍ଣ ନଦୀ ସେତୁ ନିର୍ମାଣ ପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି । ଏହି ପ୍ରକଳ୍ପଟି ଏକ ଇପିସି (ଇଞ୍ଜିନିୟରିଂ, ପ୍ରୋକ୍ୟୁରିମେଣ୍ଟ, ଏବଂ କନଷ୍ଟ୍ରକସନ) ମୋଡରେ ଜଟିଳ ସେତୁ ନିର୍ମାଣ ସହିତ ଜଡ଼ିତ ରହିଛି ଯାହା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମ୍ପତ୍ତିକୁ ବିତରଣ କରିବା ପାଇଁ ସର୍ବୋତ୍ତମ ଇଞ୍ଜିନିୟରିଂ ଅଭ୍ୟାସ ଅନୁସରଣ କରାଯିବାକୁ ସୁନିଶ୍ଚିତ କରେ । ଏହି ପ୍ରକଳ୍ପ ଅଧୀନରେ ନିର୍ଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ନଦୀ ସେତୁଗୁଡ଼ିକ ହେଉଛି: ବ୍ରିଜ୍ ନମ୍ବର ୫୩୯: ବିରୁପା ନଦୀ, ବ୍ରିଜ୍ ନମ୍ବର ୫୪୪: ମହାନଦୀ ନଦୀ, ବ୍ରିଜ୍ ନମ୍ବର ୫୫୩: କାଠଯୋଡ଼ି ଏବଂ ବ୍ରିଜ୍ ନମ୍ବର ୫୫୭: କୁଆଖାଇ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ସେତୁ ନିର୍ମାଣ କରାଯିବ । ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ରେଳ ନଦୀ ବ୍ରିଜ୍ ନିର୍ମାଣ ପାଇଁ ଇପିସି



ଟେଣ୍ଡରର ଆନୁମାନିକ ମୂଲ୍ୟ ? ୯୯୬.୬୦ କୋଟି ଅଟେ ଯାହା ଏହି ଭିତ୍ତିଭୂମି ବିକାଶର ମାପ ଏବଂ ଗୁରୁତ୍ୱକୁ ପ୍ରତିଫଳିତ କରିଥାଏ । ମହାନଦୀ, ବିରୁପା, କାଠଯୋଡ଼ି ଏବଂ କୁଆଖାଇ ନଦୀ ଉପରେ ତୃତୀୟ ରେଳ ସେତୁ ନିର୍ମାଣ ଓଡିଶାର ପରିବହନ ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ । ବିଶେଷ କରି ମହାନଦି ରେଳ ବ୍ରିଜ୍ ଐତିହାସିକ ମହତ୍ତ୍ୱ ରଖେ । ୧୮୯୯ ରେ ସମାପ୍ତ ହୋଇଥିବା ପ୍ରଥମ ମହାନାଦୀ ରେଳ ବ୍ରିଜ୍ ଏହାର ସମୟର ଏକ ଇଞ୍ଜିନିୟରିଂ ଚମତ୍କାରିତା ଥିଲା ଏବଂ ପ୍ରତ୍ୟେକ ୩୦ ମିଟରର ୬୪ ସ୍ପାନ୍ ରହିଥିଲା । ୧୯୦୧ ମସିହାରେ ଇନଷ୍ଟିଚ୍ୟୁସନ୍ ଅଫ୍ ସିଭିଲ ଇଂଜିନିୟରିଂ ଠାରୁ ସ୍ୱର୍ଣ୍ଣ ପଦକ ପାଇଥିବା ଜଣେ ଇଂଜିନିୟର ୱିଲିୟମ୍ ବେକେଟଙ୍କ ତତ୍ତ୍ୱାବଧାନରେ ଡିଜାଇନ୍ ହୋଇଥିବା ଏହି ସେତୁ, ଭାରତର ରେଳ ଇତିହାସରେ ଏକ ପ୍ରତୀକ ଗଠନ ଅଟେ । ୨୦୦୮ ରେ କାର୍ଯ୍ୟକ୍ଷମ ହୋଇଥିବା ଦ୍ୱିତୀୟ ମହାନାଦୀ ରେଳ ବ୍ରିଜ୍ ୧୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ୨.୧ କିଲୋମିଟର (୧.୩ ମାଇଲ୍) ଦୈର୍ଘ୍ୟ ଏହି ବ୍ରିଜ୍ ଘଣ୍ଟା ପ୍ରତି ୧୬୦ କିଲୋମିଟର ବେଗରେ ଯାତ୍ରା କରୁଥିବା ଟ୍ରେନ୍ଗୁଡ଼ିକର ଚଳାଚଳ ପାଇଁ ଏହି ଡିଜାଇନ୍ କରାଯାଇଛି ଏବଂ ଏହା ମଧ୍ୟ ଭୂକମ୍ପ କାର୍ଯ୍ୟକଳାପକୁ ପ୍ରତିହତ କରିପାରିବ । ନୂତନ ମହାନଦୀ ରେଳ ବ୍ରିଜ୍ ସହିତ ବିରୁପା, କାଠଜୋଡି ଏବଂ କୁଆଖାଇ ନଦୀ ଉପରେ ଥିବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନଦୀ ବ୍ରିଜ୍ ଗୁଡିକ ତୃତୀୟ ଲାଇନ ପ୍ରକଳ୍ପର ଅଂଶ ଯାହା ଇଞ୍ଜିନିୟରିଂ ଉତ୍କର୍ଷର ଏହି ପଦମର୍ଯ୍ୟାଦା ଜାରି ରଖିବ । ଏହା କେବଳ ରେଳ ନେଟୱର୍କର କ୍ଷମତା ଏବଂ ବିଶ୍ୱସନୀୟତା ବୃଦ୍ଧି କରିବ ନାହିଁ ବରଂ ଏହି ଗୁରୁତ୍ୱପୂର୍ଣ୍ଣ ରେଳ ବିଭାଗରେ ସୁରକ୍ଷିତ ଏବଂ ଦକ୍ଷ ପରିବହନ ଯାତ୍ରାକୁ ସୁନିଶ୍ଚିତ କରିବ ।ଏହି ପ୍ରକଳ୍ପ ଓଡ଼ିଶାର ତଥା ଅନ୍ୟାନ୍ୟ ପ୍ରମୁଖ ଶିଳ୍ପ ଏବଂ ବାଣିଜ୍ୟିକ ହବ୍ ମଧ୍ୟରେ ସଂଯୋଗକୁ ଉନ୍ନତ କରି ଅଂଚଳର ଅର୍ଥନୀତିକୁ ବୃଦ୍ଧି କରିବା ସହିତ ଟ୍ରେନ୍ ଟ୍ରାଫିକ୍ କ୍ଷମତା ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।ଅତିରିକ୍ତ ଲାଇନ ବର୍ତ୍ତମାନର ରେଳ ମାର୍ଗ ଗୁଡ଼ିକରେ ଯାତାୟାତକୁ ହ୍ରାସ କରିବ, ଯାତ୍ରା ସମୟ ହ୍ରାସ କରିବ ଏବଂ ପଣ୍ୟ ପରିବହନ ଏବଂ ଯାତ୍ରୀ ପରିବହନର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବ । ଏହି ଗୁରୁତ୍ୱପୂର୍ଣ୍ଣ ରେଳ ସେତୁ ନିର୍ମାଣ ଭାରତର ଭିତ୍ତିଭୂମି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିପାଦିତ କରୁଛି ଯାହା ଏକ ଦୃଷ୍ଟାନ୍ତ ତଥା ଆଧୁନିକ ରେଳ ନେଟୱର୍କ ଗଠନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି। ଏହି ସେତୁଗୁଡ଼ିକ ଇଞ୍ଜିନିୟରିଂ ନବସୃଜନର ଚିରସ୍ଥାୟୀ ଆତ୍ମା ଏବଂ ଅଗ୍ରଗତିର ନିରନ୍ତର ଅନୁସରଣର ପ୍ରମାଣ ଭାବରେ ମଧ୍ୟ ଛିଡା ହେବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆୟୁଷ୍ମାନ ଯୋଜନା...

କହିଥିଲେ ମୋହନ ସରକାର ହେଉଛନ୍ତି ଗେମ୍ ଚେଞ୍ଜର ସରକାର। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ରୋଗୀମାନେ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ନପାଇ ହନ୍ତସନ୍ତ ହେଉଥିବା ଅଭିଯୋଗର ଜବାବ ଦେଇ ସେ କହିଥିଲେ ୨୦୨୩ ଜୁଲାଇ ସୁଦ୍ଧା ରାଜ୍ୟରେ ଏକ ଲକ୍ଷ ୧୬ ହଜାର ୪୮ ଜଣ ରୋଗୀ ଏହି ସେବା ପାଉଥିବା ବେଳେ ୨୦୨୪ ଜୁଲାଇ ସୁଦ୍ଧା ସେବା ପାଇଥିବା ରୋଗୀଙ୍କ ସଂଖ୍ୟା ୧ ଲକ୍ଷ ୬୫ ହଜାର ୧୨୪ଜଣ ବୋଲି କହିଥିଲେ। ଏଥିରେ କୋଉ ହିସାବରେ ରୋଗୀ ହନ୍ତସନ୍ତ ହେଲେ ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଆୟୁଷ୍ମାନ ଯୋଜନା କେବଳ ଓଡ଼ିଶା, ପଶ୍ଚିମବଙ୍ଗ ଓ ଦିଲ୍ଲୀକୁ ଛାଡିଦେଲେ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଲାଗୁ କରାଯାଇଛି। ଓଡ଼ିଶାରେ ଲାଗୁ କରାନଯିବାର କାରଣ ହେଲା ଏଠାରେ ମୋଦି କ୍ରେଜ୍ ବଢିଯିବ ଆମକୁ କେହି ଭୋଟ୍ ଦେବେ ନାହିଁ ବୋଲି ବିଗତ ସରକାର ଧାରଣା କରି ଏହାକୁ ରାଜ୍ୟରେ ଲାଗୁ କରିନଥିଲେ ବୋଲି ସେ କହିଥିଲେ। ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ଆୟୁଷ୍ମାନ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ କରୁଛୁ ଏବଂ ଏହାକୁ ଓଡ଼ିଶାବାସୀଙ୍କ ପାଇଁ ସମର୍ପଣ କରୁଛୁ ବୋଲି କହିଥିଲେ। ଏହି ଯୋଜନାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ଭାର ବହନ କରିବେ। ଏହାଦ୍ୱାରା ପାଖାପାଖି ଦେଶର ୨୭ ହଜାର ହେଲ୍ଥ କେୟାର ଇନଷ୍ଟିଚ୍ୟୁସନରେ ଓଡ଼ିଶାର ରୋଗୀ ଚିକିତ୍ସା ସେବା ପାଇବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ଆୟୁଷ୍ମାନ ଯୋଜନା ସହିତ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ ଅନ୍ତିମ ଧାଡିରେ ଥିବା ରୋଗୀକୁ ସ୍ୱାସ୍ଥ୍ୟସେବା ପହଞ୍ଚାଯାଇପାରିବ। ଏସ୍ସିବିକୁ ବିଶ୍ୱସ୍ତରୀୟ କରିବା ପାଇଁ ୨୪ବର୍ଷ ଅବହେଳା କରିବା ପରେ ବିଗତ ସରକାରଙ୍କ ମନେ ପଡିଲା। ଗତ ବଜେଟ୍ରେ ଏଥିପାଇଁ ୧୨୬ କୋଟି ଟଙ୍କା ବରାଦ କରିଥିବା ବେଳେ ଆମ ସରକାର ୧୪୫ କୋଟି ଟଙ୍କାକୁ ବଢାଇଛନ୍ତି। ରାଜ୍ୟରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ସହ ତାହାର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ଅନୁସାରେ ପଦକ୍ଷେପ ନିଆଯାଉଛି। ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲାଯିବା ପଦକ୍ଷେପ ନିଆଯାଇଛି। ଖୁବ୍ଶୀଘ୍ର ଯାଜପୁର ଜିଲ୍ଲାରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ସୁନ୍ଦରଗଡରେ ଏନ୍ଟିପିସି ଦ୍ୱାରା, କେନ୍ଦୁଝରରେ ଡିଏମ୍ଏଫ୍ ଅର୍ଥରେ ମେଡିକାଲ୍ କଲେଜ ପ୍ରତିଷ୍ଠା ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ୧୯୬୨ରୁ ୨୦୧୭ ପର୍ଯ୍ୟନ୍ତ ଦୀର୍ଘ ୫୫ବର୍ଷରେ ଓଡ଼ିଶାରେ ଥିବା ଶାସନ ସ୍ୱାସ୍ଥ୍ୟସେବା ପ୍ରତି ଅବହେଳା କରିଥିବା ଯୋଗୁ ରାଜ୍ୟରେ ଆଜି ଡାକ୍ତର, ଫର୍ମାସିଷ୍ଟ, ପାରାମେଡିକାଲ୍ ଷ୍ଟାଫ୍ ଆଦି କ୍ଷେତ୍ରରେ ଅଭାବ ରହିଥିବା ସ୍ୱୀକାର କରି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟସେବାରେ ଡାକ୍ତର ଓ ପାରାମେଡିକାଲ୍ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଠିକଣା ଭାବେ ଉନ୍ନତମାନର ଔଷଧ ଏବଂ ଯନ୍ତ୍ରପାତି ଡାକ୍ତରଖାନାମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନରେ ରୋଗୀମାନଙ୍କ ପାଇଁ ବିଭିନ୍ନ ଦୁରାରୋଗ୍ୟର ଚିକିତ୍ସା ବ୍ୟବସ୍ଥା କରାଯାଉଛି। କିଡ୍ନୀ ରୋଗୀଙ୍କ ପାଇଁ ୫୫ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଡାଇଲେସିସ୍ ଚିକିତ୍ସା ବ୍ୟବସ୍ଥା, ନିରାମୟ ଯୋଜନାରେ ମାଗଣା ଔଷଧ ଯୋଗାଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ସେହିପରି ୧୦୮ ଆମ୍ବୁଲାନ୍ସ ସେବାରେ ଆଉ ୧୦୦ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବା ସହ ରୋଗୀଙ୍କ ପାଖରେ ୨୦ ମିନିଟ୍ ଭିତରେ ଏହା ପହଞ୍ଚାଇବାକୁ ପଦକ୍ଷେପ ନିଆଯାଇଛି। ଆଗାମୀ ପାଞ୍ଚ ବର୍ଷରେ ଏହି ଆମ୍ବୁଲାନ୍ସ ସେବାକୁ ଆହୁରି ଦ୍ରୁତତର କରାଯିବ। କର୍କଟ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଯୋଗୁ ଏଥିପାଇଁ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶା କର୍ମୀମାନଙ୍କ ଅବଦାନ ଉଲ୍ଲେଖନୀୟ ରହୁଥିବା ଯୋଗୁ ସେମାନଙ୍କ ପାଇଁ ଅଧିକ ସୁବିଧା ପ୍ରତି ଧ୍ୟାନ ଦିଆଯିବ। ରାସ୍ତା ଦୁର୍ଘଟଣାରେ ଶିକାର ହେଉଥିବା ଲୋକମାନଙ୍କ ପାଇଁ ଟ୍ରମା ସେଣ୍ଟରଗୁଡିକରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା କରାଯିବ। ସେହିପରି ନୂତନ ମେଡିକାଲ କଲେଜ ସହିତ ନୂଆ ନର୍ସିଂ କଲେଜକୁ ସଂଯୋଗ କରାଯିବାର ବ୍ୟବସ୍ଥା ହେଉଛି। ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କେନ୍ଦୁଝର, ଯାଜପୁର ଓ ବଲାଙ୍ଗୀର ଆଦି ଜିଲ୍ଲାମାନଙ୍କରେ ଖାଲିପଡିଥିବା ନର୍ସିଂ ଷ୍ଟାଫ୍ ପଦବୀ ପୂରଣ କରାଯିବ। ଟେଲି ମେଡିସିନ୍ ମାଧ୍ୟମରେ ଚିକିତ୍ସା ବ୍ୟବସ୍ଥା କରାଯିବ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଆଗାମୀ ଦୁଇ ବର୍ଷରେ ସାରା ରାଜ୍ୟରେ କାମ କରିବ ଯେଉଁଠାରେ ରୋଗୀମାନଙ୍କୁ ତୁରନ୍ତ ଉପଶମ କରିବା ପାଇଁ ବିଭିନ୍ନ ପ୍ରକାର ଚିକିତ୍ସା ବ୍ୟବସ୍ଥା ସହିତ ଯୋଗଶିକ୍ଷାର ବ୍ୟବସ୍ଥା ରହିବ। ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପାଇଁ ୫୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଓଡ଼ିଆ ଅସ୍ମିତା ବହନ କରୁଥିବା ରାଜ୍ୟ ସରକାର ମେଡିକାଲ୍ ଶିକ୍ଷା (ଏମ୍ବିବିଏସ୍) ଓଡ଼ିଆ ଭାଷାରେ ପ୍ରଚଳନ କରିବା ଏବଂ ଏଥିପାଇଁ ବହି ପ୍ରକାଶନ କରିବା ନିମନ୍ତେ ମଧ୍ୟ ପଦକ୍ଷେପ ନେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀ ମଧ୍ୟରୁ ୫୬୦୦ ପଦବୀ ଖାଲି ରହିଛି। ତେବେ ୩ ହଜାର ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍, ୫୦୦ ନର୍ସିଂ ଷ୍ଟାଫ୍ ନିଯୁକ୍ତି ପାଇଁ ବଜେଟ୍ରେ ଅର୍ଥ ବ୍ୟବସ୍ଥା କରାଯାଇଛି। ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ସରକାର ୧୦୦ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ କରିଛନ୍ତି। ସେହିପରି ରାଜ୍ୟରେ ସ୍ତନ୍ୟପାନ ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯିବ ଯେଉଁଠାରେ ମା' କ୍ଷୀରକୁ ପମ୍ପିଂ କରି ୧୮ଡିଗ୍ରୀ ତାପମାତ୍ରାରେ ବଟଲିଂ କରିବାକୁ ପଦକ୍ଷେପ ନିଆଯାଉଛି, ଯାହାକି ଶିଶୁମାନଙ୍କ ପାଇଁ ନିହାତି ଜରୁରୀ। ଶିଶୁମାନଙ୍କ ପାଇଁ ମା କ୍ଷୀର ସବୁଠାରୁ ମୂଲ୍ୟବାନ ହୋଇଥିବାରୁ ଏବଂ ଏହା ଦ୍ୱାରା ଶିଶୁର ବିକାଶ ସହିତ ବୌଦ୍ଧିକ ଚେତନା, ଚରିତ୍ର ଓ ସମାଜ ପ୍ରତି ପ୍ରତିବଦ୍ଧତା ବଢିଥାଏ। ସମ୍ବଲପୁରଠାରେ ଦ୍ୱିତୀୟ ଏଆଇଆଇଏମ୍ଏସ୍ର ପ୍ରତିଷ୍ଠା ପାଇଁ ଆମ ସରକାର ପଦକ୍ଷେପ ନେଉଛନ୍ତି ଏବଂ ଖୁବ୍ଶୀଘ୍ର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିବା ସହ କର୍ତ୍ତବ୍ୟରତ ଡାକ୍ତରମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି ଏବଂ ଏଥିପାଇଁ ରାଜ୍ୟର ସବୁ ମେଡିକାଲ୍ କଲେଜ କ୍ୟାମ୍ପସ୍ରେ ଗୋଟିଏ ଲେଖାଏଁ ପୋଲିସ୍ ଆଉଟ୍ ପୋଷ୍ଟ ଖୋଲିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ପରେ ଖର୍ଚ୍ଚ ଦାବି ବାଚନିକ ଭୋଟ୍ରେ ଗୃହୀତ ହୋଇଥିଲା।

## ସବୁ ମହିଳାଙ୍କୁ ...

କହିଥିଲେ ସୁଭଦ୍ରା ଯୋଜନା ସମ୍ପର୍କରେ ମୁଲତବୀ ପ୍ରସ୍ତାବ ଆଲୋଚନା ରହିଛି। ତେଣୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଶୃଙ୍ଖଳା ରକ୍ଷା କରାଯିବା ବିଧେୟ। ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ ବିରୋଧୀ ଦଳର ବିଧାୟକମାନେ ଗୃହ ମଝିରେ ସେମାନଙ୍କ ହଟ୍ଟଗୋଳ, ନାରାବାଜି ଜାରି ରଖିବାରୁ ବାଚସ୍ପତି ୧୧.୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ। ଏହା ପରେ ମଧ୍ୟ ଗୃହରେ ଅନୁରୂପ ପରିସ୍ଥିତି ଲାଗି ରହିଥିଲା। ପରବର୍ତ୍ତୀ ସମୟରେ ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ ଗୃହ ପରିଚାଳନା ପାଇଁ ଆସିଥିଲେ ମଧ୍ୟ ବିରୋଧୀ ଦଳର ହଟ୍ଟଗୋଳ ଯୋଗୁ ଗୃହ ଚଳାଇ ନପାରି ୧୨.୫ ପର୍ଯ୍ୟନ୍ତ, ତା'ପରେ ୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ କରିଥିଲେ। ଶେଷରେ ବାଚସ୍ପତି ଦିବା ୧ଟା ସମୟରେ ଗୃହ ପରିଚାଳନା ପାଇଁ ଆସିଥିଲେ ମଧ୍ୟ ବିରୋଧୀ ଦଳ ସେମାନଙ୍କ ନାରାବାଜି ଜାରି ରଖିଥିବା ଯୋଗୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିବାକୁ ବାଧ୍ୟ ହୋଇଥିଲେ।

## ସୁଭଦ୍ରା ପୋର୍ଟାଲ ...

ପୋର୍ଟାଲ ଉନ୍ମୋଚିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୁଭଦ୍ରା ପୋର୍ଟାଲ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି ଯେ ଏଣିକି ସୁଭଦ୍ରା ପୋର୍ଟାଲ ଉପଲବ୍ଧ ହେବ। ସୁଭଦ୍ରାର ସମସ୍ତ ସୂଚନା ମହିଳାମାନେ ପୋର୍ଟାଲରୁ ଜାଣିପାରିବେ । କୌଣସି ପ୍ରକାର ସଂଶୟ ଥିଲେ, ପୋର୍ଟାଲରୁ ଜାଣିପାରିବେ। ସୁଭଦ୍ରା ପୋର୍ଟାଲ- subhadra.odisha.gov.in ଫର୍ମ ବଣ୍ଟନ ଆରମ୍ଭ ହୋଇଛି । ୪ ତାରିଖରୁ ଫର୍ମ ସଂଗ୍ରହ ଆରମ୍ଭ ହେବ। ଆବେଦନକାରୀ ଫର୍ମ ପୂରଣ କରି ଆଧାର କାର୍ଡ ନକଲ ସହ ଦାଖଲ କରିବେ । ସେମାନେ ମୋ ସେବା କେନ୍ଦ୍ର ବା ଜନସେବା କେନ୍ଦ୍ରରେ ଏହି ଫର୍ମ ଦାଖଲ କରି ପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ରାକ୍ଷୀ ପୂର୍ଣ୍ଣିମାରେ ମିଳିବାକୁ ଥିବା କିସ୍ତି ୧୭ରୁ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶୁଭାରମ୍ଭ କରିବେ। ସବୁ ଯୋଗ୍ୟ ମହିଳାଙ୍କୁ ମିଳିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଫର୍ମ ବଣ୍ଟନ ଓ ଦାଖଲ ସଂପୂର୍ଣ୍ଣ ମାଗଣାରେ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

## କୃଷକଙ୍କ ପାଇଁ ...

ଖାଦ୍ୟ ଓ ପୋଷଣ ନିରାପତ୍ତା ସହ ଜଡ଼ିତ। ୨୦୪୭ ପାଇଁ ଜଳବାୟୁ ସହନଶୀଳ ଫସଲ ବିଜ୍ଞାନ ଏବଂ ଖାଦ୍ୟ ନିରାପତ୍ତା ଏବଂ ପୋଷଣ ନିରାପତ୍ତା ପାଇଁ ଆମେ ଆମର କୃଷକ, ଆମର କୃଷି ସମୁଦାୟକୁ କିପରି ପ୍ରସ୍ତୁତ କରିପାରିବା ଏହାକୁ ଦୃଷ୍ଟିରେ ରଖି ୩୯୭୯ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ପାଇଁ ୬ଟି ସ୍ତମ୍ଭ ସ୍ଥାପନ କରାଯାଇଛି । ସେହିପରି ଗୁଜରାଟର ସାନନ୍ଦଠାରେ ସେମିକଣ୍ଡକ୍ଟର ୟୁନିଟ ସ୍ଥାପନ ପାଇଁ କଣାସ ସେମିକନ ପ୍ରାଇଭେଟ ଲିମିଟେଡର ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି । ପ୍ରସ୍ତାବିତ ୟୁନିଟ ୩,୩୦୦ କୋଟି ଟଙ୍କା ବିନିଯୋଗରେ ପ୍ରତିଷ୍ଠା ହେବ। ଏହି ୟୁନିଟର କ୍ଷମତା ଦୈନିକ ୬୦ ଲକ୍ଷ ଚିପ୍ସ ରହିବ। ୩୦୯ କିଲୋମିଟର ଲମ୍ବର ନୂଆ ଲାଇନ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଦୁଇ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ମୁମ୍ବାଇ ଏବଂ ଇନ୍ଦୋର ମଧ୍ୟରେ ସର୍ବନିମ୍ନ ରେଳ ସଂଯୋଗ ପ୍ରଦାନ କରିବାକୁ ଏହି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି।

# ପଦ୍ମଶ୍ରୀ ରଜତ କୁମାର କରଙ୍କ ୯୧ ତମ ଜୟନ୍ତୀ ସମାରୋହ

## ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ସଚେତନତା ପ୍ରସାର କରିବାରେ ରଜତ୍ କରଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଦ୍ମଶ୍ରୀ ରଜତ କୁମାର କର ଏକାଧାରାରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର, କବି ଓ ଅଭିନେତା ଥିବା ବେଳେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାରେ ୧୯୫୯ରୁ ୬୨ ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଏକ ଅନନ୍ୟ ସେବକ ଭାବେ ସ୍ଥାପିତ କରି ପାରି ଥିଲେ । ଗଣମାଧ୍ୟମ ମାଧ୍ୟମରେ ସମାଜରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନା ଜାଗରଣରେ ତାଙ୍କର ଅବଦାନ କାଳଜୟୀ ଏବଂ ବେତାର ଯୁଗରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ ଯୁଗ ପର୍ଯ୍ୟନ୍ତ ସେ ଥିଲେ ଓଡ଼ିଆ ଅସ୍ମିତାର ଅନନ୍ୟ ବାର୍ତ୍ତାବହ ବୋଲି ସମ୍ମାନିତ ଅତିଥି ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ । ସ୍ଥାନୀୟ ୟୁନିଟ ୩ସ୍ଥିତ ବୁଦ୍ଧ ମନ୍ଦିର ସଭା କକ୍ଷରେ କଳିଙ୍ଗ ଭାରତୀ ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଓ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ଶ୍ରୀ କରଙ୍କ ୯୧ତମ ଜୟନ୍ତୀ ସମାରୋହରେ ଡାକ୍ତର ନନ୍ଦ ରଜତ କରଙ୍କ ସହ ତାଙ୍କର ୭୦ ବର୍ଷର ସାହିତ୍ୟ ଯାତ୍ରା ବିଷୟରେ କହିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଶ୍ରୀ ରଜତ କୁମାର କରଙ୍କ ଖବରକାଗଜ ଓ ଟିଭିରେ ବିଭିନ୍ନ




ଗୁଣାତ୍ମକ ଆଲୋଚନା ସବୁକୁ ସ୍ମରଣ କରି ତାଙ୍କ ଭଳି ବ୍ୟକ୍ତି ଯୋଗଜନ୍ମା ବୋଲି କହିଥିଲେ। ପାଲା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ପାଲାକଳାର ସଂରକ୍ଷଣ କରିବାରେ ପ୍ରାର୍ଥନା ଚ୍ୟାନେଲ ର 'ବାଦୀ ପାଲା' ମଞ୍ଚର ପରିଚାଳନା ଓ ପରିକଳ୍ପନାରେ ପଦ୍ମଶ୍ରୀ କରଙ୍କ ଭୂମିକା ଲାଗି ଜାତି ତାଙ୍କ ପାଖରେ ସଦା ଋଣୀ ରହିବ ବୋଲି ସମ୍ମାନିତ ବକ୍ତା ଓଟିଭିର ସୃଜନଶୀଳ ପ୍ରମୁଖ ରଞ୍ଜନ କୁମାର ଶତପଥି କହିଥିବା ବେଳେ ପଦ୍ମଶ୍ରୀ ରଜତ କୁମାର କର ରଥଯାତ୍ରା ଧାରାବିବରଣୀ ଦେଲା ବେଳେ ତାଙ୍କ ଭିତରେ ଐଶ୍ୱରିକ ସତ୍ତାର ଅନୁଭୂତି ହେଉଥିବା କଥା ସ୍ମରଣ କରି ଅନ୍ୟତମ ସମ୍ମାନିତ ବକ୍ତା ନ୍ୟୁଜ-୭ ର ସାମ୍ପ୍ରତିକ କାର୍ଯ୍ୟମୁଖ୍ୟ ବିଜୟ କୁମାର ମହାନ୍ତି ତାଙ୍କୁ ଜଣେ ଅସାଧାରଣ ବାଗ୍ମୀ ବୋଲି କହିଛନ୍ତି। ଅନ୍ୟତମ ବକ୍ତା ଆକାଶବାଣୀ କଟକର ପୂର୍ବତନ ସହ-ନିର୍ଦ୍ଦେଶକ ସୁଜିତ କୁମାର ଦାସ ପ୍ରଫେସର କରଙ୍କ ବେତାରରେ ପ୍ରସାରିତ ନାଟକ, ଅନୁଚିନ୍ତା, ବୈଦେହୀଶ ବିଳାସ, ଧାରାବାହିକ, ରଥ ସମୟର ଆଲୋଚନା ଆଦିକୁ ସ୍ମରଣ କରି ତାଙ୍କ ଅନୁପସ୍ଥିତରେ ଜାତି ଜଣେ ଚିନ୍ତାନାୟକଙ୍କୁ ହରେଇଛି ବୋଲି କହିଥିଲେ। ସ୍ମୃତି ସଂସଦ ତରଫରୁ ଡାକ୍ତର ଅଂଶୁମାନ କର ପଦ୍ମଶ୍ରୀ କରଙ୍କ କାଳଜୟୀ ଟିଭି କାର୍ଯ୍ୟକ୍ରମମାନଙ୍କ ବିଷୟରେ କହି ଏହି କାର୍ଯ୍ୟକ୍ରମମାନଙ୍କ ପୁନଃ ପ୍ରସାରଣ ଦ୍ୱାରା ଶ୍ରୀ କରଙ୍କ ସ୍ମୃତି ଅମର ରହିବ ବୋଲି କହିଥିଲେ। ଇଂ ରଣଜିତ କର ଅତିଥି ପରିଚୟ ଦେଇ ଥିବା ବେଳେ ଅଧ୍ୟାପକ ଡ଼.ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ପାଲାଗାୟକ ସୁଦର୍ଶନ ମହାପାତ୍ର ବେଦ ପାଠ କରିଥିଲେ। ଆକାଶବାଣୀର ବିଶିଷ୍ଟ କଳାକାର ପ୍ରଫୁଲ୍ଲ କୁମାର ପାଢ଼ୀ 'ଏକତରା' ରେ ରଜତ କରଙ୍କ ଜଣାଣ ପରିବେଷଣ କରିଥିବା ବେଳେ ବାବୁଲି ନାଥ ପାରମ୍ପରିକ ଶୈଳୀରେ କେନ୍ଦେରା ବାଦନରେ ଜଣାଣ ପରିବେଷଣ କରିଥିଲେ ଓ ସୁବୋଧ କାନୁନଗୋ କବିତା ପାଠ କରିଥିଲେ। ଶିକ୍ଷା, ସାହିତ୍ୟ, ସଂଗୀତ ଓ ସୃଜନରେ ପରିପୂର୍ଣ୍ଣ ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ବହୁମୁଖୀ ପ୍ରତିଭା ବିଷୟରେ ସଭାରେ ଉପସ୍ଥିତ ଅନେକ ବିଶିଷ୍ଟ ପାଲାଗାୟକ, ସମ୍ପାଦକ ଓ ସାହିତ୍ୟିକମାନେ ଆଲୋଚନା କରିଥିଲେ। ସାଗରିକା ପ୍ରହରାଜ ସଭା ପରିଚାଳନା କରିଥିବା ବେଳେ, ନିବେଦିତା କର, ଦେବସ୍ମିତା ମହାପାତ୍ର, ଆଦ୍ୟା, ଅଂଶୁମିତା ଓ ଶକ୍ତିସ୍ୱରୂପା, ଡାକ୍ତର ଉପେନ୍ଦ୍ର ନାୟକ, ପ୍ରଭାତ କୁମାର ନନ୍ଦ, ପୀତବାସ ରାଉତରାୟ, ଶ୍ରୀମତୀ ତପସ୍ୱିନୀ କର, ଅଶୋକ କୁମାର ଦାଶ, ଡାକ୍ତର ଦୀପକ ରାଜ, ଅମୂଲ୍ୟ କୁମାର ସ୍ୱାଇଁ, ପ୍ରଦୀପ କର, ଅନୁପ ମାର୍ଥା, ଆଦି ସ୍ମୃତି ସଂସଦର ସଭ୍ୟମାନେ ସହଯୋଗ କରିଥିବା ବେଳେ ବହୁ ବୁଦ୍ଧିଜୀବୀ ଓ ରଜତ ପ୍ରେମୀ ସାହିତ୍ୟାନୁରାଗୀ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ଖଣି ଅଧିକାରୀ ଓ ସିଡିପିଓ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଖଣି ଅଧିକାରୀଙ୍କ ଘରେ ପଶିଲା ଭିଜିଲାନ୍ସ । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଳଚେର ଖଣି ଅଧିକାରୀ ତଥା ଡେପୁଟି ଡାଇରେକ୍ଟର ଧରଣୀଧର ନାୟକଙ୍କ ସମ୍ପତ୍ତି ନେଇ ଚାଲିଛି ସର୍ଚ୍ଚ ଅପରେସନ । ଏକକାଳୀନ ୮ଟି ସ୍ଥାନରେ ଚଢଉ ଚାଲିଥିବା ବେଳେ ଭିଜିଲାନ୍ସ ପାଇଛି କୋଠାର ଗୋଟିଏ ପରେ ଗୋଟିଏ ସୂରାକ । ଅନୁଗୋଳ ଜିଲ୍ଲା ତାଳଚେରରେ କାର୍ଯ୍ୟରତ ଡେପୁଟି ଡ଼ାଇରେକ୍ଟର ମାଇନ୍ସଙ୍କ ଅଫିସ ଓ ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ଉ ହୋଇଛି। ଏକକାଳୀନ ୯ ସ୍ଥାନରେ ଚଢ଼ଉ ଜାରି ରଖିଛି ବିଭାଗ। ସୋମବାର ଅନୁଗୋଳର ତାଳଚେର ସ୍ଥିତ ଖଣି ଉପ ନିର୍ଦ୍ଦେଶକ ଅଫିସ, ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ଉ ଜାରି ରଖିଛି । ଅନୁଗୋଳ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ ଏହି ଯାଞ୍ଚ ଜାରି ରଖିଛି । ଧରଣୀଧରଙ୍କ ତାଳଚେର ଅଫିସ ଓ ସରକାରୀ ବାସଭବନ, ସମେତ ତେଲକୋଇ ଥାନା ଛାମୁଣ୍ଡା ଗାଁରେ ଥିବା ପୈତୃକ ଘର, ଭୁବନେଶ୍ୱର ଘର, ସିଂକୁଳବାହାଲରେ ଥିବା ମାର୍କେଟ କଂପ୍ଲେକ୍ସ ଓ କେନ୍ଦୁଝରେ ପଣ୍ଡାପଡ଼ା ଥାନା ପୁରମୁଣ୍ଡାରେ ଥିବା ଶଶୁର ଘରେ ଏକକାଳୀନ ଚଢଉ ଚାଲିଛି ।



ଭୁବନେଶ୍ୱର ପଟିଆ ଶିଶୁ ବିହାରରେ ଥିବା ଅର୍କିଡ ଆପାର୍ଟମେଣ୍ଟରର ଫ୍ଲାଟ ନମ୍ବର ୨୦୫ରେ ଜାରି ରହିଛି ରେଡ୍। ଯେଉଁଠି ସେ ଆପାର୍ଟମେଣ୍ଟରରେ ରହୁଥିଲେ । ସେହିପରି କେନ୍ଦୁଝର ତେଲକୋଇରେ ଦୁଇ ମହଲା କମର୍ସିଆଲ ମାର୍କେଟ କମ୍ପ୍ଲେକ୍ସ ଠାବ ହୋଇଛି । ଯେଉଁଠି ଉପରେ ୯ଟି ଦୋକାନ ବିଶିଷ୍ଟ ଓ ତଳେ ୬ ଦୋକାନ ବିଶିଷ୍ଟ କମ୍ପ୍ଲେକ୍ସ ଠାବ କରାଯାଇଛି । ସେହିପରି ଜଗମୋହନପୁରରେ ଥିବା ପୈତୃକ ଘର ମଧ୍ୟ ଠାବ ହୋଇଛି । ତା'ସହିତ ଏକ ଅର୍ଦ୍ଧନିର୍ମିତ ଦୁଇ ମହଲା କୋଠାର ମଧ୍ୟ ଠାବ ହୋଇଛି ତେଲକୋଇରେ । ତେବେ ଏନେଇ ବାବୁଙ୍କ ଗହଣା ଟଙ୍କା ଓ ଗାଡ଼ିର ମଧ୍ୟ ହିସାବ ନିକାଶ ଚାଲିଛି । ଖଣି ବିଭାଗ ଅଧିକାରୀ ଭାବେ ସେ କାର୍ଯ୍ୟରତ ଥିଲେ। ସେହିପରି ଲାଞ୍ଚ ନେଇ କୁତ୍ରା ସିଡିପିଓ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। କୁତ୍ରା ସିଡିପିଓ ଜୟଶ୍ରୀ ପଟ୍ଟନାୟକ ଅଙ୍ଗନବାଡି କର୍ମୀଙ୍କଠାରୁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା ।

ଭୁବନେଶ୍ୱର
୩ ସେପ୍ଟେମ୍ବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ସରକାରଙ୍କ ନିର୍ଦ୍ଦେଶ

## ୪ ବର୍ଷରେ ରାଜ୍ୟକୁ ଆସିଛନ୍ତି ୩୭୪୦ ବାଂଲାଦେଶୀ

**ଭୁବନେଶ୍ୱର, ୨/୯ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମଙ୍ଗଳବାର ବିଧାନସଭାରେ ବିଧାୟକ ଭାସ୍କର ମଢେଇଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତହସିଲ,ବ୍ଲକ, ଥାନା ସ୍ତରରେ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଭୁବନେଶ୍ୱର, କେନ୍ଦ୍ରାପଡା ଓ ପୁରୀରେ ଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ବିରୋଧି କହିଲେ ଚିହ୍ନଟ ନାଁରେ ଲୋକଙ୍କୁ ହଇରାଣ କରାନଯାଉ । ପ୍ରାପ୍ତ ସୂଚନା ଅନୁଯାୟୀ, ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ସମୁଦାୟ ୩୭୪୦ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ବିଭିନ୍ନ ଜିଲ୍ଲା ଯଥା – ବରଗଡ-୨, ଭଦ୍ରକ-୧୯୯, କେନ୍ଦ୍ରାପଡ଼ା-୧୬୪୯, ଭୁବନେଶ୍ୱର-୧୭, ଜଗତସିଂପୁର-୧୧୧୨. ମାଲକାନଗିରି-୬୫୫ ଓ ନବରଙ୍ଗପୁର ଜିଲ୍ଲାରେ ୧୦୬ ଜଣ ବସବାସ କରୁଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି । ବିଜେଡି ବିଧାୟିକା ସୁବାସିନୀ ଜେନା କହିଛନ୍ତି ,'ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ସରକାରଙ୍କ ନିର୍ଦ୍ଦେଶକୁ ଆମେ ସ୍ୱାଗତ କରୁଛୁ । କିନ୍ତୁ ଚିହ୍ନଟ ନାଁରେ ଲୋକଙ୍କୁ ହଇରାଣ କରାନଯାଉ। କାରଣ ପଶ୍ଚିମବଙ୍ଗରୁ ଅନେକ ଲୋକ ଆସି ବସବାସ କରୁଛନ୍ତି। ତାଙ୍କୁ ହଇରାଣ ଓ ମାରପିଟ କରା ନଯାଉ।' ଏନେଇ ବିଜେପି ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କହିଛନ୍ତି, 'ନିଶ୍ଚିତ ଭାବରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ କରାଯିବ। ଯେଉଁମାନେ ଶରଣାର୍ଥୀ ସେମାନେ ଦୀର୍ଘଦିନ ହେଲା ରହିଛନ୍ତି, ସରକାର ତାଙ୍କୁ ସମସ୍ତ ସୁବିଧା ସୁଯୋଗ ଦେଇଛନ୍ତି। ସେମାନଙ୍କର କିଛି ଅସୁବିଧା ହେବ ନାହିଁ । ସେପଟେ କଂଗ୍ରେସ ଦଳର ମୁଖ୍ୟ ସଚେତକ କହିଲେ ଏନେଇ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍। ଆଇନର ପରିସର ଭିତରେ ସବୁ ହେବା ଦରକାର । ବାଂଲାଦେଶରେ ସଂରକ୍ଷଣକୁ ନେଇ ଚାଲିଥିବା ଆନ୍ଦୋଳନ ହିଂସାର ରୂପ ଧାରଣ କରିଥିଲା । ହିଂସା ଏତେ ମାତ୍ରାରେ ବଢି ଯାଇଥିଲା ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କୁ ଇସ୍ତଫା ଦେଇ ଦେଶ ଛାଡିବାକୁ ପଡିଥିଲା । ନୂଆ ସରକାର ଦାୟିତ୍ୱ ନେବା ପରେ ବି ଥମିନଥିଲା ହିଂସା । ହିନ୍ଦୁମାନଙ୍କୁ ଆକ୍ରମଣ କରାଯାଇଥିଲା । ଯାହାର ଅନେକ ଭିଡିଓ ସୋସିଆଲ ମିଡିଆରେ ସାମ୍ନାକୁ ଆସିଥିଲା । ବ୍ୟାପକ ମାତ୍ରାରେ ହିଂସା ପାଇଁ ଦେଶ ଛାଡି ପଡୋଶୀକୁ ପଳାୟନ କରିଥିଲେ ବାଂଲାଦେଶୀ । ଅନେକ ଜଳପଥ, ସ୍ଥଳପଥ ଦେଇ ରାଜ୍ୟରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଜାଣିବା ପରେ ଆଲର୍ଟ ମୋଡରେ ଆସିଥିଲେ ରାଜ୍ୟ ସରକାର । ଏଥିପାଇଁ ପୋଲିସ ଓ ସୁରକ୍ଷାକର୍ମୀଙ୍କୁ ଆଲର୍ଟ କରାଯାଇଥିଲା । ଏପରିକି କିଛି ସ୍ଥାନରେ ବାଂଲାଦେଶୀ ସନ୍ଦେହରେ ଲୋକଙ୍କୁ ଅଟକ ରଖି ହଇରାଣ କରାଯାଉଥିବା ସୂଚନା ଆସିଥିଲା । ସେ ସମୟରେ ସରକାର ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଚିହ୍ନଟ କରାଯିବା ନେଇ ସୂଚନା ଦେଇଥିଲେ ।

# ଏକାମ୍ର ପ୍ରକଳ୍ପ ସମୀକ୍ଷା ସହ ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନ କଲେ ମନ୍ତ୍ରୀ



**ଭୁବନେଶ୍ୱର, ୨/୯**
**ନ୍ୟୁଜ ବ୍ୟୁରୋ**
ସୋମବାର ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ,ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ର ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ପ୍ରଥମେ ସାନିଟୋରୀୟମ ଛକ ନିକଟରେ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏକାମ୍ର କ୍ଷେତ୍ରର ବିକାଶ ନିମନ୍ତେ ଏକାମ୍ର କ୍ଷେତ୍ର ପ୍ରକଳ୍ପ ଓ ଶ୍ରୀ ଲିଙ୍ଗରାଜ ମନ୍ଦିର ଉନ୍ନୟନ ନିମିତ୍ତ ପ୍ରକଳ୍ପକୁ ପରିଦର୍ଶନ କରିବା ସହ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଏକାମ୍ର କ୍ଷେତ୍ର ଯୋଜନାରେ ପବିତ୍ର ବିନ୍ଦୁ ସାଗରଠାରୁ ଆରମ୍ଭ କରି ଲିଙ୍ଗରାଜ ମନ୍ଦିର ଆଖପାଖ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦ୍ୱାରା ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଦିଗରେ ଏହି ପ୍ରକଳ୍ପ ସଫଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହା ପରେ ଏକାମ୍ର ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ଯଥାଶୀଘ୍ର ଏହାକୁ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ଦିରର ଚତୁଃପାର୍ଶ୍ୱ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ କଥା ହୋଇ ସ୍ଥାନୀୟ ସମସ୍ୟା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ଦିର ବ୍ୟତୀତ ଏହାର ଆଖପାଖ ଡ୍ରେନ୍ ସମସ୍ୟାର ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ଏକାମ୍ର କ୍ଷେତ୍ର ଭାବରେ ଜଣାଶୁଣା ପୁରୁଣା ଭୁବନେଶ୍ୱର ମାଳ ମାଳ ମନ୍ଦିର ସହ ପବିତ୍ର ପୁଷ୍କରିଣୀ, ନିଆରା ପରମ୍ପରା ଓ ସଂସ୍କୃତି ଏବଂ ଐତିହ୍ୟ ସମ୍ପନ୍ନ ସହର। ସେଥିପାଇଁ ଆମେ ଏହି ଅଞ୍ଚଳର ଐତିହ୍ୟର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଅବିରତ ଉଦ୍ୟମ କରି ଆସିଛୁ ଓ ଆଗକୁ ମଧ କରିବୁ ବୋଲି ବିଧାୟକ ବାବୁ ସିଂ କହିଛନ୍ତି। ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ର, ସୁଭାଷିନୀ ପୃଷ୍ଟି, ରଶ୍ମି ମହାପାତ୍ର, ସ୍ୱାଗତ ମହାପାତ୍ର, ତୃପ୍ତିମୟୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କିମ୍ସରେ ପ୍ରଥମ ଡେଙ୍ଗୁ ଟିକାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ୍ ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର, ୨।୯**
**ନ୍ୟୁଜ ବ୍ୟୁରୋ**
ଭାରତର ପ୍ରଥମ ସ୍ୱଦେଶୀ ଡେଙ୍ଗୁ ଟିକା 'ଡେଙ୍ଗିଆଲ୍' ପାଇଁ କ୍ଲିନିକାଲ୍ ପରୀକ୍ଷଣର ତୃତୀୟ ପର୍ଯ୍ୟାୟ ସୋମବାର କିମ୍ସରେ ଆରମ୍ଭ ହୋଇଛି । ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍ଆର) ସହଯୋଗରେ ପାନାସିଆ ବାୟୋଟେକ୍ ଦ୍ୱାରା ବିକଶିତ ସ୍ୱଦେଶୀ ଟେଟ୍ରାଭେଲାଣ୍ଟ ଡେଙ୍ଗୁ ଟିକାର କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବାକୁ ଏହି ପରୀକ୍ଷଣ ଆରମ୍ଭ କରାଯାଇଛି । ଭାରତର ୧୮ଟି ରାଜ୍ୟର ୧୮ଟି ସ୍ଥାନ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଓଡ଼ିଶାର ଏକମାତ୍ର ହସ୍ପିଟାଲ୍ ଭାବେ କିମ୍ସ ତୃତୀୟ ପର୍ଯ୍ୟାୟ ପରୀକ୍ଷା ପରିଚାଳନା ପାଇଁ ମନୋନୀତ ହୋଇଛି । ସଂପ୍ରତି ଭାରତରେ ଡେଙ୍ଗୁ ପ୍ରତିରୋଧୀ କୌଣସି ଆଣ୍ଟିଭାଇରାଲ୍ ଚିକିତ୍ସା କିମ୍ବା ଅଧିକୃତ ଟିକା ନାହିଁ । ଡେଙ୍ଗୁ ଜୀବାଣୁଙ୍କ ୪ଟି ସେରୋଟାଇପ୍ ମଧ୍ୟରେ ଭଲ ପ୍ରଭାବର ଆବଶ୍ୟକତା ପାଇଁ ପ୍ରଭାବଶାଳୀ ଟିକା ବିକଶିତ କରିବା ଜଟିଳ। ଟେଟ୍ରାଭେଲେଣ୍ଟ ଡେଙ୍ଗୁ ଟିକା ଷ୍ଟ୍ରେନ୍ (ଟିଭି୦୦୩/ଟିଭି୦୦୫) ମୂଳତଃ ଆମେରିକାର ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ ଦ୍ୱାରା ବିକାଶିତ ହୋଇଛି । ଷ୍ଟ୍ରେନ୍ ଗ୍ରହଣ କରିବାକୁ ତିନୋଟି ଭାରତୀୟ କମ୍ପାନୀ ମଧ୍ୟରୁ ପାନାସିଆ ବାୟୋଟେକ୍ ବିକାଶର ଶ୍ରେଷ୍ଠ ପର୍ଯ୍ୟାୟରେ ରହିଛି । ପ୍ରଥମ ପର୍ଯ୍ୟାୟ ଏବଂ ଦ୍ୱିତୀୟ କ୍ଲିନିକାଲ୍ ପରୀକ୍ଷା ୨୦୧୮-୧୯ରେ ଶେଷ ହୋଇ ଆଶାନୁରୂପ ଫଳ ଦେଇଥିଲା । ସୋମବାର କିମ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିମ୍ସର ଅଧ୍ୟକ୍ଷ ଡା. ଏ. ପି. ମହାନ୍ତି, କମ୍ୟୁନିଟି ମେଡିସିନ୍ ବିଭାଗ ମୁଖ୍ୟ ଡା. ସୋନାଲି କର, ମେଡ଼ିସିନ୍ ବିଭାଗ ମୁଖ୍ୟ ଡା. ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଶେଷଜ୍ଞ ଉପସ୍ଥିତ ଥିଲେ । ତେବେ ଏହି ପରୀକ୍ଷଣ ସଫଳତା ଆଣିବ ବୋଲି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି । ଡା. ସୋନାଲି କର ଓ ଡା. ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଇନ୍‌ଭେଷ୍ଟିଗେଟର ରହିଥିବା ବେଳେ ଡା. ପି. ସି ସାମନ୍ତରାୟଙ୍କ ନେତୃତ୍ୱରେ ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡା. ଦିପ୍ତି ପଟ୍ଟନାୟକ, କିମ୍ସ ସେଣ୍ଟ୍ରାଲ୍ ଲାବରେଟୋରୀର ନିର୍ଦ୍ଦେଶକ ଡା ସୌରଭ ପାତ୍ର ଏଥିରେ ସହଯୋଗ କରିଥିଲେ ।

## ଚିଟ୍‌ଫଣ୍ଡ ହିତାଧିକାରୀଙ୍କୁ କ୍ଷତିପୂରଣ ପ୍ରଦାନ ମାମଲା

# ରାଜ୍ୟ ସରକାର ଅନ୍ତରୀଣ କୋରଖ ଆଦେଶ ପ୍ରଦାନ କରିଛନ୍ତି : ମୁଖ୍ୟମନ୍ତ୍ରୀ

## ♦ ବର୍ଷକରେ ଜବତ ହେଲାଣି ୧୧୫,୭୫,୬୦,୯୬୫ ଟଙ୍କାର ସମ୍ପତ୍ତି



**ଭୁବନେଶ୍ୱର, ୨/୯**
**ନ୍ୟୁଜ ବ୍ୟୁରୋ**
ଅଦ୍ୟାବଧି ଚିଟ୍‌ଫଣ୍ଡ ହିତାଧିକାରୀଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବିଧାୟକ ଚକ୍ରମଣି କହଁର ପଚାରିଥିବା ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ କହିଛନ୍ତି ଯେ, ଅଦ୍ୟାବଧି ୬୬ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ ନିମନ୍ତେ ୮୯ ପ୍ରସ୍ତାବକୁ ଅନୁଧାନ କରିବା ପରେ ରାଜ୍ୟ ସରକାର ଅନ୍ତରୀଣ କୋରଖ ଆଦେଶ ପ୍ରଦାନ କରିଛନ୍ତି। ଏଥିମଧ୍ୟରୁ ନିର୍ଦ୍ଧାରିତ ନ୍ୟାୟାଳୟମାନେ ୩୯ଟି କେସ୍‌ରେ ସରକାରଙ୍କ ଅନ୍ତରୀଣ କୋରଖ ଆଦେଶକୁ କାଏମ ରଖିଛନ୍ତି। ୨୫ଗୋଟି ବେଆଇନ ଆର୍ଥିକ ପ୍ରତିଷ୍ଠାନର ବାଜ୍ୟାପ୍ତ ସ୍ଥାବର ସମ୍ପତ୍ତି ନିଲାମ କରି ୮ କୋଟି ୯୩ ଲକ୍ଷ ୫୨ ହଜାର ୪୩୨ ଟଙ୍କା ପ୍ରାପ୍ତ ହୋଇଛି। ସମ୍ପ୍ରତି ୩ଟି ବେଆଇନ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକର ସମ୍ପତ୍ତି ନିଲାମ ଏବଂ ବ୍ୟାଙ୍କ ଜମା ଜବତ ଅର୍ଥରୁ ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଫେରସ୍ତ ପ୍ରକ୍ରିୟା ଚାଲୁ ରହିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ ଦର୍ଶାଇଛନ୍ତି ରୋଜଭ୍ୟାଲି ଗ୍ରୁପ୍ ଅଫ କମ୍ପାନୀର ସମ୍ପତ୍ତି ନିଲାମ ଏବଂ ବ୍ୟାଙ୍କରୁ ଜବତ ହୋଇଥିବା ଅର୍ଥରୁ ୧୭୯୬୦୯୪ଜଣ ଜମାକାରୀଙ୍କୁ ୬୫,୨୬,୬୬,୪୮୭ ଟଙ୍କା ଫେରସ୍ତ କରାଯାଇଛି। ସେହିପରି ଗୋଲଡ଼େନ ଲ୍ୟାଣ୍ଡ ଡ଼େଭଲପର୍ସ ଗ୍ରୁପର ସମ୍ପତ୍ତି ନିଲାମ ଓ ବ୍ୟାଙ୍କରୁ ଜବତ ହୋଇଥିବା ଅର୍ଥରୁ ୧୭ ହଜାର ୭୬୨ ଜଣ ଜମାକାରୀଙ୍କୁ ୬,୦୪,୫୨,୮୩୭ ଟଙ୍କା ଫେରସ୍ତ କରାଯାଇଛି। ହାଇଟେକ୍ ଇଷ୍ଟେଟ ଗ୍ରୁପ୍ କମ୍ପାନୀର ସମ୍ପତ୍ତି ନିଲାମ ଓ ବ୍ୟାଙ୍କରୁ ଜବତ ଅର୍ଥରୁ ୧୦୦୧ଜଣ ଜମାକାରୀଙ୍କୁ ୮୩୦୦୭୪୩୦ ଟଙ୍କା ଫେରସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।
ଗତ ଦୁଇମାସ ମଧ୍ୟରେ ଜୁନ୍ ୧୨ ତାରିଖରୁ ଅଗଷ୍ଟ ୨୫ ତାରିଖ ମଧ୍ୟରେ ନୂତନ ସରକାର ଆସିବା ପରେ ୩୯ ଜଣ ସରକାରୀ କର୍ମଚାରୀଙ୍କ ଉପରେ ଭିଜିଲାନ୍ସ ରେଡ଼ ହୋଇଛି ଏବଂ ୪୯,୩୫,୯୮,୭୧୪ ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି (ସ୍ଥାବର, ଅସ୍ଥାବର) ଜବତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ପ୍ରକାଶ କରିଛନ୍ତି। ବିଧାୟିକା ଉପାସନା ମହାପାତ୍ରଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଗତ ୧ ବର୍ଷ ମଧ୍ୟରେ ରେଡ଼ ହୋଇ ଜବତ ହୋଇଥିବା ସମ୍ପତ୍ତି ମୂଲ୍ୟ ୧୧୫,୭୫,୬୦,୯୬୫ ଟଙ୍କା।

# ଚନ୍ଦକା ଗୋଡ଼ିବାରିରେ ଆଖି ବୁଜିଲା ଅସୁସ୍ଥ ହାତୀ

**ଭୁବନେଶ୍ୱର, ୨/୯ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସ୍ଥିତ ଚନ୍ଦକା ଗୋଡ଼ିବାରିରେ ଅସୁସ୍ଥ ହାତୀ ଛୁଆର ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ହାତୀ ଛୁଆର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ ହାତୀ ଛୁଆଟିର ବୟସ ପ୍ରାୟ ୩ବର୍ଷ । ହାତୀ ଛୁଆଟି ବଲାଙ୍ଗୀର ଜିଲ୍ଲା ଦେଓଗାଁରୁ ଆସିଥିଲା। କିଛି ଦିନ ତଳେ ସେ ଅସୁସ୍ଥ ହୋଇପଡ଼ିଥିଲା। ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡ଼ିବାରି ହାତୀ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ତା'ର ଚିକିତ୍ସା କରାଯାଉଥିଲା। ସପ୍ତାହେ ହେବ ନନ୍ଦନକାନନ ଓ ଓୟୁଏଟି ଟିମ୍ ତା'କୁ ସୁସ୍ଥ କରିବାରେ ଲାଗିଥିଲେ। ଖାଇପିଇ ପାରୁନଥିବାରୁ ଲଗାତାର ସାଲାଇନ ଦିଆଯାଉଥିଲା। ହାତୀଟିର ପାଟି ଘା' ହୋଇ ଯାଇଥିବାରୁ ତାକୁ ଆଣ୍ଟି ବାୟୋଟିକ୍ ଦେଉନଥିଲେ ଡାକ୍ତର। ହାତୀ ଛୁଆକୁ ସୁସ୍ଥ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ। ଶେଷରେ ହାତୀ ଛୁଆଟିର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ରିପୋର୍ଟ ମୁତାବକ, ତାଳ ଖାଇବା ପରେ ହାତୀଛୁଆର ତଣ୍ଟିରେ ଏହା ଲାଖି ରହିଥିଲା। ତଣ୍ଟିରେ ତାଳ ଲାଖି ରହିବାରୁ ହାତୀଛୁଆ ଖାଇପିଇ ପାରୁ ନ ଥିଲା। ଦୁଇ ଦିନ ତଳେ ତାଳକୁ ପାକସ୍ଥଳୀକୁ ଖସାଇ ଦିଆଯାଇଥିଲା। ହେଲେ ସେତେବେଳକୁ ହାତୀଛୁଆଟି ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ଯାଇଥିଲା। ହେଲେ ଚିକିତ୍ସିତ ଅବସ୍ଥାରେ ହାତୀଛୁଆର ମୃତ୍ୟୁ ଘଟିଥିଲା।

# ଡାକ୍ତରୀ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରାଯିବ : ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର, ୨/୯ ନ୍ୟୁଜ ବ୍ୟୁରୋ**
ଓଡ଼ିଶାରେ ଡାକ୍ତରୀ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସମ୍ପୃକ୍ତ ବିଷୟକୁ ଅନୁଧ୍ୟାନ କରି ଓଡ଼ିଆ ଭାଷାରେ ଅନୁବାଦ ହେବାକୁ ଥିବା ଏମ୍‌ବିବିଏସ୍ ଶିକ୍ଷା ପାଇଁ ଅତ୍ୟାବଶ୍ୟକ ପାଠ୍ୟପୁସ୍ତକ ଗୁଡ଼ିକୁ ଚିହ୍ନଟ କରିବା ଏବଂ କାର୍ଯ୍ୟ କରିବା ପାଇଁ ସମୟ ନିର୍ଦ୍ଧାରଣ କରିବା ସହିତ ଏ ବାବଦରେ ଆବଶ୍ୟକୀୟ ଅର୍ଥରାଶି ଆକଳନ କରି



ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।
ବିଧାନସଭାରେ କଂଗ୍ରେସ ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନର ଲିଖିତ ଉତ୍ତର ରଖିଛନ୍ତି ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ । ରାଜ୍ୟର ମୋଟ୍ ୩ହଜାର ୫ଶହ ୧୦ ଟି ଗାଁରେ ମୋବାଇଲ ନେଟ୍‌ୱାର୍କ ଉପଲବ୍ଧ ନାହିଁ । ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧ହଜାର ୬୨ଟି ଗାଁର ଲୋକ ମୋବାଇଲ ନେଟ୍‌ୱର୍କ ସେବାରୁ ବଞ୍ଚିତ । ସମସ୍ତ ଗାଁକୁ ମୋବାଇଲ ନେଟ୍‌ୱର୍କ ଯୋଗାଇ ଦେବା ପାଇଁ ଜିଲ୍ଲାର ସମସ୍ତ ମୋବାଇଲ ଟାୱାରକୁ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ । ଭାରତ ସରକାର ଏନେଇ ଦୂରସଞ୍ଚାର ବିଭାଗ ଲକ୍ଷ୍ୟ ଧାର୍ଯ୍ୟ କରିଥିବା କହିଛନ୍ତି ଆଇଟି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ।
ସେହିପରି କଟକ ଏସ୍‌ସିବି ମେଡ଼ିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ ମୋଟ ୪୪୭୪କୋଟି ୪୯ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ୨୦୨୨ରୁ ଆରମ୍ଭ କରାଯାଇଥିବା ଏହି ପ୍ରକଳ୍ପ କାର୍ଯ୍ୟ ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଧାୟକ ସୌଭିକ ବିଶ୍ୱାଳଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି।

# ବିଧାନସଭାରେ ବିଧାୟକ ନୃସିଂହ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୨/୯ ନ୍ୟୁଜ ବ୍ୟୁରୋ**
ସମ୍ବଲପୁରର ପୂର୍ବତନ ବିଧାୟକ ଶ୍ରୀ ନୃସିଂହ ଗୁରୁଙ୍କ ପରଲୋକରେ ସୋମବାର ବିଧାନସଭାରେ ଶୋକ ପ୍ରକଟ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।
ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ୧୦.୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ କରିବା ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଥମେ ଦିବଂଗତ ପୂର୍ବତନ ବିଧାୟକ ନୃସିଂହ ଗୁରୁଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ସହ ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ। ଶୋକ ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ପକ୍ଷରୁ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀ ରାମଚନ୍ଦ୍ର କାଡ଼ାମ ଏବଂ ଶେଷରେ ବାଚସ୍ପତି ଶ୍ରୀମତୀ ପାଢୀ ଦିବଂଗତ ପୂର୍ବତନ ବିଧାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏବଂ ଏହା ସହିତ ଗୃହରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ପାରାଦୀପରେ ମାଲବାହୀ ଟ୍ରେନ ଲାଇନଚ୍ୟୁତ



**ପାରାଦ୍ୱୀପ, ୨/୯**
**ନ୍ୟୁଜ ବ୍ୟୁରୋ**
ପାରାଦୀପ ବାଉରିଆପାଳନ୍ଦା ନିକଟରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହୋଇଛି। ଟ୍ରେନଟି ଲାଇନଚ୍ୟୁତ ହେବା ଯୋଗୁ କୌଣସି କ୍ଷୟକ୍ଷତି ହୋଇନଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ଟ୍ରେନଟି ମାଲ ଲୋଡିଂ ପାଇଁ ଯାଉଥିବା ବେଳେ ଲାଇନଚ୍ୟୁତ ହୋଇଥିଲା। ଟ୍ରେନର ଗୋଟିଏ ବଗି ଟ୍ରାକରୁ ଖସି ଯାଇଥିଲା। ଅନ୍ୟ ଏକ ବଗି ଟ୍ରାକ ବାହାରକୁ ଆସି ଓଲଟି ପଡ଼ିଥିଲା। ପୋର୍ଟ କର୍ମଚାରୀ ଓ ରେଲୱେ ବିଭାଗର କର୍ମଚାରୀ ପହଞ୍ଚି ଟ୍ରାକ ମରାମତି କରିଥିବା ଜଣାପଡିଛି।

# ରାହୁଲ କର୍ଣ୍ଣ ହେଲେ ଓଡ଼ିଶାର ଆୟକର ପ୍ରଧାନ ମୁଖ୍ୟ କମିଶନର

**ଭୁବନେଶ୍ୱର,୨।୯ ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ରାହୁଲ୍ କର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ କର୍ଣ୍ଣ ୧୯୮୯ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଭାବେ ଓଡ଼ିଶାରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ବିହାର ଏବଂ ଝାଡ଼ଖଣ୍ଡରେ ଆୟକର (ଅନୁସନ୍ଧାନ)ର ମହାନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲାଇଛନ୍ତି। ଏହାପୂର୍ବରୁ ସେ ମୁମ୍ବାଇରେ ବ୍ୟାଙ୍କ ଅଫ ଇଣ୍ଡିଆ (ବିଓଆଇ) ସହିତ ଡେପୁଟେଶନରେ ଥିଲେ।

# ୫ ବର୍ଷରେ ସର୍ପାଘାତରେ ଗଲାଣି ୧୭୫ ଜୀବନ



**ଭୁବନେଶ୍ୱର, ୨/୯**
**ନ୍ୟୁଜ ବ୍ୟୁରୋ**
ଢେଙ୍କାନାଳ ଜିଲ୍ଲାରେ ଚିନ୍ତା ବଢ଼ାଇଲେଣି ୮ ପ୍ରକାରର ବିଷାକ୍ତ ସାପ। କାରଣ ଗତ ୫ ବର୍ଷ ମଧ୍ୟରେ ସର୍ପାଘାତ ଜନିତ ମୃତ୍ୟୁ ସଂଖ୍ୟା ୧୭୫ରେ ପହଞ୍ଚିଲାଣି । ଯାହାକୁ ନେଇ ଏବେ ଜିଲ୍ଲାବାସୀ ଭୟରେ ରହିଛନ୍ତି । ଜିଲ୍ଲାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସ୍ନେକ୍ ଆଣ୍ଟିଭେନମ ଇଞ୍ଜେକସନ ରହୁ ନଥିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଲୋକେ ନିର୍ଭର କରୁଛନ୍ତି । ସାପ କାମୁଡ଼ିଥିବା ବ୍ୟକ୍ତିଙ୍କୁ ଜିଲ୍ଲା ଡାକ୍ତରଖାନା ନେବା ବାଟରେ ଅନେକଙ୍କ ମୃତ୍ୟୁ ହେଉଛି । ତେଣୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ପ୍ରଚୁର ପରିମାଣର ସାପ କାମୁଡା ଇଞ୍ଜେକସନ୍ ମହଜୁଦ ରଖିବାକୁ ସାଧାରଣରେ ଦାବି ହେଉଛି । ଅନ୍ୟପଟେ ବିଷାକ୍ତ ସାପଙ୍କ ହଟସ୍ପଟ ଢେଙ୍କାନାଳ ବୋଲି ମତ ଦେଇଛନ୍ତି ବନ୍ୟଜନ୍ତୁ ଓ ସର୍ପ ଉଦ୍ଧାରକାରୀ ଦଳର ସଦସ୍ୟ । ବିଶେଷ କରି ମେ' ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସାପ ଭୟ ରହିଥାଏ । ସାପମାନେ ଅଣ୍ଡା ଦେବା ସହ ଏଣେ ତେଣେ ବୁଲିଥାନ୍ତି । ତେଣୁ ଏହି ବର୍ଷା ଦିନରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି ସ୍ନେକ୍ ହେଲ୍ପଲାଇନ୍ ସଦସ୍ୟ । ଢେଙ୍କାନାଳରେ ଗତ ୫ ବର୍ଷରେ ସାପ କାମୁଡ଼ାରେ ମୃତ୍ୟୁ ସଂଖ୍ୟା ଦେଖିବାକୁ ଗଲେ, ୨୦୧୮-୧୯ରେ ୩୨ ଜଣ । ୨୦୧୯-୨୦ରେ ୩୧ ଜଣ । ୨୦୨୦-୨୧ରେ ସର୍ବାଧିକ ୪୮ ଜଣ । ୨୦୨୧-୨୨ରେ ୩୨ ଜଣ ଓ ୨୦୨୨-୨୩ରେ ୩୨ ଜଣଙ୍କ ଜୀବନ ବିଷାକ୍ତ ସାପ ଚୋଟରେ ଯାଇଛି । ବିଶେଷ କରି ଗଁନ୍ଦିଆ ତହସିଲ୍ ଅଞ୍ଚଳ ସର୍ପ ଆଘାତ ମୃତ୍ୟୁର ହଟସ୍ପଟ୍ ପାଲଟିଛି । କାରଣ ପାଞ୍ଚ ବର୍ଷରେ ଏଠାରେ ସର୍ପାଘାତରେ ୪୧ ଜଣଙ୍କ ଜୀବନ ଯାଇଥିବା ସୂଚନା ରହିଛି । ବିଶେଷ କରି ଗ୍ରାମାଞ୍ଚଳ ମାନଙ୍କରେ ଲୋକେ ଅଧିକା ସାପ କାମୁଡାର ଶିକାର ହୋଇଛନ୍ତି । ତେଣୁ ସବୁ ସ୍ଥାନରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ସାପ କାମୁଡା ଇଞ୍ଜେକସନ କାହିଁକି ପର୍ଯ୍ୟାପ୍ତ ପରିମାଣର ରହୁନାହିଁ ସେ ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ । ତେବେ ଜିଲ୍ଲାରେ ସାପ କାମୁଡା ଜନିତ ମୃତ୍ୟୁ ହାର ବଢୁଥିବାରୁ ଲୋକେ ଭୟଭୀତ ରହିଛନ୍ତି ।

# ରାଜଧାନୀରେ ଠିଆ ହୋଇଛି ୧୯୧ ବେଆଇନ ଆପାର୍ଟମେଣ୍ଟ : ବୁଲିବ ବୁଲ୍‌ଡୋଜର

**ଭୁବନେଶ୍ୱର,୨/୯ ନ୍ୟୁଜ ବ୍ୟୁରୋ**
ପାଳିତ ହୋଇଯାଇଛି ୪୨ ତମ ବିଡ଼ିଏ ପ୍ରତିଷ୍ଠା ଦିବସ । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିଷ୍ଠା ଦିବସର ଉଦ୍ଘାଟନ କରିଥିଲେ । ଏହି ଅବସରରେ ବିଡ଼ିଏ କର୍ମଚାରୀଙ୍କ ପେନସନ ଚର୍ଚ୍ଚା ଜୋର ଧରିଥିବା ବେଳେ ପେନସନ ପାଇବା ଅଧିକାରୀଙ୍କ ଅଧିକାର । ଏନେଇ ବିଭିନ୍ନ ବିଭାଗ ସହ ଆଲୋଚନା କରିବା ପରେ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଥିଲେ । ଆଇନ ଓ ଅର୍ଥବିଭାଗ ସହ ଆଲୋଚନା କରାଯିବା ପରେ ନିଷ୍ପତ୍ତି ନିଆଯିବ । ସେହିପରି ବେଆଇନ୍ ଆପାର୍ଟମେଣ୍ଟ ନିର୍ମାଣ ପ୍ରସଙ୍ଗରେ ସେ କହିଛନ୍ତି ସରକାର କଠୋର ଭାବେ ଏହି ପ୍ରସଙ୍ଗରେ ରହିଛନ୍ତି । ଯେଉଁମାନେ ଡ୍ରେନେଜ ଅବରୋଧ କରୁଛନ୍ତି ତା'ଉପରେ ଆଲୋଚନା ପରେ ବିଚାର କରାଯିବ ଆଉ ଅବରୋଧକୁ ନେଇ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି । ବର୍ଷା ଋତୁ ପରେ ଏନେଇ ବିସ୍ତାରିତ କାର୍ଯ୍ୟ କରାଯିବ । ସବୁଠାରୁ ବଡ କଥା ହେଉଛି ୨୪ ବର୍ଷରେ ଯାହା ହୋଇନାହିଁ ୨୪ ମାସରେ ହେବା ସମ୍ଭବ ନୁହେଁ । ତଥାପି ଡବଲ ଇଞ୍ଜିନ ସରକାର ଡବଲ ସ୍ପିଡରେ



କାର୍ଯ୍ୟ କରିବ । ଏଥିପାଇଁ ଅଧିକାରୀ କର୍ମଚାରୀ ଓ ଲୋକଙ୍କର ସହଯୋଗର ଆବଶ୍ୟକତା ରହିଛି । ଆଗକୁ ଅଧା ପଡିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ନୂଆ ପ୍ରକଳ୍ପ ମଧ୍ୟ ସରକାର କରିବାର ସଂକଳ୍ପ ନେଇଛନ୍ତି ବୋଲି କହିଛନ୍ତି ମନ୍ତ୍ରୀ । ବହୁତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଉଛନ୍ତି । ରିଂ ରୋଡ଼, ନୂଆ ଯୋଜନାରେ ନୂତନ ସହର କଳେବର ହେବ ଯେଉଁଠି ଲୋକମାନଙ୍କ ମୌଳିକ ସୁବିଧା ସୁଯୋଗ ସହ ପ୍ଲାନିଂରେ କାର୍ଯ୍ୟ ହେବ ବୋଲି ମନ୍ତ୍ରୀ କହିଛନ୍ତି । ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଭୁବନେଶ୍ୱର ବିକାଶ ପରିଷଦ (ବିଡିଏ) ଅଧିନରେ ୧୯୧ଟି ବେଆଇନ ନିର୍ମାଣାଧିନ ଆପାର୍ଟମେଣ୍ଟ ଚିହ୍ନଟ ହୋଇଛି । ସେସବୁ ଖୁବ୍‌ଶୀଘ୍ର ଭଙ୍ଗାଯିବ । ସେହିପରି ଏହି ଅବସରରେ ମନ୍ତ୍ରୀ କହିଛନ୍ତି, 'ଭୁବନେଶ୍ୱରରେ ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସହରୀ ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଭୁବନେଶ୍ୱରକୁ ଏକ ବିଶ୍ୱସ୍ତରୀୟ ସହରରେ ପରିଣତ କରିବା ଲକ୍ଷ୍ୟରେ ସହରର ବିକାଶ, ସବୁଜିମା ବଜାୟ ରଖିବା ଏବଂ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କର୍ତ୍ତୃପକ୍ଷ ଏବଂ ଜନସାଧାରଣଙ୍କ ସହଯୋଗ ନିଆଯିବ । ସେହିପରି ମେୟର ସୁଲୋଚନା ଦାସ ଭୁବନେଶ୍ୱରକୁ ଏକ ସମାବେଶୀ ସହରରେ ପରିଣତ କରିବା ଏବଂ ଜଳବାୟୁ ପରିବର୍ତ୍ତନର ଆହ୍ୱାନର ମୁକାବିଲା ଦିଗରେ ବିଡିଏର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ସହରର ଦ୍ରୁତ ଅଭିବୃଦ୍ଧି ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ସହରାଞ୍ଚଳ ବାସହୀନଙ୍କୁ ଆଶ୍ରୟ ପ୍ରଦାନ କରୁଥିବା ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ଦେବାକୁ ଏକାମ୍ର ବିଧାୟକ ବାବୁ ସିଂହ ବିଡିଏକୁ ଅନୁରୋଧ କରିଛନ୍ତି । ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ବିଡିଏ କର୍ମଚାରୀଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି ଦୋହରାଇଛନ୍ତି । ଏହି ଅବସରରେ ମନ୍ତ୍ରୀ ବିଡିଏର ବାର୍ଷିକ ବିବରଣୀ ଉନ୍ମୋଚନ କରିବା ସହ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୭% ନମ୍ବର ରଖିଥିବାରୁ ବିଡିଏ କର୍ମଚାରୀ ସୁବାସିନୀ ପରିଡ଼ାଙ୍କ ପୁଅ ଅମ୍ଲାନ ସିଂଙ୍କୁ ସାର୍ଟିଫିକେଟ୍ ଓ ନଗଦ ୧୦ ହଜାର ଟଙ୍କା ସହ ସମ୍ମାନିତ କରିଥିଲେ । ତେବେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ୪୨ତମ ପ୍ରତିଷ୍ଠା ଦିବସ ଜୟଦେବ ଭବନରେ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଓ ସାଧାରଣ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ତିରୁମାଲା ନାୟକ, ବିଡିଏ ସଚିବ ସ୍ନିଗ୍ଧାରାଣୀ ଧଳ ଓ ବିଡିଏ କର୍ମଚାରୀ ଇଉନାଇଟେଡ଼ ଫୋରମର ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


## ଏବେ ବଜାରରେ ଉପଲବ୍ଧ
## 'କଥାକଳିକା': ସେପ୍ଟେମ୍ବର ସଂଖ୍ୟା-୨୦୨୪




### ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ମନୋଜ ମହାପାତ୍ର
**ସମକାଳର କଥା :** ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସନ୍ତୋଷୀ ସ୍ୱାଇଁ, ଡ. ମାଙ୍ଗଳିକା ମହାପାତ୍ର, ସୁକାନ୍ତ ମହାରଣା, ଅମ୍ବିକା ସ୍ୱାଇଁ, ବିନୋଦିନୀ ଗନ୍ତାଏତ, ଭାଗିରଥୀ ବେହେରା।
**କଥାର କଥା :** ପୁଷ୍ପାଞ୍ଜଳି କରଙ୍କ -ଅହଲ୍ୟା, ଆଲୋଚନା : ବନଜଦେବୀ।
**ଅନ୍ୟ ଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ରୀନାରାଣୀ ରାଉତରାୟ, ତପସ୍ୱିନୀ ଦାଶ ଷଡଙ୍ଗୀ।
କଥା ସାଗର (ଅବଶିଷ୍ଟାଂଶ) ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)